# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, September 13/2024 | Page 20 | ₹ 7.00

୫୦ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 290 | ମୂଲ୍ୟ ₹୭/-


# ବିବାହିତ ଝିଅଙ୍କୁ ବି ମିଳିବ ଅନୁକମ୍ପାମୂଳକ ନିଯୁକ୍ତି

ଭୁବନେଶ୍ୱର, ୧୨।୯ (ଅନିଲ ଦାସ)

ସରକାରୀ ଚାକିରି କରିଥିବା ମାତାପିତାଙ୍କ ଉପରେ ନିର୍ଭରଶୀଳ ଅବିବାହିତ ଝିଅ ଓ ଅବିବାହିତ ସାବତ ଝିଅଙ୍କ ଭଳି ବିବାହିତ ଝିଅ ଓ ବିବାହିତ ସାବତ ଝିଅମାନଙ୍କୁ (ବିବାହ ସ୍ଥିତି ନିର୍ବିଶେଷରେ) ଅନୁକମ୍ପାମୂଳକ ସହାୟତା ନିଯୁକ୍ତି ମିଳିବ। ସେମାନଙ୍କ ଆବେଦନକୁ ନିଯୁକ୍ତି ପାଇଁ ରାଜ୍ୟ ସରକାର ବିଚାରକୁ ନେବେ। ଏଥିପାଇଁ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ-୨୦୨୦ରେ ସଂଶୋଧନ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଗୁରୁବାର କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ସଂଶୋଧନ ଦ୍ୱାରା ଏଣିକି ସରକାରୀ କର୍ମଚାରୀ ଥିବା ମାତାପିତାଙ୍କ ମୃତ୍ୟୁ ଘଟିଲେ ତାଙ୍କ ଉପରେ ନିର୍ଭର କରୁଥିବା ବିବାହିତା ଝିଅ ଓ ସାବତ ଝିଅଙ୍କୁ ମଧ୍ୟ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ। ଏଥିପାଇଁ ସେମାନେ ଯୋଗ୍ୟ ବିବେଚିତ ହୋଇପାରିବେ। ପୂର୍ବରୁ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ-୨୦୨୦ ଅନୁଯାୟୀ କେବଳ ଅବିବାହିତା ଝିଅ ଓ ଅବିବାହିତା ସାବତ ଝିଅମାନଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ବିଚାର କରାଯାଉଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଏଥିରେ 'ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର (ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ, ୨୦୨୪'ର ପ୍ରଣୟନକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି ନିୟମାବଳୀ ଅନୁଯାୟୀ ରାଜ୍ୟରେ ସମସ୍ତ ୟୁନିଫର୍ମ ସେବାର ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ନିମନ୍ତେ ଅଗ୍ନିବୀରଙ୍କୁ କୌଣସି ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ସେମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ସହିତ ବୟସ ସୀମା ୩ ବର୍ଷ ପର୍ଯ୍ୟନ୍ତ କୋହଳ ସୁବିଧା ମିଳିବ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ରାଜ୍ୟର ୟୁନିଫର୍ମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର ନିୟମାବଳୀ-୨୦୨୪ର ପ୍ରଣୟନକୁ

☞ ପୃଷ୍ଠା-୪

## କ୍ୟାବିନେଟ୍ ନିଷ୍ପତ୍ତି

### ଅଗ୍ନିବୀରଙ୍କୁ ୟୁନିଫର୍ମ ସେବାରେ ୧୦% ସଂରକ୍ଷଣ

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର ଫିଚର୍ ପୃଷ୍ଠା 'କ୍ରୀଡ଼ା ଜଗତ' ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

## ବିକଳ୍ପ ନୀତି ଆବଶ୍ୟକ







**କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀରେ ବିକ୍ରି, ୨ଗିରଫ**

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା): କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀ ଭୁବନେଶ୍ୱରରେ ବେପାର କରୁଥିବାବେଳେ ଭରତପୁର ଥାନା ପୋଲିସ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ ସାମପୁର ବେହେରା ସାହିର ଲମ୍ବୋଧର ବେହେରା (୬୦) ଓ ରମେଶ ଚନ୍ଦ୍ର ବେହେରା(୬୪)। ଉଭୟଙ୍କଠାରୁ ୪.୬୫୯ କେଜି ଗଞ୍ଜେଇ ଓ ନଗଦ ୧,୯୦୦ ଟଙ୍କା ଜବତ କରିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୁକ୍ତ କନ୍ଧମାଳର ଗଞ୍ଜେଇ କାହାଠାରୁ ଆଣୁଥିଲେ, କେଉଁ ଗାଡ଼ିରେ ଆଣୁଥିଲେ ତାହାର ଅଧିକ ତଦନ୍ତ ଜାରି ରଖିଛି।

## ମାଲକାନଗିରି ବର୍ଷା କ୍ଷୟକ୍ଷତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ | ୭ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର)/ ଭୁବନେଶ୍ୱର(ଅନିଲ ଦାସ),୧୨।୯

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମାଲକାନଗିରି ଜିଲା ଗସ୍ତକରି ଲଗାଣ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନକରି ବିଏସ୍ଏଫ୍ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ ସିଂ, ନବରଙ୍ଗପୁର ଏମ୍‌ପି



ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଜିଲାରେ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧୀକ୍ଷକ ନୀତେଶ ବାଧ୍ୱାନୀ ଉପସ୍ଥିତ ଥିଲେ । ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନକରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାଙ୍ଗିଯାଇଥିବା କଚ୍ଚାଘର ନିମନ୍ତେ ସହାୟତା ଓ ବିଜୁଳି ସଂଯୋଗକୁ ସେ ଗୁରୁତ୍ୱ ଦେଇଥିଲେ। ଜଣେ ମଧ୍ୟ କ୍ଷତିଗ୍ରସ୍ତ ବ୍ୟକ୍ତି ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ୍ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ଜଳଜନିତ ରୋଗକୁ ପ୍ରତିହତ କରିବା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ କୁହାଯାଇଛି। ଜିଲା ଓ ପୋଲିସ ପ୍ରଶାସନର ପୂର୍ବ ପ୍ରସ୍ତୁତି ଯୋଗୁ ଜିରୋ କାଜୁଆଲ୍‌ଟି ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରିଲିଫ୍ କୋଡ୍ ଅନୁଯାୟୀ କ୍ଷୟକ୍ଷତିର ଆକଳନ କରାଯାଇ ପର୍ଯ୍ୟାପ୍ତ ସହାୟତା ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି। ସେପ୍ଟେମ୍ବର ୫ରେ ସୃଷ୍ଟ ଲଘୁଚାପ କ୍ଷେତ୍ର ୮ ତାରିଖରେ ଗଭୀର ଅବପାତରେ ପରିଣତ ହେବାରୁ ପରବର୍ତ୍ତୀ ୨ ଦିନ ଧରି ମାଲକାନଗିରି ଜିଲାରେ ଅତି ପ୍ରବଳ ବର୍ଷା ହୋଇଥିଲା।

## ଲଘୁଚାପ: ୧୪ରୁ ୧୬ ପ୍ରବଳ ବର୍ଷା ସମ୍ଭାବନା

### ମହାନଦୀରେ ବନ୍ୟା ଆଶଙ୍କା

ଭୁବନେଶ୍ୱର,୧୨।୯(ଅନିଲଦାସ)

ବାଂଲାଦେଶ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ପଶ୍ଚିମବଙ୍ଗ ଉପକୂଳ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତ (ଡିପ୍ରେସନ)ରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ଆସନ୍ତା ୧୩ରୁ ୧୬ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତେବେ ଲଘୁଚାପ ଯୋଗୁ ୧୪ ରୁ ୧୬ ତାରିଖ ଯାଏ ମଧ୍ୟ ପ୍ରଦେଶ ଓ ଛତିଶଗଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ମହାନଦୀ ଫୁଲିଲେ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ନେଇ ଆକଳନ କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ଅଛି। ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୧୩ରୁ ୧୫ ତାରିଖ ଯାଏ ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଗଭୀର ସମୁଦ୍ରରେ ଅଛନ୍ତି ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ୬ ଜିଲା ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଓ ବାଲେଶ୍ୱର ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ପୂର୍ବତନ ସରପଞ୍ଚଙ୍କୁ ମହିଳାଙ୍କ ଜୋତା ମାଡ଼

ବାସୁଦେବପୁର,୧୨।୯(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ମଧ୍ୟାହ୍ନରେ ଜଣେ ମହିଳା ସର୍ବସମ୍ମୁଖରେ ବାଲିମେଦ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ଜୋତାରେ ମାଡ଼ ମାରିଛନ୍ତି। ଏହାକୁ ନେଇ ବ୍ଲକ ଅଫିସ ପରିସରରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ବେଳେ ବାସୁଦେବପୁର ପୋଲିସ ଉକ୍ତ ମହିଳାଙ୍କୁ ଥାନାକୁ ନେଇ ଅଟକ ରଖିଛି। ସୂଚନା ଅନୁଯାୟୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଲିତା ବ୍ଲକ ଅଫିସ୍ ପରିସରରେ ଥିବାବେଳେ ହଠାତ୍ ମହିଳା ଜଣକ ଆସି କାହିଁକି ତାଙ୍କ ନାମରେ ଲୋକଙ୍କ ପାଖରେ ଭିନ୍ନ ମନ୍ତବ୍ୟ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଗାଳିଗୁଲଜ କରିବା ସହ ହଠାତ୍ ଜୋତା କାଢ଼ି ତାଙ୍କୁ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ଲୋକେ ଏହାକୁ ବିରୋଧ କରିଥିଲେ। ପୂର୍ବତନ ସରପଞ୍ଚ ଓ ମହିଳାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ବାସୁଦେବପୁର ପୋଲିସ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ନେଇଯାଇଥିଲା। ମହିଳା ଜଣକ ତାଙ୍କୁ ଏକାଧିକବାର ଗାଳିଗୁଲଜ କରିଥିବା ବେଳେ ଅତର୍କିତ ଭାବେ ମାଡ଼ ମାରିଛନ୍ତି ବୋଲି ପ୍ରଫୁଲ୍ଲ କହିଛନ୍ତି। ଅପରପକ୍ଷେ ପୂର୍ବତନ ସରପଞ୍ଚ ତାଙ୍କ ବିରୋଧରେ ଅଶ୍ଳୀଳ କଥା କହୁଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ଦୁଇପକ୍ଷର ଅଭିଯୋଗ ଆଧାରରେ ତଦନ୍ତ କରାଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

### ଓଡ଼ିଶାରେ ସ୍କ୍ରବ୍ ଟାଇଫସ ନେଲାଣି ୪ ଜୀବନ




## ବିଦ୍ୟୁତ୍ ତାରରେ ଛନ୍ଦିହୋଇ ମାଈ ହାତୀର ମୃତ୍ୟୁ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବୈଶିଙ୍ଗା(ରତନ ଦାଶ)/ ମୋରଡ଼ା(ସ୍ମାରକ ମାଜୀ),୧୨।୯

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ସଇତପୁର ପଞ୍ଚାୟତର ଜାମଶୁଳୀ ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଧାନକ୍ଷେତର ସୁରକ୍ଷା ପାଇଁ ଜିଆଇ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ବେଳେ ଏଥିରେ ଛନ୍ଦିହୋଇ ହାତୀର ପ୍ରାଣ ଯାଇଥିବା ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ କହିଛନ୍ତି। ବନ କର୍ମଚାରୀ ମୃତ୍ୟୁର କାରଣ ସମ୍ପର୍କରେ ଅନୁସନ୍ଧାନ ଚଳାଇଛନ୍ତି।

ବେତନଟୀ ରେଞ୍ଜ ବଡ଼ାମ ସେକ୍ସନ ଅଞ୍ଚଳରେ ୧୯ଟି ହାତୀ ବିଚରଣ କରୁଥିଲେ। ଗୋଠରୁ ଅଲଗାହୋଇ ୧୩ ବର୍ଷର ଏକ ମାଈ ହାତୀ ଜାମଶୁଳୀ ଗାଁମୁହାଁ ହୋଇଥିଲା। ଗାଁ ପାଖରେ ଧାନକ୍ଷେତକୁ ସୁରକ୍ଷା ଦେବା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତା'ର ମୃତ୍ୟୁ ହୋଇଥିଲା। ହାତୀ ଶୁଣ୍ଢରେ ବିଦ୍ୟୁତ୍ ତାର ଲାଗିଥିବା ଦେଖିବାକୁ ମିଳିଛି। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ରାମ ହେମ୍ବ୍ରମଙ୍କ ଜମିରେ ପଡ଼ିଥିବା ହାତୀ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି । ଡାକ୍ତରୀ ଦଳ, ଭୁବନେଶ୍ୱରରୁ ଆସିଥିବା ଏସ୍‌ଟିଏଫ୍‌ର ଅଧିକାରୀ, ବାରିପଦା ଡିଏଫ୍‌ଓ, ବେତନଟୀ ରେଞ୍ଜର ମନୱର ଖାଁ, ସାଇଣ୍ଟିଫିକ୍ ଟିମ୍‌ଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ହାତୀ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ବିଦ୍ୟୁତ୍ ତାର ବିଛାଇବାରେ ଏକାଧିକ ଲୋକ ସାମିଲଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବନ ବିଭାଗ ସୂଚନା ଦେଇଛି। ବିଦ୍ୟୁତ୍ ସଂଯୋଗ କରି ହାତୀକୁ ମାରିଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ମହେଶ ପ୍ରକାଶ କରିଛନ୍ତି।


ମୃତ ମାଈ ହାତୀ

## ଆଶ୍ରମ ସ୍କୁଲରେ ଗରମ ଡାଲି ପଡ଼ି ଛାତ୍ର ଗୁରୁତର

ପଦ୍ମପୁର, ୧୨।୯ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଡେରିଗା ଆଶ୍ରମ ସ୍କୁଲରେ ବୁଧବାର ରାତିରେ ଖାଦ୍ୟ ପାଇଁ ପ୍ରସ୍ତୁତ ହେଉଥିବା ଗରମ ଡାଲିକୁ ସ୍କୁଲ ପିଅନ ନେଇ ଯାଉଥିବାବେଳେ ୫ମ ଶ୍ରେଣୀ ଛାତ୍ର ମାନସ ଶବର (୧୧)ଙ୍କ ଉପରେ ପଡ଼ିଯାଇଥିଲା। ତାଙ୍କ ଶରୀରର ୨୫ ଭାଗ ପୋଡ଼ିଯାଇଛି। ଘଟଣାକୁ ଲୁଚାଇବାକୁ ପିଅନ ସୂର୍ଯ୍ୟାରାଓ କାଡଙ୍କା ଛାତ୍ରଙ୍କୁ ତାଙ୍କ ଘରେ ଛାଡ଼ି ଦେଇଥିଲେ। ଗୁରୁବାର ସକାଳୁ ଜଳାପୋଡ଼ାରେ ଛଟପଟ ପିଲାକୁ ଧରି ବିଧବା ମା' ମେଡିକାଲରେ ପହଞ୍ଚିଥିଲେ। ବ୍ଲକ୍ ମଙ୍ଗଳ ଅଧିକାରୀ ସସ୍ମିତା ରଥ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ପିଲା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବର୍ନ ୟୁନିଟ୍‌କୁ ସ୍ଥାନାନ୍ତର କରିଛନ୍ତି। ପଦ୍ମପୁରର ଗଣମାଧ୍ୟମ ପ୍ରତିନିଧିମାନେ ଘଟଣା ସମ୍ପର୍କରେ ଜାଣିବା ପରେ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ଓ ବ୍ଲକ୍ ମଙ୍ଗଳ ଅଧିକାରୀ ସସ୍ମିତା ରଥଙ୍କୁ ଅବଗତ କରିଥିଲେ। ମେଡିକାଲ ପକ୍ଷରୁ ଏ ନେଇ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ଘଟଣାକୁ କେଉଁ କାରଣରୁ ଲୁଚାଇବାକୁ ଉଦ୍ୟମ କରାଯାଉଥିଲା, ନା ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ କରାଯିବାକୁ ଦାବି ହୋଇଛି। ପଦ୍ମପୁର ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ହାରିସ୍‌ଙ୍କ ପ୍ରଚାରରେ ଓଡ଼ିଆ ପୁଅ ସମୟ

ରାୟଗଡ଼ା,୧୨।୯ (ଆଶିଷ ରଞ୍ଜନ ପଣ୍ଡା)

ଆମେରିକା ରାଜନୀତିରେ ଓଡ଼ିଆ ପୁଅ ସମୟ ସାହୁ ସକ୍ରିୟ ଭୂମିକା ତୁଲାଉଛନ୍ତି। ସେ ଆମେରିକା ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍‌ଙ୍କ ପାଇଁ ନିର୍ବାଚନ ପ୍ରଚାର କରି ଚର୍ଚ୍ଚାରେ ରହିଛନ୍ତି ରାୟଗଡ଼ାର ସମୟ। ଏବେ ସେ ପରିବାର ସହ ଆମେରିକାରେ ରହୁଛନ୍ତି। ମାତ୍ର ୨୧ ବର୍ଷରେ ଆମେରିକା ଭଳି ପ୍ରଭାବଶାଳୀ ରାଷ୍ଟ୍ରର ସକ୍ରିୟ ରାଜନୀତିରେ ତାଙ୍କର ଏଭଳି ଭୂମିକା ଏବେ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଡେମୋକ୍ରାଟମାନଙ୍କ ପାଇଁ ଭାଷଣ କିମ୍ବା ରାଲିରେ ସମ୍ବୋଧନ ଦେଇ ବେଶ ଚର୍ଚ୍ଚାରେ ରହିଛନ୍ତି ସମୟ। ପିଲା ଦିନରୁ ଚାକିରି କରିବାକୁ ନିଷ୍ପତ୍ତି ନେଇଥିଲେ ହେଁ ରାଜନୀତି ହିଁ ତାଙ୍କର ପସନ୍ଦ। ଏହାକୁ ସେ ଛାଡ଼ିପାରିବେ ନାହିଁ ବୋଲି ତାଙ୍କ ବାପା ମାନସ ସାହୁ କହିଛନ୍ତି। ମାନସ ମୟୂରଭଞ୍ଜ ଜିଲାର ମୂଳ ବାସିନ୍ଦା। ତାଙ୍କର ଅଧିକାଂଶ ସମୟ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ବିତିଛି। ତାଙ୍କ ବାପା ଏଠାରେ ଚାକିରି କରିଥିବା ଯୋଗୁ ରାୟଗଡ଼ା ସହ ତାଙ୍କର ପରିଚୟ ବହୁ ପୁରୁଣା। ହେଲେ ମାନସ ଚାକିରି ପାଇବା ପରେ ଆମେରିକା ଚାଲି ଯାଇଥିଲେ। ପରିବାର ସହ ସେ ଆମେରିକାର ନ୍ୟୁ ହମ୍ପଶାୟାରସ୍ଥିତ ନାସୁଆ ସହରରେ ରହୁଛନ୍ତି। ୨୦୦୮ରେ ବାରାକ୍ ଓବାମାଙ୍କ ରାଷ୍ଟ୍ରପତି ନିର୍ବାଚନ ଚାଲିଥିବାବେଳେ ସମୟ ଡେମୋକାଟ୍ରିକ୍ ପାର୍ଟି ବିଷୟରେ ଜାଣିବା ପାଇଁ ଆଗ୍ରହ ଦେଖାଇ ପରେ ଛାତ୍ର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମୟ ଗତବର୍ଷ କଲେଜ ଜୀବନ ଆରମ୍ଭ କରିଛନ୍ତି। ୨୦୨୨-୨୩ରେ ସେ ଡେମୋକାଟ୍ରିକ୍ ପାର୍ଟିର ଏକ ଗୁରୁଦାୟିତ୍ୱ ତୁଲାଇଥିଲେ। ହାଇସ୍କୁଲ ଡେମୋକ୍ରାଟ ଅଫ୍ ଆମେରିକାର ସେ ନ୍ୟାଶନାଲ ଚେୟାରମ୍ୟାନ ଭାବେ ମନୋନୀତ ହୋଇଥିଲେ। ପରେ ସମୟ ଡେମୋକ୍ରାଟିକ୍ ଦଳର ସର୍ବକନିଷ୍ଠ ସଦସ୍ୟ ଭାବେ ଏଭଳି ଗୁରୁଦାୟିତ୍ୱ ପାଇଥିଲେ। ଆଗାମୀ ନଭେମ୍ବର ୫ରେ ହେବାକୁ ଥିବା ନିର୍ବାଚନରେ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍ ସମୟଙ୍କ ରାଜନୈତିକ କ୍ୟାରିୟରକୁ ସହ ତାଙ୍କର ସାଙ୍ଗଠନିକ ଦକ୍ଷତାକୁ ପ୍ରଶଂସା କରିଛନ୍ତି।


ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍‌ଙ୍କ ସହ ସମୟ ସାହୁ।

## 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ | ସବୁ ଜିଲା ତଥା ପୌରାଞ୍ଚଳରେ ସୁଗମ କାର୍ଯ୍ୟକାରିତାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର)

ସ୍ୱଚ୍ଛତା ହିଁ ସେବା ଅଭିଯାନର ପ୍ରସ୍ତୁତି ଉପରେ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଏସ୍. କେ. ଲୋହାନି ମିଳିତ ଭାବେ ଏହି ସମୀକ୍ଷା କରିଛନ୍ତି। ସମୀକ୍ଷା ଓଡ଼ିଶାର ସମସ୍ତ ଜିଲା ତଥା ପୌରାଞ୍ଚଳ ମଧ୍ୟରେ ଅଭିଯାନର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି ବୈଠକରେ ଜିଲାପାଳମାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ଉଭୟେ ପାଢ଼ୀ ଏବଂ ଲୋହାନି ସ୍ୱଚ୍ଛତା ହିଁ ସେବା ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ଅଭିଯାନ କାର୍ଯ୍ୟକଳାପ ଠିକ୍ ସମୟରେ ସମାପ୍ତହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏକ ପରିଷ୍କାର ତଥା ସ୍ୱାସ୍ଥ୍ୟକର ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ଜିଲା ପ୍ରଶାସନ, ପୌରାଞ୍ଚଳ ଏବଂ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି। ଉଷା ସ୍ୱଚ୍ଛ ଭାରତ ମିଶନ ଲକ୍ଷ୍ୟ ହାସଲ କରିବାରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଶେଷ ଭାବେ ବର୍ଜ୍ୟବସ୍ତୁ ପରିଚାଳନା, ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ନିରନ୍ତର ପରିମଳ ଅଭ୍ୟାସ ଉପରେ ଧ୍ୟାନ ଦେଇଛନ୍ତି। ଅଭିଯାନରେ ନାଗରିକ, ସମ୍ପ୍ରଦାୟ ସଙ୍ଗଠନ ଏବଂ ସ୍ଥାନୀୟ ହିତାଧିକାରୀଙ୍କୁ ନିୟୋଜିତ କରିବାକୁ ସେ ଜିଲା ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। ଲୋହାନି ଗ୍ରାମାଞ୍ଚଳରେ ଏବଂ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଅପରାଧ

## ଜେଲ ଗଲେ କୋଟିପତି ସହକାରୀ ଯନ୍ତ୍ରୀ

ଭଞ୍ଜନଗର/ବ୍ରହ୍ମପୁର, ୧୨।୯ (ବାବୁଲା ପ୍ରଧାନ/ ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଭଞ୍ଜନଗର ଜଳସେଚନ ବିଭାଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ବୁଧବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା। ଗୁରୁବାର ତାଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଟିମ ସୂଚନା ପାଇଥିଲା। ଦୀର୍ଘଦିନ ଧରି ଭିଜିଲାନ୍ସ ଟିମ ତାଙ୍କ ଗତିବିଧି ଉପରେ ନଜର ରଖି ପ୍ରମାଣ ଯୋଗାଡ଼ କରୁଥିଲା। ବୁଧବାର ପ୍ରସନ୍ନଙ୍କ ବାସଭବନ ଓ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କର ଏବଂ ପରିବାର ସଦସ୍ୟଙ୍କ ନାମରେ ୬ଟି କୋଠା, ୬ଟି ପ୍ଲଟ, ୨୦୦ ଗ୍ରାମ ସୁନା ଅଳଙ୍କାର, ୪୦ ଲକ୍ଷ ୫୬୯ ଟଙ୍କାର ବିଭିନ୍ନ ଜମା ଠାବ ହୋଇଥିଲା। ଗୁରୁବାର ସୁଦ୍ଧା ପ୍ରସନ୍ନଙ୍କ ୮ କୋଟି ୧୧ ଲକ୍ଷ ୩୮ ହଜାର ୬୧୪ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ତାଙ୍କର ଆୟଠାରୁ ୧୧ ଶହ ଗୁଣ ଅଧିକ ସମ୍ପତ୍ତି ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ୱଶୁର ଘରେ ସ୍ତ୍ରୀ ତଣ୍ଟି କାଟିଲେ ସ୍ୱାମୀ

ଉଦଳା,୧୨।୯(ସନ୍ତୋଷ କୁମାର ବାଞ୍ଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଭଙ୍ଗାବନ୍ଧ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶ୍ୱଶୁର ଘରେ ସ୍ତ୍ରୀଙ୍କ ତଣ୍ଟି କାଟି ସ୍ୱାମୀ ଫେରାର ହୋଇଯାଇଛନ୍ତି। ବାପଘର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, କପ୍ତିପଦା ଥାନା କଷିବିଲ ଗ୍ରାମର ବିରଞ୍ଚି ନାଏକ ୪ ବର୍ଷ ତଳେ ଭଙ୍ଗାବନ୍ଧ ଗ୍ରାମର ପାର୍ବତୀ ନାଏକଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ୨ ମାସ ହେବ ପାର୍ବତୀ ବାପଘରେ ରହି ଆସୁଥିଲେ। ଗୁରୁବାର ବିରଞ୍ଚି ଭଙ୍ଗାବନ୍ଧ ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ପାର୍ବତୀଙ୍କ ସହିତ ଘରେ କଥା ହେଉଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିରଞ୍ଚି ଏକ ଛୁରିରେ ପାର୍ବତୀଙ୍କ ତଣ୍ଟିକୁ କାଟି ଦେଇଥିଲେ। ରକ୍ତ ଜୁବୁବୁବୁ ଅବସ୍ଥାରେ ପାର୍ବତୀ ଘରେ ପଡ଼ିରହିଥିବା ବେଳେ ବିରଞ୍ଚି ସେଠାରୁ ଫେରାର ହୋଇଯାଇଥିଲେ। ବାପ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ବାଂଲାଦେଶ ଯାଉଛି ଓଡ଼ିଶାର ଚୋରି ମୋବାଇଲ


ଖବରଦାତା ସମ୍ମିଳନୀରେ ଜୟପୁର ଏସ୍‌ଡିପିଓ ମୋବାଇଲ ଚୋରି ସମ୍ପର୍କରେ ସୂଚନା ଦେଉଛନ୍ତି।

- ଜୟପୁର ପୋଲିସ ହାତରେ ଧରାପଡ଼ିଲେ ଆନ୍ତଃ ରାଜ୍ୟ ର୍‍ୟାକେଟର ୫ଜଣ
- ୩ ବର୍ଷରେ ୩ ହଜାର ମୋବାଇଲ ଚୋରି

ଜୟପୁର, ୧୨।୯(ପବନ ପାଣିଗ୍ରାହୀ)

ଆନ୍ତଃ ରାଜ୍ୟ ମୋବାଇଲ ଚୋରି ର୍‍ୟାକେଟର ୫ଜଣଙ୍କୁ ଜୟପୁର ଟାଉନ ପୋଲିସ ଧରିଛି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ପଶ୍ଚିମବଙ୍ଗର ୨ ନାବାଳକଙ୍କୁ ଜୁଭେନାଇନ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ବିଶାଳ କୁମାର ମହତ (୨୨), ହରି କୁମାର ମହତ (୩୦) ଓ ଉତ୍ତମ ତୁରି (୨୨)। ଅଭିଯୁକ୍ତମାନେ ୩ ବର୍ଷରେ ପ୍ରାୟ ୩ ହଜାର ମୋବାଇଲ ଚୋରି କରିଥିବା ନେଇ ଗୁରୁବାର ଜୟପୁର ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୫୦ଟି ମୋବାଇଲ ମିଳିଛି। ସେମାନେ ମୋବାଇଲ ଚୋରି କରିବା ପରେ ତାହାକୁ ପଶ୍ଚିମବଙ୍ଗରେ ନେଇ ବିକ୍ରି କରୁଥିଲେ। ସେଠାରୁ ଉକ୍ତ ମୋବାଇଲଗୁଡ଼ିକୁ ବାଂଲାଦେଶ ପଠାଯାଉଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପୋଲିସ ସୂଚନାନୁଯାୟୀ, ଗତ ୬ ଓ ୭ ତାରିଖରେ ଜୟପୁର ଦୈନିକ ବଜାରରୁ ୧୨ଟି ମୋବାଇଲ ଚୋରି ହୋଇଥିଲା। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁକରି ସିସି କ୍ୟାମେରା ଫୁଟେଜ୍, ସ୍ଥାନୀୟ ଲୋକଙ୍କ ତଥ୍ୟ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ଝାରସୁଗୁଡ଼ାରେ ଥିବା ଜୟପୁର ପୋଲିସ ଜାଣିବାକୁ ପାଇଥିଲା। କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କ ନିର୍ଦ୍ଦେଶକ୍ରମେ ଲୁଟେରାଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ ସିଦ୍ଧାନ୍ତ ବେହେରାଙ୍କ ନେତୃତ୍ୱରେ ଝାରସୁଗୁଡ଼ାକୁ ଯାଇଥିଲା। ସେଠାରୁ ୫ଜଣଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ସେମାନଙ୍କୁ ଜୟପୁର ଆଣି ପଚରାଉଚରା କରାଯାଇଥିଲା। ସମସ୍ତେ ୫ ତାରିଖରେ ଜୟପୁର ଆସି ଏକ ହୋଟେଲରେ ରହିଥିଲେ। ୬ ଓ ୭ରେ ବିଭିନ୍ନ ସ୍ଥାନରୁ ମୋବାଇଲ ଲୁଟ୍‌କରି ପୁଣି ଝାରସୁଗୁଡ଼ା ଫେରିଯାଇଥିବା ନେଇ ଅଭିଯୁକ୍ତମାନେ ପୋଲିସକୁ କହିଥିଲେ। ଉକ୍ତ ଚୋରି ମୋବାଇଲଗୁଡ଼ିକୁ ପଶ୍ଚିମବଙ୍ଗର ଜଣେ ଲୋକଙ୍କୁ ବିକ୍ରି କରୁଛନ୍ତି। ଉକ୍ତ ଲୋକ ଜଣଙ୍କ ମୋବାଇଲଗୁଡ଼ିକୁ ବାଂଲାଦେଶକୁ ପଠାଉଥିବା ଅଭିଯୁକ୍ତମାନେ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ୩ ବର୍ଷ ହେବ ରାଜ୍ୟର ସମସ୍ତ ଜିଲାରେ ଏପରି ଲୁଟ୍‌କରି ମୋବାଇଲକୁ ବିକ୍ରି କରୁଥିବା ଏସ୍‌ଡିପିଓ ବର୍ମା ସୂଚନା ଦେଇଛନ୍ତି। ୫୦ଟି ମୋବାଇଲରୁ ୧୨ଟି ମୋବାଇଲ ମାଲିକଙ୍କ ମାଲିକାନା ଯାଞ୍ଚକରି ହସ୍ତାନ୍ତର କରାଯାଇଛି। ଅନ୍ୟ ମୋବାଇଲ ସବୁ ଯାଞ୍ଚ କରାଯାଇ ମାଲିକମାନଙ୍କୁ ଫୋନ କରାଯିବ। ସେମାନେ ଆସିଲେ ଦିଆଯିବ ନଚେତ୍ ଡାକ ଯୋଗେ ପଠାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ କରିବାକୁ ଥାନାଧିକାରୀଙ୍କୁ ଏସ୍‌ଡିପିଓ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ, ଏସ୍‌ଆଇ ସିଦ୍ଧାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗଣେଶ ପୂଜା ଭସାଣିରେ କର୍ପୋରେଟରଙ୍କ ହାତରେ ବନ୍ଧୁକ



ଭୁବନେଶ୍ୱର,୧୨।୯(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ରାସ୍ତାରେ ଗଣେଶ ଭସାଣି ବେଳେ ବନ୍ଧୁକ ଧରି ଜଣେ ଜନପ୍ରତିନିଧି ନାଚୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ବନ୍ଧୁକ ଧରି ନାଚିଥିବା ବ୍ୟକ୍ତି ଜଣଙ୍କ ଭୁବନେଶ୍ୱର ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ। ବୁଧବାର ଭୁବନେଶ୍ୱର ୟୁନିଟ-୯ ଅଞ୍ଚଳରେ ହୋଇଥିବା ଗଣେଶ ପୂଜା ଭସାଣିରେ ଜଣେ ଯୁବକଙ୍କ କାନ୍ଧ ଉପରେ ବସି ଜୀବନ ବନ୍ଧୁକ ଧରି ନାଚୁଥିବା ଦେଖିବାକୁ ମିଳୁଛି। ଏହା ଗଣମାଧ୍ୟମରେ ପ୍ରଚାର ହେବା ପରେ କମିଶନରେଟ ପୋଲିସ ବନ୍ଧୁକକୁ ଜବତ କରିଛି। ତେବେ ଏହା ବାଜା ବ୍ୟାଣ୍ଡପାର୍ଟି ଦ୍ୱାରା ବ୍ୟବହୃତ ହେଉଥିବା ନକଲି ବନ୍ଧୁକ ଅଟେ। ଏହାକୁ ବନ୍ଧୁକ ଭାବେ ବ୍ୟବହାର କରିବା ନେଇ ଗୁଳି କିମ୍ବା ବାରୁଦ ବ୍ୟବସ୍ଥା ନାହିଁ ବୋଲି ପୋଲିସ ଜାଣିବାକୁ ପାଇଛି। ଶହୀଦନଗର ଥାନା ପୋଲିସ ଏକ ଷ୍ଟେଶନ ଡାଏରୀ ଏଣ୍ଟ୍ରି କରି ଅଧିକ ତଦନ୍ତ କରୁଛି। ଏନେଇ କର୍ପୋରେଟର ଜୀବନ କହିଛନ୍ତି, ଭସାଣି ଉତ୍ସବରେ କେନ୍ଦ୍ରାପଡ଼ାରୁ ବାଜା ବାଲାଙ୍କୁ ଡକାଯାଇଥିଲା। ବନ୍ଧୁକଟି ବାଜାବାଲାଙ୍କ ଏବଂ ଏହା କାଠରେ ତିଆରି ବନ୍ଧୁକ ଆକୃତିର। ସୂଚନାନୁସାରେ ଗଣେଶ ପୂଜା ଭସାଣିରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜେ, ସେନେଇ ଶାନ୍ତି ଶୃଙ୍ଖଳାରେ ପରିଚାଳନା କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଡିଜେ ବାରଣ କରାଯାଇଛି। ଏହାସହ ଭସାଣି ଉତ୍ସବରେ ଯେମିତି ଗଣ୍ଡଗୋଳ ଭଳି ସମସ୍ୟା ନ ଦେଖାଯାଏ, ସେନେଇ ପୋଲିସ ଫୋର୍ସ ମୁତୟନ କରାଯାଉଛି। ଏହାସତ୍ତ୍ୱେ ଜୀବନ ବନ୍ଧୁକ ଧରି ନାଚିବା ସମସ୍ତଙ୍କୁ ଚକିତ କରିଛି।



ଭିଏଟ୍‌ନାମ୍‌ରେ ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୨୨୬ରେ ପହଞ୍ଚିଥିବାବେଳେ ହାନୋଇରେ ଏକ ଶିଶୁକୁ ବକେଟ୍‌ରେ ଉଦ୍ଧାର କରି ନିଆଯାଉଛି।

# ଆଦାନୀ ୯୫% ମାଲିକ

## ଗୋପାଳପୁର ବନ୍ଦର

### ମାଲିକାନା ସ୍ୱତ୍ୱ ହସ୍ତାନ୍ତରକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

ଭୁବନେଶ୍ୱର,୧୨।୯(ଅନିଲ ଦାସ)

ଦେଶର ୧ ନମ୍ବର ଧନୀ ଗୌତମ ଆଦାନୀଙ୍କ ସଂସ୍ଥା ଗଞ୍ଜାମ ଜିଲାର ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ମାଲିକାନା ସ୍ୱତ୍ୱ ପାଇଛି। ଗୁରୁବାର ରାଜ୍ୟ କ୍ୟାବିନେଟ୍‌ରେ ଗୋପାଳପୁର ବନ୍ଦର ମାଲିକାନା ସ୍ୱତ୍ୱ ହସ୍ତାନ୍ତର ଓ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ରେ ୨ଟି ସଂସ୍ଥା ଶାପୁରଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍‌ର ୯୫% ଅଂଶଧନ ରହିଥିଲା। ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରାଯାଇ ଏହି ଦୁଇ ସଂସ୍ଥାର ସମସ୍ତ ୯୫% ଅଂଶଧନକୁ ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଲିମିଟେଡ୍ (ଏସ୍‌ଇଜେଡ୍)କୁ ହସ୍ତାନ୍ତର ସାଙ୍ଗକୁ ସଂଶୋଧିତ ରିହାତି ଚୁକ୍ତିନାମାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି।

ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ରେ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍, ନେବୋଲ ଗ୍ରୁପ୍ ଓ ସାରା ଇଣ୍ଟରନ୍ୟାଶନାଲ ଯଥାକ୍ରମେ ୩୪, ୩୩ ଓ ୩୩ ପ୍ରତିଶତ ଲେଖାଏ ଅଂଶଧନ ଥିଲା। ୨୦୧୦ ଓ ୨୦୧୭ରେ ଏହି ବନ୍ଦରର ଅଂଶଧନରେ ପରିବର୍ତ୍ତନ ହୋଇଥିଲା। ପରେ ଏହି ଅଂଶଧନରେ ସଂଶୋଧନ ହୋଇଥିଲା। ବନ୍ଦରର ବିକାଶ ତଥା ସମ୍ପ୍ରସାରଣ ନିମନ୍ତେ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଉପରୋକ୍ତ ୨ ସଂସ୍ଥାର ୯୫ ପ୍ରତିଶତ ଅଂଶଧନକୁ ଆଦାନୀ ବନ୍ଦର ଓ ଏସ୍‌ଇଜେଡ୍‌କୁ ହସ୍ତାନ୍ତର ନିମନ୍ତେ ରାଜ୍ୟ ସରକାରଙ୍କ ସମ୍ମତି ମାଗିଥିଲା। ରାଜ୍ୟ କ୍ୟାବିନେଟ୍ ଏହାକୁ ଅନୁମୋଦନ ଦେବା ପରେ ଆଦାନୀ ସଂସ୍ଥା ଗୋପାଳପୁର ବନ୍ଦରର ୯୫% ମାଲିକ ହୋଇଛି।

ସୂଚନାଯୋଗ୍ୟ, ଗୋପାଳପୁର ବନ୍ଦରକୁ ପିପିପି ମୋଡ୍‌ରେ ବିକାଶ ନିମନ୍ତେ ରାଜ୍ୟ ସରକାର ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌କୁ ଏକ ଆନ୍ତର୍ଜାତିକ ପ୍ରତିଯୋଗିତାମୂଳକ ବିଡିଂ ପ୍ରକ୍ରିୟାରେ ଚୟନ କରାଯାଇଥିଲା। ବର୍ତ୍ତମାନ ଗୋପାଳପୁର ବନ୍ଦର ୧୧.୪୩ ନିୟୁତ ମେଟ୍ରିକ ଟନ୍ ପଣ୍ୟ ପରିବହନ କରୁଛି। ଏହାର ମୋଟ ଆୟରୁ ୭.୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ରାଜସ୍ୱ ଅଂଶ ଭାବେ ପ୍ରଦାନ କରୁଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଗୋପାଳପୁର ବନ୍ଦର ରାଜ୍ୟ ସରକାରଙ୍କ ରାଜସ୍ୱ ଅଂଶ ଭାବେ ପ୍ରାୟ ୩୮ କୋଟି ଟଙ୍କା ପଇଠ କରିଛି। ଏବେ ଗୋପାଳପୁର ବନ୍ଦରରେ ପ୍ରାୟ ୪,୦୦୦ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ବନ୍ଦରର ସମ୍ପ୍ରସାରଣ କରାଗଲେ ଏହା ସରକାରଙ୍କ ରାଜସ୍ୱ ଅଂଶ ବୃଦ୍ଧି କରିବା ସହିତ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ବୃଦ୍ଧିରେ ସୁଯୋଗ ସୃଷ୍ଟି କରିପାରିବ।

# ଅକ୍ଟୋବର ୨୭ରେ ଓଡ଼ିଶା ସିଭିଲ ସର୍ଭିସ୍ ପ୍ରିଲିମ୍

କଟକ,୧୨।୯ (କାର୍ତ୍ତିକ ସାହୁ)

ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ୍(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା-୨୦୨୩ ଆସନ୍ତା ଅକ୍ଟୋବର ୨୭ରେ ଅନୁଷ୍ଠିତ ହେବ। କମିଶନ୍ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି। ୨୦୨୩-୨୪ ବିଜ୍ଞପ୍ତି ନଂ. ୨୦ ଅନୁଯାୟୀ ହେବାକୁ ଥିବା ଏହି ପରୀକ୍ଷାର ବିସ୍ତୃତ କାର୍ଯ୍ୟସୂଚୀ ନିମନ୍ତେ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ଆବେଦନକାରୀମାନେ http://opsc.gov.inରୁ ପରବର୍ତ୍ତୀ ସୂଚନା ସଂଗ୍ରହ ପାଇଁ କମିଶନ୍ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ୪୭୬ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

## ଏହା କେବଳ କର୍ମନିଯୁକ୍ତି ନୁହେଁ, ଗୁରୁଦାୟିତ୍ୱ

ଭୁବନେଶ୍ୱର,୧୨।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ବିଭିନ୍ନ ବିଭାଗରେ ୪୭୬ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏକ ନିଯୁକ୍ତି ମେଳା ମାଧ୍ୟମରେ ଏହି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇ କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ପାଇଁ ପ୍ରଥମ କର୍ମନିଯୁକ୍ତିର ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆନନ୍ଦଦାୟକ ହୋଇଥାଏ। ବର୍ତ୍ତମାନ ଆପଣମାନେ ଲୋକଙ୍କ ସେବାରେ ନିଯୁକ୍ତ ହେଉଛନ୍ତି। ଏହି ସେବା କେବଳ ଏକ କର୍ମନିଯୁକ୍ତି ନୁହେଁ, ଏହା ଆପଣମାନଙ୍କ ପାଇଁ ଏକ ଗୁରୁଦାୟିତ୍ୱ। ଗଣତନ୍ତ୍ରରେ ସରକାର ହେଉଛନ୍ତି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଜନସାଧାରଣଙ୍କ ସମସ୍ୟା ଓ ତା'ର ସମାଧାନ ସରକାର ଓ ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ କିଭଳି ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଞ୍ଚିପାରିବ, ଏହାକୁ ନିଶ୍ଚିତ କରିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାର ଯୋଜନା ଓ କାର୍ଯ୍ୟକ୍ରମ ତିଆରି କରିବେ, କିନ୍ତୁ ସେସବୁକୁ ପରିଚାଳନା ଓ କାର୍ଯ୍ୟକାରୀ କରିବା ଆପଣମାନଙ୍କ ଦାୟିତ୍ୱ। ଆପଣମାନଙ୍କ ନିଷ୍ଠା ଓ କର୍ମପ୍ରବଣତା ଯଦି ଜନସାଧାରଣଙ୍କ ମୁହଁରେ ହସ ଫୁଟାଇପାରିଲା, ତେବେ ତାହା ହିଁ ହେବ ଆପଣଙ୍କ ନିଯୁକ୍ତିର ଯଥାର୍ଥତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପୂର୍ବ ସରକାର ସରକାରୀ ଚାକିରିରେ ପଦବୀ ପୂରଣ ଓ ଆତ୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଆମ ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି ଆସନ୍ତା ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବ। ଏବେ ଏହାର ମୂଳଦୁଆ ପଡ଼ିଲା। ଏଣିକି ସବୁ ଚୟନ ପଦ୍ଧତି ମେରିଟ୍ ଆଧାରରେ ହେବ। ଏହା ସହ ଶିଳ୍ପକ୍ଷେତ୍ରରେ ୩.୫୦ ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ଆମେ ପଦକ୍ଷେପ ନେଉଛୁ। ନୂତନ ଭାବେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରରେ କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହ ଲୋକଙ୍କ ଅଭିଯୋଗ ଶୁଣାଣିକୁ ପ୍ରାଥମିକତା ଦେଇ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ☞ ପୃଷ୍ଠା-୪



ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ବଣ୍ଟନ କରୁଛନ୍ତି।

# ସୀତାରାମ ୟେଚୁରୀଙ୍କ ପରଲୋକ

## ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ଅନିଲ ଦାସ), ୧୨।୯



ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କର ଗୁରୁବାର ଦିଲ୍ଲୀ ଏମ୍ସରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଶ୍ୱାସନଳୀରେ ସଂକ୍ରମଣ ଯୋଗୁ ଏମ୍ସର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ୨ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ରେସ୍ପିରେଟୋରି ସପୋର୍ଟରେ ରଖାଯାଇଥିଲା। ଗୁରୁବାର ଅପରାହ୍ନ ୩ଟା ୫ ମିନିଟ୍ ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

ନିମୋନିଆ ଭଳି ଛାତି ସଂକ୍ରମଣର ଚିକିତ୍ସା ପାଇଁ ୟେଚୁରୀଙ୍କୁ ଅଗଷ୍ଟ ୧୯ରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ମରଶରୀରକୁ ପରିବାର ଲୋକେ ଏମ୍ସକୁ ଦାନ କରିଛନ୍ତି। ଶିକ୍ଷା ଓ ଗବେଷଣା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରାଯିବ। ୟେଚୁରୀଙ୍କ ମରଶରୀରକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପାର୍ଟି ମୁଖ୍ୟାଳୟରେ ରଖାଯିବ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଏହା ପରେ ମୃତଦେହକୁ ଏମ୍ସ ନିଆଯାଇ ମେଡିକାଲ ଗବେଷଣା ପାଇଁ ଦାନ କରାଯିବ। ଏହା ୟେଚୁରୀଙ୍କର ଇଚ୍ଛା ☞ ପୃଷ୍ଠା-୪

# ୧୮ରୁ ଯୁକ୍ତ୨ ପରୀକ୍ଷା ଫର୍ମ ପୂରଣ

ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁକ୍ତ୨ ପରୀକ୍ଷା ୨୦୨୫ ଲାଗି ଆସନ୍ତା ୧୮ ତାରିଖରୁ ଫର୍ମ ପୂରଣ ଆରମ୍ଭ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସେପ୍ଟେମ୍ବର ୧୮ରୁ ଯୁକ୍ତ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମଗୁଡ଼ିକର ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ୍ ହେବ। ଅକ୍ଟୋବର ୧ ପର୍ଯ୍ୟନ୍ତ ବିନା ଜରିମାନା ଦେୟରେ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ୍ କରିପାରିବେ। ସେହିପରି ଅକ୍ଟୋବର ୪ରୁ ୧୪ ତାରିଖ ମଧ୍ୟରେ ଫର୍ମ ଫିଲ୍‌ଅପ୍ କଲେ ୨୦୦ ଟଙ୍କା ଫାଇନ ଦେବାକୁ ପଡିବ। ନଭେମ୍ବର ୧୧ରୁ ୧୮ ତାରିଖ ମଧ୍ୟରେ ଫର୍ମ ଫିଲ୍‌ଅପ୍ ପାଇଁ ୬୦୦ ଟଙ୍କା ଜରିମାନା ଲାଗିବ। ସମସ୍ତ ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିବେ ବୋଲି ସୂଚନା ଦିଆଯାଇଛି।

# ଅବସରପ୍ରାପ୍ତ ବାବୁଙ୍କ ପୁନଃ ନିଯୁକ୍ତି ନିୟମ କଡ଼ାକଡ଼ି

## ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ଦେବେ ଅନୁମୋଦନ

ଭୁବନେଶ୍ୱର,୧୨।୯(ସୁନିତ୍ ମିଶ୍ର)

ଓଡ଼ିଶାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପୁନଃ ନିଯୁକ୍ତି ବା ଥଇଥାନ ଉପରେ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ ୪ ଜଣିଆ କମିଟିର ସୁପାରିସ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ବିନା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଉ ପୁନଃ ନିଯୁକ୍ତି ମିଳିପାରିବ ନାହିଁ। ଏପରି କି କୌଣସି ପୁନଃ ନିଯୁକ୍ତିକୁ ପିଛିଲା ଭାବେ ମଧ୍ୟ ଅନୁମୋଦନ ମିଳିବ ନାହିଁ। ଯଦି ଅତ୍ୟନ୍ତ ଜରୁରୀ ନ ହୁଏ ତେବେ ପୁନଃ ନିଯୁକ୍ତି ମିଳିବା ସମ୍ଭବପର ହେବନାହିଁ। ସମସ୍ତ ପୁନଃ ନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ। ଏହା ବ୍ୟତୀତ ଯେଉଁ ଅଫିସର ବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଆଯିବ ସେ ଅବସର ପୂର୍ବରୁ କ୍ରମାଗତ ୫ ବର୍ଷ ପାଇଁ ତାଙ୍କର ସିସିଆର୍/ପିଏଆର୍ 'ଆଉଟଷ୍ଟାଣ୍ଡିଂ' ରହିବା ଜରୁରୀ। ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଆପରାଧିକ ମାମଲା ମଧ୍ୟ ବିଚାରାଧୀନ ନ ଥିବ କିମ୍ବା ସେ କୌଣସି ଅସଦାଚରଣ ମାମଲାରେ ଦଣ୍ଡିତ ହୋଇ ନ ଥିବେ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗୁରୁବାର ବିଜେଡି ସରକାରଙ୍କ ଦ୍ୱାରା ୨୦୧୪ ଅଗଷ୍ଟ ୨୭ରେ ଜାରି ପୁନଃ ନିଯୁକ୍ତି ସଂକ୍ରାନ୍ତ ସଂକଳ୍ପକୁ ଖାରଜକରି ନୂଆ ସଂଶୋଧିତ ସଂକଳ୍ପ ଜାରି କରିଛନ୍ତି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି 'ସଂକଳ୍ପ' ଜରିଆରେ ସରକାର କହିଛନ୍ତି, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ବ୍ୟତିକ୍ରମ ପରିବର୍ତ୍ତେ ଏକ ନିୟମ ହୋଇଯାଇଥିବା ସରକାରଙ୍କ ନଜରକୁ ଆସିଛି। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ, ଦକ୍ଷ ମାନବ ସମ୍ବଳର ଅଭାବକୁ ଦୃଷ୍ଟିରେ ରଖି ୨୦୧୪ ଅଗଷ୍ଟ ୨୭ ରେ ସାଧାରଣ ପ୍ରଶାସନ ବିଭାଗ ଯେଉଁ ସଂକଳ୍ପ ଜାରି ନିଯୁକ୍ତି ନିୟମାବଳୀର କୋହଳ ପାଇଁ ଅନୁମତି ଦିଆଯାଇଥିଲା, ବାସ୍ତବରେ ତା'ର ଉଦ୍ଦେଶ୍ୟ ଏହା ନ ଥିଲା। ବିଭିନ୍ନ ପାରିଶ୍ରମିକ ଓ ସର୍ତ୍ତାବଳୀ ସହ ☞ ପୃଷ୍ଠା-୪

# ପ୍ରଜାକୋର୍ଟରେ ୨ ଆଦିବାସୀଙ୍କୁ ଫାଶୀ

ମାଲକାନଗିରି,୧୨।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ଇନ୍‌ଫର୍ମର ଅଭିଯୋଗରେ ମାଓବାଦୀମାନେ ୨ ଗ୍ରାମବାସୀଙ୍କୁ ପ୍ରଜାକୋର୍ଟରେ ଗୁରୁବାର ଫାଶୀ ଦେଇଛନ୍ତି। ମୃତକ ହେଲେ କାପମେର୍କା ଗ୍ରାମର ମାଡଭି ସୁନା ଓ ପୋଡିୟମ କୋସା। ଏହି ପ୍ରଜାକୋର୍ଟରେ ଜଣେ ଛାତ୍ରଙ୍କୁ ମାଓବାଦୀ ମୁକ୍ତ କରିଛନ୍ତି। ଛାତ୍ରଙ୍କୁ କ'ଣ ପାଇଁ ମାଓବାଦୀମାନେ ନେଇ ତାଙ୍କୁ ଛାଡ଼ି ଦେଇଥିଲେ ତାହା ଜଣାପଡି ନାହିଁ। ଦୁଇଦିନ ପୂର୍ବେ ମାଓବାଦୀମାନେ ଭୈରମଗଡ଼ ଥାନା ଅନ୍ତର୍ଗତ କାପେମାର୍କା ଅଞ୍ଚଳରେ ଜଣେ ଛାତ୍ରଙ୍କ ସମେତ ୩ ଜଣଙ୍କୁ ନେଇ ଏକ ପ୍ରଜାକୋର୍ଟ ଡାକିଥିଲେ। ଏଥିରେ ୨ ଜଣଙ୍କୁ ହତ୍ୟା କରିଛନ୍ତି। ଭୈରମଗଡ଼ ଏରିଆ କମିଟି ମାଓବାଦୀ ଏହି ଜଘନ୍ୟ ହତ୍ୟାକାଣ୍ଡର ଦାୟୀ ବୋଲି ଏକ ପୋଷ୍ଟରରେ ଉଲ୍ଲେଖ ରହିଛି। ଫାଶୀରେ ଝୁଲୁଥିବା ୨ ଗ୍ରାମବାସୀଙ୍କ ଛାତିରେ ପୋଷ୍ଟର ଲଗାଇ ଫେରାର ହୋଇଯାଇଛନ୍ତି ମାଓବାଦୀ।

# ମହାକାଶରେ ପ୍ରଥମ ପ୍ରାଇଭେଟ୍ ସ୍ପେସ୍‌ୱାକ୍

## ସ୍ପେସ୍‌ଏକ୍ସର 'ପୋଲାରିସ୍ ଡନ୍' ମିଶନରେ ଇତିହାସ ରଚିଲେ ଟେକ୍ ବିଲିୟନେୟାର ଜରେଡ୍ ଇସାକ୍‌ମ୍ୟାନ୍

ୱାଶିଂଟନ, ୧୨।୯

ଆମେରିକୀୟ ମହାକାଶଯାନ ନିର୍ମାତା କମ୍ପାନୀ 'ସ୍ପେସ୍‌ଏକ୍ସ'ର 'ପୋଲାରିସ୍ ଡନ୍' ମିଶନକୁ ଗୁରୁବାର ସଫଳତା ମିଳିଛି। ପ୍ରଥମ ନନ୍‌ପ୍ରଫେଶନାଲ ଆଷ୍ଟ୍ରନଟ୍ ଭାବେ ସ୍ପେସ୍‌ୱାକ୍ କରି ଆମେରିକୀୟ ଉଦ୍ୟୋଗୀ ତଥା କ୍ରେଡିଟ୍ କାର୍ଡ ପ୍ରସେସିଂ କମ୍ପାନୀ 'ସିଫ୍ଟସ୍ ଫର୍ ପେମେଣ୍ଟସ୍'ର ପ୍ରତିଷ୍ଠାତା ଜରେଡ୍ ଇସାକ୍‌ମ୍ୟାନ(୪୧) ଇତିହାସ ରଚିଛନ୍ତି। ଗତ ୫୦ ବର୍ଷ ମଧ୍ୟରେ ପ୍ରଥମ ବ୍ୟକ୍ତି ଭାବେ ସେ ମହାକାଶର ସର୍ବାଧିକ ଉଚ୍ଚତାରେ ସ୍ପେସ୍‌ୱାକ୍ କରିଛନ୍ତି। ଏପରି କରିପାରିଥିବା ଅଳ୍ପ କେତେଜଣ ପେସାଦାର ମହାକାଶଚାରୀଙ୍କ ତାଲିକାରେ ମଧ୍ୟ ଇସାକ୍‌ମ୍ୟାନ ସାମିଲ ହୋଇଛନ୍ତି।

ଗୁରୁବାର ଡ୍ରାଗନ କ୍ୟାପ୍‌ସୁଲ୍‌ର ହ୍ୟାଚ୍ ଖୋଲିବା ପରେ ଇସାକ୍‌ମ୍ୟାନଙ୍କର ଏହି ଐତିହାସିକ ସ୍ପେସ୍ ଯାତ୍ରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ସେ କ୍ୟାପ୍‌ସୁଲର ଚାପ କମ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଯୋଜନା ମୁତାବକ ପ୍ରଥମେ ଇସାକ୍‌ମ୍ୟାନ କ୍ୟାପ୍‌ସୁଲରୁ ବାହାରକୁ ଆସିଥିଲେ। ସ୍ପେସ୍‌ୱାକ୍ କରୁଥିବା ସମୟରେ ସେ ପିନ୍ଧିଥିବା ନୂତନ ସ୍ପେସ୍ ସୁଟ୍ ଠିକ୍ ଭାବେ କାମ କରୁଛି କି ନାହିଁ ତାହା ସୁନିଶ୍ଚିତ କରିବାକୁ ପୂରା ସମୟ ତାଙ୍କୁ ତାଙ୍କ ହାତ କିମ୍ବା ଗୋଡ଼କୁ କ୍ୟାପ୍‌ସୁଲ ସହ ସଂଲଗ୍ନ ରଖିବାକୁ ପଡ଼ିଥିଲା। ୨ ଘଣ୍ଟା ଧରି ତାଙ୍କର ଏହି ସ୍ପେସ୍‌ୱାକ୍ ଚାଲିଥିଲା। ଇସାକ୍‌ମ୍ୟାନ ସ୍ପେସ୍‌ୱାକ୍ ଆରମ୍ଭ କରିବାର ୧୫ ମିନିଟ୍ ପରେ ସ୍ପେସ୍‌ଏକ୍ସ'ର ସ୍ପେସ୍ ଅପରେଶନ ଇଞ୍ଜିନିୟର ତଥା 'ପୋଲାରିସ୍ ଡନ୍' ମିଶନର ଅନ୍ୟତମ କ୍ରୁ ସଦସ୍ୟ ସାରାହ ଗିଲିସ୍ କ୍ୟାପ୍‌ସୁଲରୁ ବାହାରି ଇସାକ୍‌ମ୍ୟାନଙ୍କୁ ଅନୁସରଣ କରିଥିଲେ। ମଙ୍ଗଳବାର ନାସାର ଫ୍ଲୋରିଡାସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ 'ପୋଲାରିସ୍ ଡନ୍' ମିଶନକୁ ଲଞ୍ଚ କରାଯାଇଥିଲା। ଏହାପରେ 'ସ୍ପେସ୍ ଏକ୍ସ'ର ଡ୍ରାଗନ କ୍ୟାପ୍‌ସୁଲ ୪ ଜଣ ନନ୍ ପ୍ରଫେଶନାଲ ☞ ପୃଷ୍ଠା-୪



ଜରେଡ୍ ଇସାକ୍‌ମ୍ୟାନ | ସାରାହ ଗିଲିସ୍

# ଭିଏଲ୍-ଏସ୍‌ଆରଏସ୍‌ଏମ୍‌ର ସଫଳ ପରୀକ୍ଷଣ

ବାଲେଶ୍ୱର,୧୨।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍‌ର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ଗୁରୁବାର ଅପରାହ୍ନ ୩ଟା ୧୯ମିନିଟ୍‌ରେ 'ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍' (ଭର୍ଟିକାଲ ଲଞ୍ଚ ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିଶାଇଲ)ର ସଫଳ ପରୀକ୍ଷଣ ହୋଇଛି। ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଳ୍ପ ଦୂରଗାମୀ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ପରେ ରାଡାରରୁ ମିଳିଥିବା ତଥ୍ୟକୁ ଡିଆରଡିଓର ବୈଜ୍ଞାନିକମାନେ ସମୀକ୍ଷା କରିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୮୦କିଲୋମିଟର। ଏହାର ଲମ୍ବ ୩.୯୩ମିଟର ଏବଂ ଓଜନ ୧୭୦କିଲୋଗ୍ରାମ୍। ଏହି ପରୀକ୍ଷଣର ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ବିଭାଗର ଅଧ୍ୟକ୍ଷ ଡ. ସମୀର ଭି. କମାଟ ପରୀକ୍ଷଣରେ ନିୟୋଜିତ ଡିଆର୍‌ଡିଓ ଓ



ଭାରତୀୟ ନୌସେନା ଦଳକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ଗୁରୁବାର ୩ ନମ୍ବର ଲଞ୍ଚପ୍ୟାଡ୍‌ର ଅଢ଼େଇ ☞ ପୃଷ୍ଠା-୪

**ଆଜିର ମନ୍ତବ୍ୟ**

ମେହବୁବା ମୁଫ୍ତିଙ୍କ ଦଳ ପାଇଁ ଏନ୍‌ସି ଦ୍ୱାର ବନ୍ଦ କରିନାହିଁ। ବିଭିନ୍ନ ପ୍ରସଙ୍ଗରେ ଏନ୍‌ସିକୁ ଟାର୍ଗେଟ କରି ସେ ନିଜ ଆଡ଼ୁ ଏହି ଦ୍ୱାର ବନ୍ଦ କରିଛନ୍ତି।
–ଉମର ଅବଦୁଲ୍ଲା, ଏନ୍‌ସି ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟର ମୌସୁମୀ ବୈଠକ, ସ୍ଥାନ: କନ୍‌ଭେନଶନ୍ ସେଣ୍ଟର, ଲୋକସେବା ଭବନ, ସମୟ: ସକାଳ: ୯ଟା।
- ବାୟୋଏଜେଣ୍ଟସ୍ ମାସ୍ ପ୍ରଡକ୍ସନ ୟୁନିଟ୍‌ର ଶିଳାନ୍ୟାସ ଏବଂ ଫାର୍ମସ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଆଇସିଏଆର୍– ସିଟିସିଆର୍‌ଆଇ, ରିଜିଓନାଲ ଷ୍ଟେଶନ, ଡୁମଡୁମା ହାଉସିଂ ବୋର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ପରିଧାନ ଉଷ୍ମାୟନ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ପ୍ଲଟ ନଂ. ୫୧୬/୩୩୭୨, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା'ଆଦିଶକ୍ତି ଚାରିଟେବଲ ଟ୍ରଷ୍ଟ ଇଣ୍ଡିଆ ଆନୁକୂଲ୍ୟରେ ମାତା କା ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ଉଇନର ଆସୋସିଏଶନ, ଇମ୍ପା ପାର୍କ ନିକଟ, ଶହୀଦନଗର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ତହସିଲ ସ୍ଥାନାନ୍ତରକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଚୌଦ୍ୱାର ଯାତ୍ରା ପଡିଆ ନିକଟ ୪୪ ମଣ୍ଡଳ ରାଜଦୋଳ ସମିତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ନିମାପଡ଼ା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ, ସ୍ଥାନ: ନିମାପଡ଼ା ବାରବାଟୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀରେ ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: କେତକୀପାଟଣା, ମୂଳଅଳସା, ରାୟଖଣ୍ଡି, ପରଜାପଡ଼ା ଓ କାଦୁଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ବାର୍ ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାର୍ ଆସୋସିଏଶନ ସଭାଗୃହ, ସମୟ: ଅପରାହ୍ନ ୩ଟା।
- ସୀତାରାମ ୟେଚୁରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃଷ୍ଣ ଲୀଳା ଅବସରରେ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ କଂସ ବଧ ଓ ମଥୁରା ବିଜୟ ଉତ୍ସବ, ସ୍ଥାନ: ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବ୍ଲକସ୍ତରୀୟ ବୁଦ୍ଧିମତା ପ୍ରତିଯୋଗିତା, ସ୍ଥାନ: ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପେନସନ ଅଦାଲତ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା, ସ୍ଥାନ: ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ସକାଳ ୮ଟା।
- ମାଛ ଯାଆଁଳ ପୋଖରୀର ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଖେଳ ଓ ଦୌଡ଼ ପ୍ରତିଯୋଗିତା ଓ ଚୟନ, ସ୍ଥାନ: ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଶିଖରପୁର, ଜଳେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବୃଦ୍ଧାଶ୍ରମ ଉଦ୍‌ଘାଟନ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବାଉଁଶବାଗ, ସୟା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ଝୁଟୁଣା ପଞ୍ଚାୟତ, ଭଣ୍ଡାରିପୋଖରୀ ଓ ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ତେସିଙ୍ଗା ପଞ୍ଚାୟତ, ଭଣ୍ଡାରିପୋଖରୀ ଓ ଦୋସିଙ୍ଗା, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା। ସ୍ଥାନ: ବାଲିପୋଖରୀ ପଞ୍ଚାୟତ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୨ଟା।

## କେନ୍ଦୁଝର
- ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସମୀକ୍ଷା, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ଅପରାହ୍ନ ୩ ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସମାରୋହ, ସ୍ଥାନ: ଶାଳନିଆଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।
- ମା ତାରିଣୀ ମନ୍ଦିରରେ ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ:ମରୈଗାଁ, ହାଟଡିହୀ, ସମୟ:ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର,ସ୍ଥାନ: ଶୁକ୍ରୁଳି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କରମ ପୂଜା ଉପଲକ୍ଷେ ସନ୍ଦେଶ ଓ ଜାଗରଣ,ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁରେଇଡ଼ିହି, ମୋରଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ଓ ସନ୍ଧ୍ୟା ୬ଟା।
- ବିଜ୍ଞାନ ମେଳା ଓ ଗଣିତ ହାଟ, ସ୍ଥାନ: ରାଇକମା ଆଶ୍ରମ ବିଦ୍ୟାଳୟ, ବେତନଟୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ବିଞ୍ଝୁଆ ଉଚ୍ଚ ବିଦ୍ୟାଳୟ ପରିସର, ବହଳଦା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ମିଳିତ ଗଣେଶ ପୂଜା ଭସାଣି ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ତପୋବନ ନବାନ୍ନ ଉତ୍ସବ, ସ୍ଥାନ: ଢେଙ୍କାନାଳ କାଦୁଆସ୍ଥିତ ତପୋବନ ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ଟୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ଶାସନ, ପଟ୍ଟାମୁଣ୍ଡାଇ, ପଳସିଂହା ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ପଳସୁଧା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ପରକୁଳା ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ବଟିରା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାରକା ବଜାର ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୩ୟ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା ଏବଂ କପିଳ ଦେବହୁତି ସମ୍ବାଦ, ଦକ୍ଷ ଯଜ୍ଞ, ଧ୍ରୁବ ଚରିତ ଉପରେ ପ୍ରବଚନ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବଙ୍କ ସୁଭଦ୍ରା ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲା ପରିଷଦ କନ୍‌ଫରେନ୍ସ ହଲ, ରାୟଗଡା, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର
- ରାଜ୍ୟସ୍ତରୀୟ ଉଚ୍ଚ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁରସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱଚ୍ଛତା ହିଁ ସେବା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- କୋରାପୁଟ ମ୍ୟୁନିସିପାଲିଟିରେ ସୁଭଦ୍ରା ଯୋଜନା ନେଇ ତୃତୀୟ ସ୍ୱତନ୍ତ୍ର କ୍ୟାମ୍ପ, ସ୍ଥାନ: ଟାଉନ ହଲ, କୋରାପୁଟ, ସମୟ: ସକାଳ ୯ଟା।
- ଅବିଭକ୍ତ ଦେଶିଆଞ୍ଚଳ ମୁକ୍ତିମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ସଂଗ୍ରାହଳୟ ସଭା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଶିଶୁ ଅଧିକାର ନେଇ କର୍ମଶାଳା, ସ୍ଥାନ: ଦକ୍ଷତା ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦର ସମାବେଶ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିନ, ସ୍ଥାନ: ମିଶନ ପଡିଆ, ଖୁଜେନପାଲି ଓ ସଦାଇପାଲି ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ:ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ପଶ୍ଚିମ ଓଡ଼ିଶା କଳାକାର ସଂଘର ନୂଆଁଖାଇ ଭେଟ୍, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ମହିଳା ଦିଶା କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ଜେଟଲୀ ପଡ଼ା ଓ ମଙ୍ଗଳ ବଜାର ମସଜିଦ, ସମୟ: ମଧ୍ୟାହ୍ନ ୧୨ ଟା।

## ରାଉରକେଲା
- ଗୀତା ପ୍ରବଚନ କାର୍ଯ୍ୟକ୍ରମର ୪ର୍ଥ ଦିବସ, ସ୍ଥାନ: ରାଉରକେଲା ରେଳଷ୍ଟେଶନ ସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ଅପରାହ୍ନ ୫ଟା।
- ରାଜୀ ପାଡ୍‌ହା ପକ୍ଷରୁ କରମା ପୂଜା, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ମାସିକ ସାରସ୍ୱତ ସମାରୋହ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ନନ୍ଦ ଗାଁରେ ରାଧାଷ୍ଟମୀକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୪, ନନ୍ଦ ଗାଁ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ଗୀତମ ମଧୁରମ, ଭଦ୍ରକ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର ଓ ନଗର ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ,ଦେବଗଡ଼, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀ ଗଣେଶଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ, ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ମେଲୋଡ଼ି ଗୀତ ସମ୍ରାଟ, ଭଦ୍ରକ ଗୌତମ ବାରିକ ଓ ଗ୍ରୁପ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ ଅପେରା ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ଼, ବଡ ବଗିଚା, ସମୟ: ରାତ୍ର ୧୧ଟା।
- ଗଣେଶ ମେଳା ଅବସରରେ ଫ୍ରି ଶୋ ଅପେରା, ନ୍ୟୁବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର ପଡ଼ିଆ, ସମୟ: ରାତ୍ର ୧୧ଟା।

## କଳାହାଣ୍ଡି
- ସୁଭଦ୍ରା ରଥ ଉଦ୍‌ଘାଟନ ସମାରୋହ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ନବାନ୍ନ ଲାଗି, ସ୍ଥାନ: ଭବାନୀପାଟଣା ଷ୍ଟାଚ୍ୟୁ ନିକଟ, ସମୟ: ସକାଳ ୯ଟା।

## ବୌଦ୍ଧ
- ପୁଷ୍ଟିପୋଷକତା ଯୋଜନା ନେଇ ଅଭିଭାବକ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ସବୁ ସବ୍‌ଡିଭିଜନରେ ଖୋଲିବ ଶୀତଳଭଣ୍ଡାର

### ୨ ସଂସ୍ଥା ବସାଇଥିବା ଶୀତଳଭଣ୍ଡାର ପରିଦର୍ଶନକରି ଦେଖିବ ବିଭାଗ

ଭୁବନେଶ୍ୱର,୧୨।୯(ସୁନିତ୍ ମିଶ୍ର) ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର କୃଷିଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ଶୀତଳଭଣ୍ଡାର ଖୋଲିବା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୀତଳଭଣ୍ଡାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯୋଗଦେଇ ନିଜ ସଂସ୍ଥାର ସେବା ବିଷୟରେ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତି ସବ୍‌ଡିଭିଜନରେ ଶୀତଳଭଣ୍ଡାର ଖୋଲିବା ପ୍ରସ୍ତାବ ଦିଆଯିବା ପରିପ୍ରେକ୍ଷୀରେ କୃଷି ବିଭାଗ ଦ୍ୱାରା ଏନେଇ ପଦକ୍ଷେପ ନିଆଯାଇଛି। ଏକ ବିଦ୍ୟୁତ୍‌ଚାଳିତ ଶୀତଳଭଣ୍ଡାର କମ୍ପାନୀ ଓ ଅନ୍ୟଟି ସୌରଚାଳିତ ଶୀତଳଭଣ୍ଡାର କମ୍ପାନୀ ନିଜର ସେବା, ଜ୍ଞାନକୌଶଳ, ଷ୍ଟୋରେଜ କାପାସିଟି, ଖର୍ଚ୍ଚ ଆକଳନ, ବିଶେଷତ୍ୱ ସମ୍ବନ୍ଧୀୟ ତଥ୍ୟ ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି।

ସରକାର ତ୍ୱରାନ୍ୱିତ ଭାବେ ଶୀତଳଭଣ୍ଡାର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନେଇଛନ୍ତି। ଏଥି ନିମନ୍ତେ ସବ୍‌ସିଡି ମଧ୍ୟ ସମ୍ପୃକ୍ତ ଉଦ୍ୟୋଗୀଙ୍କୁ ଯୋଗାଇ ଦିଆଯାଉଛି। ଏହାର ସୁଯୋଗ ନେବା ପାଇଁ ମନ୍ତ୍ରୀ ସିଂଦେଓ କହିଛନ୍ତି। ପିପିପି ମୋଡ୍‌ରେ ଶୀତଳଭଣ୍ଡାରଗୁଡ଼ିକ କାର୍ଯ୍ୟକ୍ଷମ ହେବ। ଏହାର ଅଧିକତମ ଫାଇଦା କୃଷକମାନେ ପାଇବା ଆବଶ୍ୟକ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଏକ ଦଳ ଏହିସବୁ ସଂସ୍ଥା ଦ୍ୱାରା ପ୍ରତିଷ୍ଠା କରାଯାଇଥିବା କାର୍ଯ୍ୟକ୍ଷମ ଶୀତଳଭଣ୍ଡାର ପରିଦର୍ଶନକରି ବିଭାଗକୁ ତଥ୍ୟ ପ୍ରଦାନ କରିବେ। ସେହି ତଥ୍ୟ ଆଧାରରେ ବିଭାଗ ଆଗାମୀ ନିଷ୍ପତ୍ତି ନେବ ବୋଲି ଅରବିନ୍ଦ କହିଛନ୍ତି।

# ନିରଞ୍ଜନ ପୂଜାରୀ ପିଏସି ଚେୟାରମ୍ୟାନ

ସୋନପୁର,୧୨।୯(ମୃତ୍ୟୁଞ୍ଜୟ ଶତପଥୀ) ସୋନପୁର ବିଧାୟକ ତଥା ବରିଷ୍ଠ ବିଜେଡି ନେତା ନିରଞ୍ଜନ ପୂଜାରୀଙ୍କୁ ପବ୍ଲିକ୍ ଆକାଉଣ୍ଟସ୍ କମିଟି(ପିଏସି)ର ଚେୟାରମ୍ୟାନ୍ କରାଯାଇଛି। ମୁଖ୍ୟ ବିରୋଧୀ ଦଳ ବିଜେଡିର ବରିଷ୍ଠ ବିଧାୟକ ଭାବେ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଗୁରୁବାର ବିଧାନସଭାରେ ଏ ସମ୍ପର୍କରେ ଘୋଷଣା କରାଯାଇଛି। ପୂଜାରୀ ଜଣେ ଅଭିଜ୍ଞ ରାଜନେତା। ପୂର୍ବରୁ ସେ ଓକିଲାତି କରୁଥିଲେ। ୨୦୦୦ମସିହାରୁ କ୍ରମାଗତ ୬ଥର ବିଧାୟକ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ବାଚସ୍ପତିସହ ନବୀନପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ବିଭିନ୍ନ ବିଭାଗରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କୁ ଏହି ନୂତନ ଦାୟିତ୍ୱ ମିଳିଥିବାରୁ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

# ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା

ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର) ଦେଶର ବିଭିନ୍ନ ରାଜ୍ୟରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସଫଳ ରୂପାୟନ ନେଇ ଏକ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଗୁରୁବାର ଭାରତ ସରକାରଙ୍କ ପ୍ରାଣୀପାଳନ ଓ ଡେରୀ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମେଘାଳୟ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସମୀକ୍ଷା ବୈଠକ

ଭାରତ ସରକାରଙ୍କ ପ୍ରାଣୀପାଳନ ଓ ଡେରୀ ବିଭାଗ ସଚିବ ଅଲକା ଉପାଧ୍ୟାୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମବେତ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରିଛନ୍ତି। କେନ୍ଦ୍ର ପ୍ରାଣୀପାଳନ ଓ ଡେରୀ ବିଭାଗ ଅତିରିକ୍ତ ସଚିବ ବର୍ଷା ଜୋଷୀ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ସୂଚନା ଦେଇଛନ୍ତି। ଉଭୟ ସଚିବ ଓ ଅତିରିକ୍ତ ସଚିବ ଓଡ଼ିଶାରେ ପ୍ରାଣୀ ସମ୍ପଦ କ୍ଷେତ୍ରରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବିବାହିତ ଝିଅଙ୍କୁ...

ମଞ୍ଜୁରୀ ଦେଇଛି। ରାଜ୍ୟର ୟୁନିଫର୍ମ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗର ପଦପଦବୀରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା ରହିବ। ଏହି ସଂରକ୍ଷଣ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଲାଗୁ ହେଉଥିବା ସଂରକ୍ଷଣ ସହିତ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ରହିବ। ତେବେ ଅଗ୍ନିବୀର ପ୍ରମାଣପତ୍ର ପ୍ରଦାନ ତାରିଖରେ ସମ୍ପୃକ୍ତ ନିଯୁକ୍ତି ନିୟମାବଳୀ ଅନୁସାରେ ପଦବୀ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ପୂରଣ କରିବା ଆବଶ୍ୟକ। ଅଗ୍ନିବୀରଙ୍କ ପାଇଁ ଚାକିରିର ନିର୍ଦ୍ଧାରିତ ବୟସସୀମାକୁ ୩ ବର୍ଷ କୋହଳ କରାଯିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦେବାକୁ ଏହି ନିୟମାବଳୀରେ ବ୍ୟବସ୍ଥା ରହିଛି। ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଜୁଲାଇ ୨୬ରେ ୟୁନିଫର୍ମ ସେବା ନିଯୁକ୍ତିରେ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ବୟସସୀମାରେ ୫ ବର୍ଷ କୋହଳ କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର କ୍ୟାବିନେଟ୍‌ରେ ଏହି ବୟସସୀମାକୁ ୩ ବର୍ଷ କୋହଳ ବୋଲି ଦର୍ଶାଯାଇଛି।

## ୪୭୬ ନିଯୁକ୍ତିପତ୍ର...

ଭୂମିକା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୮୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩୯ ଜଣ, ଉଚ୍ଚଶିକ୍ଷା ବିଭାଗର ୨୪ ଜଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୩୧ ଜଣ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ୫ ଜଣ, ଯୋଜନା ଓ ସଂଯୋଜନ ବିଭାଗର ୬୧ ଜଣ ଏବଂ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ୩୪ ଜଣ ଏହିପରି ସର୍ବମୋଟ ୪୭୬ ଜଣ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ସେଥିମଧ୍ୟରେ ଗ୍ରୁପ୍–ଏ ବର୍ଗର ୯୮ ଜଣ, ଗ୍ରୁପ୍–ବି ବର୍ଗର ୧୩୦ ଜଣ ଏବଂ ଗ୍ରୁପ୍–ସି ବର୍ଗର ୨୪୮ ଜଣ କର୍ମଚାରୀ ଅଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ବାବୁଙ୍କ...

ସାମୟିକ ଭାବେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିଭିତ୍ତିକ ଭାବେ ପୁନଃ ନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଥିଲା। ଯଦିକୌଣସିଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତିଜରୁରୀ ହୁଏ ତା'ହେଲେ ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ। ସମ୍ପୃକ୍ତ ପ୍ରଶାସନିକ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତିନିମନ୍ତେ ପ୍ରସ୍ତାବ ଉପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ୪ଜଣିଆ ସଦସ୍ୟ(ଅତିରିକ୍ତ ମୁଖ୍ୟ ସଚିବ, ଅର୍ଥ ସଚିବ ଓ ସମ୍ପୃକ୍ତ ବିଭାଗୀୟ ସଚିବ) ନିଷ୍ପତ୍ତି ନେବେ। ବିଭାଗୀୟ ସଚିବଙ୍କୁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତିର ବାଧ୍ୟତାମୂଳକ କାରଣ ସମ୍ପର୍କରେ ସନ୍ତୁଷ୍ଟ କରାଇବାକୁ ପଡ଼ିବ। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ କମିଟି ଯଦି ସମ୍ପୃକ୍ତ ବିଭାଗ ଦେଇଥିବା ଯଥାର୍ଥ କାରଣରେ ସନ୍ତୁଷ୍ଟ ହୁଅନ୍ତି ତା'ହେଲେ ସେହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। ଅବସର ପରେ ପୁନଃ ନିଯୁକ୍ତି ପ୍ରକ୍ରିୟା ନେଇ ଗତ ବିଧାନସଭାର ବଜେଟ ଅଧିବେଶନ ସମୟରେ ସରକାରୀ ଦଳର ଅନେକ ସଦସ୍ୟ ଗୃହରେ ପ୍ରଶ୍ନ ଉଠାଇଥିଲେ।

## ମହାକାଶରେ ପ୍ରଥମ...

ମହାକାଶଚାରୀଙ୍କୁ ପୃଥିବୀଠାରୁ ୧୪୦୦ କିଲୋମିଟର ଉଚ୍ଚତାରେ ପହଞ୍ଚାଇଥିଲା। ସ୍ପେସ୍‌ଏକ୍ସ'ର ୪ କ୍ରିଉ ସଦସ୍ୟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ର ୩ ଗୁଣା ଉଚ୍ଚରେ ରବିବାର ପର୍ଯ୍ୟନ୍ତ ଅତିବାହିତ କରିବେ। ଇସାକ୍‌ମ୍ୟାନ ସ୍ପେସ୍‌ୱାକ୍ କରିବା ପୂର୍ବରୁ ମିଶନରେ ଥିବା ସମସ୍ତ ୪ କ୍ରିଉ ସଦସ୍ୟ ମହାକାଶର ଶୂନ୍ୟତାରୁ ରକ୍ଷା ପାଇବା ପାଇଁ ଉଦ୍ଦିଷ୍ଟ ସ୍ପେସ୍‌ୱାକିଂ ସୁଟ୍ ପିନ୍ଧିଥିଲେ। ଯେତେବେଳେ ଇସାକ୍‌ମ୍ୟାନ ଓ ସାରାହ ସ୍ପେସ୍‌ୱାକ୍ କରୁଥିଲେ, ସେତେବେଳେ ମିଶନର ଅନ୍ୟ ୨ କ୍ରିଉ ସଦସ୍ୟ ପାଇଲଟ ସ୍କଟ୍ ପୋଟିଟ୍ ଏବଂ ସ୍ପେସ୍‌ଏକ୍ସ ଇଞ୍ଜିନିୟର ଅନ୍ନା ମେନନ୍ କ୍ୟାପ୍‌ସୁଲ ମଧ୍ୟରେ ନିଜ ଆସନରେ ବସି ରହିଥିଲେ। ଉଭୟେ ଇସାକ୍‌ମ୍ୟାନ ଏବଂ ସାରାହଙ୍କ ଉପରେ ନଜର ରଖିଥିଲେ। ଏହି ମିଶନ ଆରମ୍ଭ ହେବା ପୂର୍ବରୁ ସମସ୍ତ ୪ କ୍ରିଉ ସଦସ୍ୟଙ୍କୁ ସ୍ପେସ୍ ଏକ୍ସ ପକ୍ଷରୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇଥିଲା। ତେବେ ଇସାକ୍‌ମ୍ୟାନଙ୍କୁ ସଫଳତା ମିଳିବା ପରେ ସ୍ପେସ୍‌ଏକ୍ସ ମୁଖ୍ୟ ଏଲନ ମସ୍କ 'ପୋଲାରିସ୍ ଡନ୍' ମିଶନକୁ ପ୍ରଶଂସା କରିଛନ୍ତି। ବ୍ରହ୍ମାଣ୍ଡର ବିଭିନ୍ନ ରହସ୍ୟ ଉନ୍ମୋଚନ କରିବା ପାଇଁ ଏହି ମିଶନର ଉଦ୍ଦେଶ୍ୟ ସଫଳ ହୋଇଛି ବୋଲି ସେ କହିଛନ୍ତି।

## ସୀତାରାମ ୟେଚୁରୀଙ୍କ...

ଥିଲା ବୋଲି ଦଳ କହିଛି। ୧୯୫୨ ଅଗଷ୍ଟ ୧୨ରେ ଚେନ୍ନାଇରେ ଜନ୍ମିତ ୟେଚୁରୀ ଭାରତୀୟ ରାଜନୀତିରେ ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ। ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ପାଠ ପଢ଼ିବା ସମୟରେ ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇ ସେ ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ସଦସ୍ୟ ଥିଲେ। ୧୯୮୪ରେ ସେ ସିପିଆଇ(ଏମ୍) କେନ୍ଦ୍ରୀୟ କମିଟି ସଦସ୍ୟ ହୋଇଥିଲେ। ୧୯୯୨ରେ ୟେଚୁରୀ ପଲିଟ୍‌ବ୍ୟୁରୋକୁ ନିର୍ବାଚିତ ହୋଇଥିଲେ। ୨୦୦୫ରୁ ୨୦୧୭ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ରହିଥିଲେ ଏବଂ ପ୍ରକାଶ କରାଟଙ୍କ ପରେ ସିପିଆଇ(ଏମ୍)ର ୫ମ ସାଧାରଣ ସମ୍ପାଦକ ହୋଇଥିଲେ। ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୟେଚୁରୀଙ୍କ ପାଖରେ ସ୍ତ୍ରୀ ତଥା ଦି ୱେର୍ ନ୍ୟୁଜ୍ ପୋର୍ଟାଲର ସମ୍ପାଦକ ସୀମା ଚିସ୍ତି ଉପସ୍ଥିତ ଥିଲେ। ତାଙ୍କର ୨ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ୨୦୨୧ରେ ପୁଅ ଆଶିଷ ୟେଚୁରୀଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଥିଲା।

ୟେଚୁରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ୟେଚୁରି ଭାରତୀୟ ରାଜନୀତିର ଜଣେ ଧୂରୀଣ ରାଜନୀତିଜ୍ଞ ଥିଲେ। ଦୀର୍ଘ ବର୍ଷ ଧରି ସେ ଦେଶରେ କମ୍ୟୁନିଷ୍ଟ ଚିନ୍ତାଧାରାର ପ୍ରସାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଜଣେ ଜ୍ଞାନୀ ଓ ଦକ୍ଷ ସାଂସଦ ଭାବରେ ଦେଶର ସଂସଦୀୟ ପରମ୍ପରାର ମୂଲ୍ୟବୋଧକୁ ବଜାୟ ରଖିବାରେ ତାଙ୍କର ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି।

## ଡିଏଲ୍–ଏସ୍‌ଆରଏସ୍‌ଏମ୍‌ର...

କିଲୋମିଟର ଦୂରତା ମଧ୍ୟରେ ବାସ କରୁଥିବା ୬ ଗ୍ରାମର ୩୧ଶହ ଲୋକଙ୍କୁ ୩ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଶୁକ୍ରବାର ଚାନ୍ଦିପୁରରେ ଏହି ଲଞ୍ଚପ୍ୟାଡ୍‌ରୁ ପୁଣି ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ସହକର୍ମୀଙ୍କ ସାହାଯ୍ୟ ପାଇ କାମକୁ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। ଅବହେଳାରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖା ଦେଇପାରେ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉପକୃତ ହେବେ। ଜନକଲ୍ୟାଣ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରି ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ଆଜିର ବ୍ୟୟବହୁଳ ଜୀବନଯାତ୍ରା ହେତୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହେବ। କଳା ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରକ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ସାଧାରଣ କଥାକୁ କେନ୍ଦ୍ରକରି ବାଦବିବାଦଜନିତ ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମିଥୁନ** ପରିବାରରେ ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ପରିସ୍ଥିତି ଉପୁଜିପାରେ। ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ ସ୍ଥାପନରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମଦକ୍ଷତା ହେତୁ ଉପର ଅଧିକାରୀ ଆପଣଙ୍କ ପ୍ରଶଂସା କରିପାରନ୍ତି। ରାଜନୈତିକ କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଯେତେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। ଅଟକି ରହିଥିବା କାମ ସମ୍ପନ୍ନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ଅଂଶୀଦାରଙ୍କ ପରାମର୍ଶରେ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଆପଣଙ୍କ ଉନ୍ନତିରେ ପଡ଼ୋଶୀ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଊଣା ନ ହେଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଅଫିସରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବାର ଆଶା ରହିଛି। କ୍ରୀଡ଼ା, ସଙ୍ଗୀତ ଓ ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଲାଗିରହିବ।

**କନ୍ୟା** ଆନୁଷଙ୍ଗିକ ସାହାଯ୍ୟ ସହଯୋଗରୁ ଆଜିର କାମ ସାଧନ କରିପାରିବେ। ମିତ୍ରମାନେ ସୁପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇ ପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ପରୋକ୍ଷଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଆଜି ପ୍ରିୟ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ହୋଇଯିବ। ଦୃଢ଼ ପଦକ୍ଷେପ ନେଇ ବକେୟା ଅର୍ଥକୁ ହାସଲ କରିବାରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତିରେ ଅବନତି ଆସିପାରେ। ଆକସ୍ମିକ କେତେକ ସମସ୍ୟା ଦେଖାଦେବାରୁ ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିବ୍ରତ ହୋଇପାରନ୍ତି।

**ଧନୁ** ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହେବାର ଆଶଙ୍କା ରହିଛି।

**ମକର** ଆଜି ଯାହା କିଛି କରିବେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇ ପାରେ। ପ୍ରତ୍ୟେକ କ୍ଷେତ୍ରରେ ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ଅବଶ୍ୟ ଆପଣ ମୁହଁ ଖୋଲିଲେ ପାଖ ପଡ଼ୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କୁମ୍ଭ** ମନୋବଳ ବୃଦ୍ଧି କାରଣରୁ କର୍ମକ୍ଷେତ୍ରରେ ଅଗ୍ରଗାମୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖା ଦେଇପାରେ। ବନ୍ଧୁଙ୍କ ସହ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିବାର ସୂଚନା ରହିଛି।

**ମୀନ** ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ହାତକୁ ନେଇଥିବା କାମ ଅଟକି ରହିବ ନାହିଁ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କାମରେ ଖର୍ଚ୍ଚ ବଢ଼ିଯିବ। ବ୍ୟବସାୟ, ପରିବହନ ଓ ଯାତ୍ରାରେ ସୁଫଳ ପାଇବାର ଆଶା ରହିଛି।

ଆଜି ସେପ୍ଟେମ୍ବର ୧୩ ତାରିଖ, ଭାଦ୍ରବ ଶୁକ୍ଳ ଦଶମୀ ଶୁକ୍ରବାର, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ ଓ ମଥୁରାହାଟ ଜୁର। ରାଶିନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୭ ଗତେ ଘ.୦୬.୨୫ ମଧ୍ୟେ, ଘ.୦୭.୧୪ ଗତେ ଘ.୦୮.୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୧ ଗତେ ଘ.୧୧.୪୨ ମଧ୍ୟେ ରାହୁ କାଳ।

**ଭାରତକୁ ବୁଡ଼ା ଜାହାଜ ବିଧ୍ୱଂସୀ ଅସ୍ତ୍ର 'ସୋନବୁଏ' ବିକିବ ଆମେରିକା**

ଭାରତର ସାମୁଦ୍ରିକ ଶକ୍ତି ବୃଦ୍ଧି ପାଇବାକୁ ଯାଉଛି। ୫୨.୮ ମିଲିୟନ ଡଲାର ମୂଲ୍ୟର ହାଇ ଅଲ୍ଟିଚ୍ୟୁଡ୍ ଆଣ୍ଟି ସବ୍ ମାରାଇନ୍ ୱାର୍‌ଫେୟାର୍ 'ସୋନ୍‌ବୁଏ'କୁ ଆମେରିକା ଭାରତକୁ ବିକ୍ରି କରିବ। ଏନେଇ ଆମେରିକୀୟ ପ୍ରତିରକ୍ଷା ବିଭାଗ କଂଗ୍ରେସକୁ ସୂଚନା ଦେଇଛି। ଏହି ଉପକରଣକୁ ଭାରତ ସଶସ୍ତ୍ର ବାହିନୀରେ ସାମିଲ କରିପାରିବ ବୋଲି ପେଣ୍ଟାଗନ କହିଛି।



# ଇସ୍ତଫା ଦେବାକୁ ପ୍ରସ୍ତୁତ: ମମତା

ନୂଆଦିଲ୍ଲୀ,୧୨।୯(ପି.ଟି.)

କୋଲକାତାର ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାବେଳେ ଅଚଳାବସ୍ଥାର ସମାଧାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କୁ ଗୁରୁବାର ଆଲୋଚନା ପାଇଁ ଡାକିଥିଲେ। ତେବେ ଅଚଳାବସ୍ଥା ଦୂର କରିବାରେ ସରକାର ବିଫଳ ହୋଇଥିବା ଆନ୍ଦୋଳନକାରୀ ଡାକ୍ତରମାନେ କହିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରୋଗୀ ସେବାରେ ଅଚଳାବସ୍ଥା ଦେଖାଦେଇଛି।

## ଆଲୋଚନା ନ କରି ଫେରିଗଲେ ଡାକ୍ତର


ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ମମତା ବାନାର୍ଜୀ।

ଏଥିପାଇଁ ମମତା ଡାକ୍ତରମାନଙ୍କୁ ଦାୟୀ କରିଥିଲେ। ସରକାର ନିଜ ଜିଦ୍‌ରେ ଅଟଳ ରହିବାରୁ ଆଲୋଚନା ହୋଇନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡାକ୍ତରମାନେ କହିଛନ୍ତି।

ଆଲୋଚନା ପାଇଁ ୨ ଘଣ୍ଟା ଅପେକ୍ଷା କରିବା ପରେ ମମତା ଗଣମାଧ୍ୟମକୁ ଏକ ଆବେଗଭରା ଭାଷଣରେ କହିଥିଲେ, ମୁଖ୍ୟମନ୍ତ୍ରୀ ପଦ ତାଙ୍କ ପାଇଁ ବଡ଼ ନୁହେଁ। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ପଦ ଛାଡ଼ିବାକୁ ପ୍ରସ୍ତୁତ। ଆନ୍ଦୋଳନରତ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେଲେ, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କେତେଜଣ ନ୍ୟସ୍ତସ୍ୱାର୍ଥ ଲୋକ ଆନ୍ଦୋଳନ ପଛର ମାଷ୍ଟରମାଇଣ୍ଡ ରହିଛନ୍ତି। ସୋସିଆଲ ମିଡିଆରେ ସରକାରୀ ବିରୋଧୀ ବାର୍ତ୍ତା ପୋଷ୍ଟ କରାଯାଉଛି। ଏହାକୁ ରାଜନୈତିକ ରୂପ ଦିଆଯାଉଥିବା ସାଧାରଣ ଲୋକେ ଜାଣନ୍ତି ନାହିଁ ବୋଲି ମମତା କହିଥିଲେ। ରାଜନୈତିକ ରଙ୍ଗ ଦେଉଥିବା ଲୋକେ ନ୍ୟାୟ ଚାହାନ୍ତି ନାହିଁ, ସେମାନେ ଚୌକି ଚାହାନ୍ତି ବୋଲି ମମତା ଖବରଦାତା ସମ୍ମିଳନୀରେ କହିଛନ୍ତି।

ଆନ୍ଦୋଳନରତ ଡାକ୍ତରମାନଙ୍କ ପ୍ରତିନିଧି ଦଳ ଗୁରୁବାର ସନ୍ଧ୍ୟାରେ ଆଲୋଚନା ପାଇଁ ରାଜ୍ୟ ସଚିବାଳୟ ଫାଟକ ପର୍ଯ୍ୟନ୍ତ ଆସିଥିଲେ। ଆଲୋଚନାର ସିଧା ପ୍ରସାରଣ ପାଇଁ ସେମାନଙ୍କ ଦାବିକୁ ସରକାର ଗ୍ରହଣ ନ କରିବାରୁ ସେମାନେ ସଚିବାଳୟରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ମମତା କହିଛନ୍ତି, ଡାକ୍ତରମାନେ କେତେଜଣ ବିରୋଧୀ ନେତାଙ୍କ କଥାରେ କାର୍ଯ୍ୟ କରୁଛନ୍ତି। ଅଧିକାଂଶ ପ୍ରତିନିଧି ଆଲୋଚନା ଚାହୁଁଥିଲେ। ବାହାରୁ ୨/୩ ଜଣ ସେମାନଙ୍କୁ ଆଲୋଚନା ନ କରିବାକୁ ପରାମର୍ଶ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୁଟିନ୍‌ଙ୍କୁ ଭେଟିଲେ ଏନ୍‌ଏସ୍‌ଏ ଡୋଭାଲ


ଅଜିତ ଡୋଭାଲ

ନୂଆଦିଲ୍ଲୀ,୧୨।୯

ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଗୁରୁବାର ସେଣ୍ଟ ପିଟର୍ସବର୍ଗଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ରୁଷିଆ ରାଷ୍ଟ୍ରପତିଙ୍କୁ ଦେଇଛନ୍ତି। ଗତ ମାସରେ ମୋଦି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟି ଆଲୋଚନା କରିଥିଲେ। ଜେଲେନ୍‌ସ୍କିଙ୍କ ସହ ହୋଇଥିବା କଥାବାର୍ତ୍ତା ସମ୍ପର୍କରେ ଡୋଭାଲ ପୁଟିନ୍‌ଙ୍କୁ ଜଣାଇଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧର ଅବସାନ ପାଇଁ ଶାନ୍ତି ପ୍ରକ୍ରିୟାରେ ସହଯୋଗ ନିମନ୍ତେ ଭାରତ ଆଗ୍ରହୀ ବୋଲି ମୋଦି ଜେଲେନ୍‌ସ୍କିଙ୍କୁ କହିଥିଲେ।

## ପୋଲିସ ଗୁଳିରେ ୨ ମୃତ

ଗୁଆହାଟୀ,୧୨।୯

ଆସାମରେ ଗୁରୁବାର ଜବରଦଖଲ ଉଚ୍ଛେଦ ହିଂସାତ୍ମକ ରୂପ ନେଇଛି। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା କରିବା ସହ ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। କାମରୂପ ମେଟ୍ରୋପଲିଟାନ ଜିଲାରେ ବେଆଇନ ଜବରଦଖଲ ଉଚ୍ଛେଦ ଲାଗି ପ୍ରଶାସନିକ ଅଧିକାରୀ ଓ ପୋଲିସ ପହଞ୍ଚିଥିଲେ। ଏହାକୁ ବିରୋଧ କରି ମହିଳାଙ୍କ ସମେତ ଗ୍ରାମବାସୀମାନେ ଉଚ୍ଛେଦ ପାଇଁ ଯାଇଥିବା ଅଫିସର ଓ ପୋଲିସକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ଟେକାମାଡ଼ କରିଥିଲେ। ଫଳରେ ମାଜିଷ୍ଟ୍ରେଟ୍‌ଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ପୋଲିସ ଆହତ ହୋଇଛନ୍ତି।

## ନାଗମଙ୍ଗଲାରେ ସାମ୍ପ୍ରଦାୟିକ ସଂଘର୍ଷ



ମହୀଶୂର,୧୨।୯

କର୍ଣ୍ଣାଟକର ମାଣ୍ଡ୍ୟା ଜିଲା ଅନ୍ତର୍ଗତ ନାଗମଙ୍ଗଲା ତାଲୁକରେ ବୁଧବାର ରାତିରେ ଗଣେଶ ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ସଂଘର୍ଷ ଘଟିଛି। ଏକ ଧାର୍ମିକ କେନ୍ଦ୍ର ନିକଟ ଦେଇ ଶୋଭାଯାତ୍ରା ଯାଉଥିବାବେଳେ ଦୁର୍ବୃତ୍ତମାନେ ଟେକାମାଡ଼ କରିବାରୁ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ୬ଟି ଦୋକାନରେ ନିଆଁ ଲଗାଇଦେବା ସହ ୧୩ଟି ପ୍ରତିଷ୍ଠାନରେ ଭଙ୍ଗାରୁଜା କରିଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ନାଗମଙ୍ଗଲାରେ ୧୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ୧୪୪ ଧାରା ଜାରି ହେବା ସହ ସ୍କୁଲ୍ କଲେଜ ଛୁଟି କରିଦିଆଯାଇଛି। ସଂଘର୍ଷରେ ସମ୍ପୃକ୍ତ ୪୬ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଗିରଫ ଯୁବକମାନଙ୍କ ପରିବାର ସଦସ୍ୟ ଗୁରୁବାର ସକାଳେ ନାଗମଙ୍ଗଲା ଟାଉନ ଥାନାରେ ପହଞ୍ଚି ପ୍ରତିବାଦ କରିଥିଲେ। ଗିରଫଙ୍କ ମଧ୍ୟରୁ କେତେଜଣ ନାବାଳକ ଏବଂ ନିରୀହ ବୋଲି ସେମାନେ କହିବା ସହ ସେମାନଙ୍କୁ ଛାଡ଼ିଦେବାକୁ ଦାବି କରିଛନ୍ତି।

## ସିଜେଆଇଙ୍କ ଘରେ ମୋଦିଙ୍କ ଗଣେଶ ପୂଜାକୁ ନେଇ ବିବାଦ

ନୂଆଦିଲ୍ଲୀ,୧୨।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବାସଭବନକୁ ଯାଇ ସେଠାରେ ଗଣେଶ ପୂଜା କରିବାକୁ ନେଇ ବିବାଦ ଦେଖାଦେଇଛି। ସୁପ୍ରିମକୋର୍ଟର କେତେଜଣ ବରିଷ୍ଠ ଆଇନଜୀବୀ ଏବଂ ବିରୋଧୀ ଦଳର ନେତା ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ସିଜେଆଇ ଚନ୍ଦ୍ରଚୂଡ଼ ଏବଂ ତାଙ୍କ ସ୍ତ୍ରୀ କଳ୍ପନା ଦାସଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ଏକାଠି ଗଣେଶ ପୂଜା କରୁଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ନିନ୍ଦା କରିବା ପାଇଁ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ଇନ୍ଦିରା ଜୟସିଂ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ)କୁ ନିବେଦନ କରିଛନ୍ତି। ଏଭଳି ଘଟଣା ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ରହିଥିବା ସୀମାରେଖାକୁ ଅସ୍ପଷ୍ଟ କରିଦେଇଛି। ପ୍ରଧାନ ବିଚାରପତି କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟରେ ରହିଥିବା କ୍ଷମତା ବିଭାଜନ ସହ ସାଲିସ୍ କରିଥିବା ଜୟସିଂ ଅଭିଯୋଗ କରିଛନ୍ତି। ସିଜେଆଇ ପ୍ରଧାନମନ୍ତ୍ରୀଙ୍କୁ ଗଣେଶ ପୂଜା ପାଇଁ ଡାକିବା ନିଷ୍ପତ୍ତି ଏକ ଖରାପ ଲକ୍ଷଣ ବୋଲି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି। ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବା ଏବଂ ସମ୍ବିଧାନର ଅନୁପାଳନ ଲାଗି ସରକାରଙ୍କୁ ସୁନିଶ୍ଚିତ କରାଇବା ନ୍ୟାୟପାଳିକାର କାର୍ଯ୍ୟ। ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ସ୍ପଷ୍ଟ ପ୍ରାର୍ଥକ୍ୟ ରହିବା ଜରୁରୀ ବୋଲି ଭୂଷଣ କହିଛନ୍ତି। ସମ୍ବିଧାନର ତତ୍ତ୍ୱାବଧାରକ ଯଦି ରାଜନେତାଙ୍କୁ ଭେଟନ୍ତି, ତେବେ ଏହା ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟିକରିବ ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି।


ସିଜେଆଇଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣେଶ ପୂଜା କରୁଛନ୍ତି।

## ଛାତ୍ରନେତାରୁ ସିପିଆଇ(ଏମ୍) ସାଧାରଣ ସମ୍ପାଦକ

ନୂଆଦିଲ୍ଲୀ,୧୨।୯


**ସୀତାରାମ ୟେଚୁରୀ**
(୧୯୫୨ ଅଗଷ୍ଟ ୧୨ରୁ ୨୦୨୪ ସେପ୍ଟେମ୍ବର ୧୨)

ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କର ୭୨ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ ଉଦାରବାଦୀ ତଥା ସ୍ୱଷ୍ଟବାଦୀ ନେତା ଥିଲେ। ବହୁ ଭାଷାରେ ତାଙ୍କର ପାରଦର୍ଶିତା ଥିଲା। ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ୟେଚୁରୀ ୨୦୧୫ ଏପ୍ରିଲରେ ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ ନିର୍ବାଚିତ ହେବା ସହ ୨୦୧୮ ଏବଂ ୨୦୨୧ରେ ପୁନର୍ବାର ଉକ୍ତ ପଦବୀକୁ ନିର୍ବାଚିତ ହୋଇଥିଲେ। ବିରୋଧୀ ଦଳଗୁଡ଼ିକୁ ଏକାଠି କରି ମେଣ୍ଟ ଗଠନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ୨୦୦୪ରୁ ୨୦୧୪ ଉପା ସରକାରକୁ ସିପିଆଇ(ଏମ୍) ସମର୍ଥନ ଦେଇଥିଲା।

୧୯୫୨ ଅଗଷ୍ଟ ୧୨ରେ ଚେନ୍ନାଇରେ ଜନ୍ମିତ ୟେଚୁରୀ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜ ଏବଂ ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ଶିକ୍ଷାଲାଭ କରିଥିଲେ। ସେହି ସମୟରେ ସେ ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଦସ୍ୟ ହୋଇଥିଲେ। ୧୯୭୫ରେ ସେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହେବା ପରେ ଜରୁରୀ ପରିସ୍ଥିତି ଜାରି ହେବାରୁ କିଛି ମାସ ପାଇଁ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ୩ ଥର ଜେଏନ୍‌ୟୁ ଛାତ୍ର ସଂଗଠନର ଅଧ୍ୟକ୍ଷ ହୋଇଥିଲେ। ୧୯୭୮ରେ ସେ ଏସ୍‌ଏଫ୍‌ଆଇର ସର୍ବଭାରତୀୟ ଯୁଗ୍ମ ସମ୍ପାଦକ ଓ ପରେ ଏହାର ସଭାପତି ହୋଇଥିଲେ।

୧୯୮୫ରେ ସିପିଆଇ(ଏମ୍) କେନ୍ଦ୍ରୀୟ କମିଟିକୁ ୟେଚୁରୀ ନିର୍ବାଚିତ ହେବା ପରେ ୧୯୯୨ରେ ଏହାର ପଲିଟ୍‌ବ୍ୟୁରୋ ସଦ୍ୟ ହୋଇଥିଲେ। ବାମଦଳରେ ସେ ସବୁଠୁ ପରିଚିତ ଚେହେରା ଥିଲେ ଏବଂ ୟୁନାଇଟେଡ୍ ଫ୍ରଣ୍ଟ ସରକାରର ସର୍ବନିମ୍ନ ସାଧାରଣ କାର୍ଯ୍ୟକ୍ରମ ଚିଠା ପ୍ରସ୍ତୁତିରେ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ସହ ଏକାଠି କାମ କରିଥିଲେ। ୨୦୦୮ରେ ଭାରତ-ଆମେରିକା ଆଣବିକ ଚୁକ୍ତିକୁ ନେଇ ବାମଦଳ ଉପା ସରକାରରୁ ସମର୍ଥନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଥିବାବେଳେ ଏହି ପ୍ରସଙ୍ଗରେ ସରକାରଙ୍କ ସହ ଆଲୋଚନାରେ ୟେଚୁରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଫଳରେ ସୃଷ୍ଟ ଅଚଳାବସ୍ଥା ଦୂର ହୋଇଥିଲା। ୧୨ ବର୍ଷ ରାଜ୍ୟ ସଭା ସଦସ୍ୟ ରହିଥିବାବେଳେ ୟେଚୁରୀ ବିରୋଧୀ ଦଳର ଶାଣିତ ସ୍ୱର ଥିଲେ। କୃଷକଙ୍କ ସମସ୍ୟାଠାରୁ ଆରମ୍ଭ କରି କର୍ମଜୀବୀମାନଙ୍କ ଅସୁବିଧା, ସରକାରଙ୍କ ଅର୍ଥନୀତି ଓ ବିଦେଶ ନୀତି ଏବଂ ସାମ୍ପ୍ରଦାୟିକତାବାଦର ବିପଦ ଆଦି ବିଭିନ୍ନ ପ୍ରସଙ୍ଗରେ ୟେଚୁରୀ ସ୍ୱର ଉଠାଉଥିଲେ। ଇଣ୍ଡିଆ ବ୍ଲକ୍ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

ୟେଚୁରୀଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ ୟେଚୁରୀଙ୍କୁ ବାମଦଳର ନେତୃତ୍ୱର ଆଲୋକବର୍ତ୍ତିକା ବୋଲି କହିଛନ୍ତି। ତାଙ୍କର ସବୁ ଦଳର ନେତାମାନଙ୍କ ସହ ଭଲ ସମ୍ପର୍କ ରହିଥିଲା। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୟେଚୁରୀଙ୍କୁ ଜଣେ ବନ୍ଧୁ ବୋଲି କହିବା ସହ ସେ ଭାରତୀୟ ବିଚାରଧାରାର ରକ୍ଷକ ଥିଲେ ବୋଲି କହିଛନ୍ତି। ୟେଚୁରୀ ସିପିଆଇ(ଏମ୍)ର ଅନ୍ୟତମ ସ୍ତମ୍ଭ ଏବଂ ଜଣେ ଶ୍ରେଷ୍ଠ ପାର୍ଲାମେଣ୍ଟାରିଆନ୍ ଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ୟେଚୁରୀଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି।

## ୨୦ ବର୍ଷରେ ୫,୨୪୯ ମାଓବାଦୀ ନିହତ

ରାୟପୁର,୧୨।୯

ଦେଶବ୍ୟାପୀ ୨୦୦୪ରୁ ୨୦୨୪ ମଧ୍ୟରେ ୫,୨୪୯ ଜଣ ମାଓବାଦୀ ନିହତ ହୋଇଛନ୍ତି। ଗୁରୁବାର ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ପକ୍ଷରୁ ଜାରି ୨୫ ପୃଷ୍ଠା ବିଶିଷ୍ଟ ବୁକ୍‌ଲେଟ୍‌ରେ ଏହି ତଥ୍ୟ ଉଲ୍ଲେଖ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ୧ ହଜାର ମହିଳା ମାଓବାଦୀ ମୃତ୍ୟୁବରଣ କରିଥିବା ଏହି ରିପୋର୍ଟ କହିଛି। ସେହିପରି ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ ଆଦି ରାଜ୍ୟରେ ୪,୦୭୩ଟି ମାଓବାଦୀ ହିଂସା ଘଟିଥିବାବେଳେ ଏଥିରେ ୩,୦୯୦ ଯବାନଙ୍କର ମୃତ୍ୟୁ ଘଟିଛି। ସେହିପରି ୪,୦୭୭ ଜଣ ଯବାନ ଆହତ ହୋଇଛନ୍ତି। କେବଳ ୨୦୨୧ରୁ ୨୦୨୪ ମଧ୍ୟରେ ଘଟିଥିବା ବିଭିନ୍ନ ମାଓହିଂସାରେ ୨୬୧ ଜଣ ଯବାନ ମୃତ୍ୟୁବରଣ କରିଥିବାବେଳେ ୫୧୬ ଜଣ ଆହତ ହୋଇଛନ୍ତି।

## ୨ ସେନା ଅଫିସରଙ୍କୁ ଆକ୍ରମଣ: ବାନ୍ଧବୀଙ୍କୁ ଗଣବଳାତ୍କାର

ଭୋପାଳ,୧୨।୯

ମଧ୍ୟପ୍ରଦେଶର ଇନ୍ଦୋରରେ ୨ ଜଣ ଯୁବ ସେନା ଅଫିସରଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିବା ସହ ସେମାନଙ୍କର ବାନ୍ଧବୀଙ୍କୁ ଗଣବଳାତ୍କାର କରିଛନ୍ତି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ଆକ୍ରମଣକାରୀମାନେ ଡକାୟତି କରିବା ଉଦ୍ଦେଶ୍ୟରେ ଆସିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ୨ ସେନା ଅଫିସର ଇନ୍ଦୋର ନିକଟ ସେନା କଲେଜରେ ଟ୍ରେନିଂ ନେଉଥିବାବେଳେ ମଙ୍ଗଳବାର ଅପରାହ୍ନରେ ସେମାନଙ୍କର ଦୁଇଜଣ ବାନ୍ଧବୀଙ୍କ ସହ ଛୋଟିଜାମ୍ ଫାୟାରିଂ ରେଞ୍ଜ ନିକଟରେ ଥିବା ଏକ ସ୍ଥାନକୁ ବଣଭୋଜି କରିବାକୁ ଯାଇଥିଲେ। ହଠାତ୍ ୮ ଜଣ ସଶସ୍ତ୍ର ଯୁବକ ସେମାନଙ୍କୁ ଘେରିଯାଇଥିଲେ। ସେମାନେ ଟ୍ରେନି ଅଫିସର ଓ ୨ ମହିଳାଙ୍କୁ ମାଡ଼ ମାରିବା ପରେ ସେମାନଙ୍କ ପାଖରେ ଥିବା ଟଙ୍କା ଲୁଟି ନେଇଥିଲେ। ଏହା ପରେ ସେମାନେ ଜଣେ ସେନା ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପଣବନ୍ଦୀ ରଖି ୧୦ ଲକ୍ଷ ଟଙ୍କା ଆଣିବା ପାଇଁ ଅନ୍ୟ ୨ ଜଣଙ୍କୁ ପଠାଇ ଦେଇଥିଲେ। ସେମାନେ ସେନା ୟୁନିଟ୍‌ରେ ପହଞ୍ଚି କମାଣ୍ଡିଂ ଅଫିସରଙ୍କୁ ସବୁ କଥା ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଓ ସେନା ଯବାନମାନେ ଘଟଣାସ୍ଥଳକୁ ଯିବାବେଳେ ସେମାନଙ୍କ ଗାଡ଼ି ଦେଖି ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ।

ଆହତ ୨ ସେନା ଅଧିକାରୀ ଓ ୨ ମହିଳାଙ୍କୁ ମହୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ମାଇନାରୁ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଜଣାପଡ଼ିଛି। ପୋଲିସ ଆକ୍ରମଣକାରୀମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି। ୨ ଜଣ ଗିରଫ ହୋଇଥିବାବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

**ଫୁରସତ**

## ମାଧୁରୀଙ୍କୁ ବିବାହ କରିବାକୁ ଚାହୁଁଥିଲେ ଗୋବିନ୍ଦା



**ମୁମ୍ବାଇ:** ବଲିଉଡ୍ ଅଭିନେତା ଗୋବିନ୍ଦା ଗୁରୁବାର ଏକ ଟିଭି ପ୍ରୋଗ୍ରାମରେ ସ୍ତ୍ରୀ ସୁନୀତା ଆହୁଜାଙ୍କ ସହ ଯୋଗଦେଇ ମାଧୁରୀ ଦୀକ୍ଷିତ୍ ତାଙ୍କର ପ୍ରିୟ ଅଭିନେତ୍ରୀ ହୋଇଥିବା କହିଛନ୍ତି। ଗୋବିନ୍ଦା ଉକ୍ତ ପ୍ରୋଗ୍ରାମରେ କହିଛନ୍ତି, ମାଧୁରୀ ହେଉଛନ୍ତି ତାଙ୍କର ପ୍ରିୟ ଅଭିନେତ୍ରୀ। ମାଧୁରୀଙ୍କର ସୌନ୍ଦର୍ଯ୍ୟ, ପ୍ରକୃତି, ଆଚରଣ, ଶୈଳୀ, ଶାନ୍ତ ସ୍ୱଭାବ ସର୍ବଦା ତାଙ୍କୁ ପ୍ରଭାବିତ କରିଆସିଛି। ଗୋବିନ୍ଦା ଆହୁରି କହିଛନ୍ତି, ସେତେବେଳେ ସେ ମାଧୁରୀଙ୍କ ପ୍ରତି ବହୁ ମାତ୍ରାରେ ଆକୃଷ୍ଟ ଥିଲେ। ଯଦି ସେ ସୁନୀତାଙ୍କୁ ବିବାହ କରି ନ ଥାନ୍ତେ, ତେବେ ମାଧୁରୀଙ୍କୁ ବିବାହ ପାଇଁ ଅନୁରୋଧ କରିଥାନ୍ତେ ବୋଲି ଗୋବିନ୍ଦା କହିଛନ୍ତି। ଗୋବିନ୍ଦାଙ୍କ ଏହି ଉକ୍ତି ଶୁଣି ସ୍ତ୍ରୀ ସୁନୀତା ଓ ଉପସ୍ଥିତ ହୋଷ୍ଟ ହସିବାରେ ଲାଗିଥିଲେ। ଗୋବିନ୍ଦା କହିଛନ୍ତି, ମାଧୁରୀଙ୍କ ସହ ତାଙ୍କର ଭଲ ବନ୍ଧୁତା ରହିଛି। ଜଣେ ଟ୍ୟାଲେଣ୍ଟେଡ ଅଭିନେତ୍ରୀ ଭାବେ ସର୍ବଦା ସେ ମାଧୁରୀଙ୍କୁ ସମ୍ମାନ କରିଥାନ୍ତି। ଉକ୍ତ ପ୍ରୋଗ୍ରାମରେ ସୁନୀତା ମଧ୍ୟ ମାଧୁରୀଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ତେବେ ପ୍ରୋଗ୍ରାମର ହୋଷ୍ଟ ଜଣକ ଗୋବିନ୍ଦାଙ୍କୁ ପଚାରିଛନ୍ତି, ସେ ମାଧୁରୀଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି କି ନାହିଁ। ଉତ୍ତରରେ ଗୋବିନ୍ଦା ହସି କରି କହିଛନ୍ତି, ମତେ ସେଥିପାଇଁ ସୁଯୋଗ ମିଳି ନ ଥିଲା। ଗୋବିନ୍ଦାଙ୍କ ଏହି ବିନ୍ଦାଶ ଅନ୍ଦାଜକୁ ବହୁ ଦର୍ଶକ ପସନ୍ଦ କରିଛନ୍ତି।



ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ



# ବିକଳ୍ପ ନୀତି ଆବଶ୍ୟକ



ଡାନି ରୋଡ୍ରିକ

୨୦୦୦ରେ ମୁଁ 'ଦି ପଲିଟିକାଲ ଟ୍ରାଇଲେମା ଅଫ ଦି ୱାର୍ଲ୍ଡ ଇକୋନୋମି' ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲି। ଟ୍ରାଇଲେମା କହିଲେ, ବୈଶ୍ୱିକ ଅର୍ଥ ବ୍ୟବସ୍ଥାର ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗ୍ରହଣ କରିବାରେ କଠିନ ରାଜନୈତିକ ସ୍ଥିତି ବା ଦ୍ୱନ୍ଦ୍ୱକୁ ବୁଝାଏ। ମୋର ଦାବି ଥିଲା ଯେ ଜଗତୀକରଣର ଉନ୍ନତ ଢାଞ୍ଚା, ଷ୍ଟେଟ-ନେଶନ (ସମାନ ସଂସ୍କୃତି, ଭାଷା ଓ ଇତିହାସ ଆଦିର ଏକ ଗୋଷ୍ଠୀ ଦ୍ୱାରା ଗଠିତ ଏକ ସ୍ୱାଧୀନ ଦେଶ) ଏବଂ ଗଣରାଜନୀତି ଏକାଠି ହୋଇ ରହିପାରିବେ ନାହିଁ। ସମାଜଗୁଡ଼ିକ ଶେଷରେ ତିନିଟି ବିଷୟ ମଧ୍ୟରୁ ଦୁଇଟିକୁ (ପ୍ରାୟତଃ) ଗ୍ରହଣ କରିବାକୁ ହେବ । ମୁଁ ପରାମର୍ଶ ଦେଇଥିଲି ଯେ, ଭବିଷ୍ୟତରେ କୌଣସି ସମୟରେ ଷ୍ଟେଟ-ନେଶନ ଭୁଶୁଡ଼ି ପଡ଼ିବ। ଜଗତୀକରଣ ଦ୍ୱାରା ସୃଷ୍ଟି ହୋଇଥିବା ବଣ୍ଟନ ଏବଂ ଶାସନର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ସରକାରମାନେ ଜାତୀୟ ସାର୍ବଭୌମତ୍ୱକୁ ପୁନଃସ୍ଥାପିତ କରିବାକୁ ଚେଷ୍ଟା କରିବେ। ପ୍ରଥମ ଆର୍ଟିକିଲ୍‌ର ଏକ ଦଶନ୍ଧି ପରେ ମୋ ବହି 'ଦି ଗ୍ଲୋବାଲାଇଜେଶନ ପାରାଡକ୍ସ' ମଧ୍ୟ ଟ୍ରାଇଲେମା ବିଚାରକୁ ସାମ୍ନାକୁ ଆଣିଥିଲା। ଅତ୍ୟଧିକ ଜଗତୀକରଣ, ୟୁରୋପୀୟ ସଂଘରୁ ଇଂଲଣ୍ଡ ଓହରିଯିବା, ଚରମ ଦକ୍ଷିଣପନ୍ଥୀଙ୍କ ଉତ୍ଥାନ ଏବଂ ଇୟୁରେ ଗଣତନ୍ତ୍ରର ଭବିଷ୍ୟତ ସମେତ ଅନ୍ୟ ସବୁ ସମସ୍ୟାକୁ ବିଚାରକୁ ନେଲେ ଏହି ଟ୍ରାଇଲେମା ବିଚାରଧାରାକୁ ବୁଝିବା ସହଜ ହୋଇଯିବ। ସମ୍ପ୍ରତି ଆଉ ଏକ ଟ୍ରାଇଲେମାରେ ବିଭ୍ରାଟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଜଳବାୟୁ ପଦକ୍ଷେପ ବିକଶିତ କରିବାରେ, ଅର୍ଥ ବ୍ୟବସ୍ଥାରେ ମଧ୍ୟବିତ୍ତଙ୍କୁ ଶକ୍ତିଶାଳୀ କରିବା ଏବଂ ବୈଶ୍ୱିକ ଦାରିଦ୍ର୍ୟ ହ୍ରାସ କରିବା କାର୍ଯ୍ୟ ଏକାବେଳକେ କରିବା ଅସମ୍ଭବ ହୋଇଯିବ। ଏବକାର ନୀତିଗତ ଧାରାଗୁଡ଼ିକରେ ଯେକୌଣସି ଦୁଇଟି ଲକ୍ଷ୍ୟକୁ ଏକାଠି କଲେ ତାହା ତୃତୀୟଟିର କ୍ଷତି କରିବ।

ଯୁଦ୍ଧ ପରବର୍ତ୍ତୀ ଦଶନ୍ଧି ମଧ୍ୟରେ ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକର ନୀତିସବୁ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆଭ୍ୟନ୍ତରୀଣ ସାମାଜିକ ସ୍ଥିରତା ଉପରେ ସମାନ ଭାବେ ଗୁରୁତ୍ୱ ଦେଇଥିଲେ । ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ବ୍ୟାପକ କଲ୍ୟାଣକାରୀ ପରିବେଶ ଗଠନ କରିଥିଲେ ଏବଂ ଧୀରେ ଧୀରେ ଗରିବ ଦେଶର ରପ୍ତାନି ପାଇଁ ସେମାନଙ୍କ ବଜାର ମଧ୍ୟ ଅଧିକ ମୁକ୍ତ ରଖିଥିଲେ। ପରିଣାମ ସ୍ୱରୂପ ଧନୀ ଦେଶରେ ସମ୍ମିଳିତ ଅଭିବୃଦ୍ଧି ହେବା ସହିତ ବିକାଶଶୀଳ ଦେଶରେ ଦାରିଦ୍ର୍ୟ ହ୍ରାସ ପାଇଲା। ଏହି ରଣନୀତି ସଫଳ ହୋଇଥିଲେ ବି ଏହା ଜଳବାୟୁ ପରିବର୍ତ୍ତନର ବିପଦକୁ ଅଣଦେଖା କରିଥିଲା । ସମୟକ୍ରମେ ଅର୍ଥନୈତିକ ଅଭିବୃଦ୍ଧିରେ



ସହାୟକ ହେଉଥିବା ଜୀବାଶ୍ମ ଇନ୍ଧନଜନିତ ପରିଣାମକୁ ଦୂରେଇବା କଷ୍ଟକର ହୋଇଯାଇଛି। ଅତ୍ୟଧିକ ଜଗତୀକରଣ ପୂର୍ବରୁ ଥିବା ବ୍ରେଟନ ଉଡ୍ସ ମଡେଲକୁ ଦୂରେଇଦେବା ଫଳରେ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକର ଶ୍ରମ ବଜାରରେ ଅଧିକ ବ୍ୟାଘାତ ଘଟାଇବା ସହ ମଧ୍ୟବିତ୍ତ ବର୍ଗ ତଥା ଗଣତନ୍ତ୍ରକୁ କ୍ଷୁଣ୍ଣ କରିଛି। ଏହି ଦୁଇଟି ବିଷୟ ପାଇଁ ନୂତନ ରଣନୀତି ଆବଶ୍ୟକ ।

ଆମେରିକାରେ ରାଷ୍ଟ୍ରପତି ଜୋ. ବାଇଡେନ୍‌ଙ୍କ ପ୍ରଶାସନ ଏହି ନୂତନ ବାସ୍ତବତାକୁ ମୁକାବିଲା କରିଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ନବୀକରଣ ଯୋଗ୍ୟ ତଥା ସବୁଜ ଶିଳ୍ପରେ ବିପୁଳ ନିବେଶକୁ ପ୍ରୋତ୍ସାହିତ କରି ଭିନ୍ନ ପ୍ରକାର ପଦକ୍ଷେପ ନେଇଛି ଏବଂ ଏହା ସୁଚିନ୍ତିତ ଭାବରେ ଚାହିଦା ମୁତାବକ ଶ୍ରମଶକ୍ତିକୁ ପ୍ରୋତ୍ସାହନ ଦେଇ, ଉତ୍ପାଦନକୁ ପୁନଃସ୍ଥାପିତ ତଥା ଚାଇନାରୁ ଆମଦାନୀ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳରେ ନିଯୁକ୍ତି ସୃଷ୍ଟି କରି ମଧ୍ୟବିତ୍ତ ବର୍ଗର ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖିଛି । ଜଳବାୟୁ ଏବଂ ମଧ୍ୟବିତ୍ତ ବର୍ଗଙ୍କ ଉପରେ ଗୁରୁତ୍ୱ ଦେବାର ଏହି ନୂତନ ଧାରା ବହୁ ପୂର୍ବରୁ ଅଣଦେଖା ହୋଇ ରହିଛି। ଏବର ଶିଳ୍ପ ନୀତିଗୁଡ଼ିକ ଏବଂ ଅନ୍ୟାନ୍ୟ ନିୟମାବଳୀ ପ୍ରାୟତଃ ଭେଦଭାବପୂର୍ଣ୍ଣ ଏବଂ ବିକାଶଶୀଳ ଦେଶରୁ ଉତ୍ପାଦିତ ସାମଗ୍ରୀକୁ ଦୂରେଇ ରଖିବା ଭଳି ବିପଦ ସୃଷ୍ଟି କରେ।

ଆମେରିକାରେ ଲାଗୁ ହୋଇଥିବା ସବୁଜ ସବ୍‌ସିଡି ବିଶେଷକରି ଆମଦାନୀ ସାମଗ୍ରୀ କବଳରୁ ଘରୋଇ ଉତ୍ପାଦନକୁ ସୁରକ୍ଷା ଦେଉଥିବା ନୀତିକୁ ଉତ୍ସାହିତ କରେ । ବିକାଶଶୀଳ ଦେଶରୁ ଅସାଧୁ ରପ୍ତାନିକାରୀଙ୍କୁ ଅତିରିକ୍ତ ଶୁଳ୍କ ଦେବା କ୍ଷେତ୍ରରେ ୟୁରୋପୀୟ ସଂଘର କାର୍ବନ ପ୍ରାଇସିଂ(ସବୁଜ ଗୃହ ବାଷ୍ପ ନିର୍ଗମନ କ୍ଷତିର ମୂଲ୍ୟ ନିର୍ଦ୍ଧାରଣ)ପଦ୍ଧତିର ଆବଶ୍ୟକତା ରହିବ। ହେଲେ ଗରିବ ଦେଶ ସରକାରମାନେ ବିଶ୍ୱାସ କରନ୍ତି ଯେ, ପୂର୍ବ ଏସୀୟ ଦେଶଗୁଡ଼ିକର ରପ୍ତାନିଭିତ୍ତିକ ଶିଳ୍ପାୟନକୁ ପୁନର୍ବାର ଚାଲୁ ରଖିବାରେ ସେମାନଙ୍କ ପ୍ରୟାସକୁ ଏହି ପଦକ୍ଷେପ କ୍ଷତି ପହଞ୍ଚାଇବ।

ତେବେ ଗରିବ ଦେଶ ତଥା ଜଳବାୟୁ ଉପରେ ଗୁରୁତ୍ୱ ଦେଉଥିବା ବିକଳ୍ପ ନୀତି ବିଷୟରେ ଆମେ ଚିନ୍ତା କରିପାରିବା। ଆବଶ୍ୟକ ଜଳବାୟୁ ନିବେଶକୁ ଗ୍ରହଣ କରିବା ସହ ଜଳବାୟୁ ପ୍ରଭାବକୁ ହ୍ରାସ କରିବା ଲାଗି ଏହା ଉତ୍ତରର ଧନୀ ଦେଶଗୁଡ଼ିକରୁ ଦକ୍ଷିଣରେ ଥିବା ଗରିବଦେଶଗୁଡ଼ିକୁ ଆର୍ଥିକ ଏବଂ ବୈଷୟିକ ଜ୍ଞାନକୌଶଳର ସ୍ଥାନାନ୍ତରଣକୁ ସାମିଲ କରିବ। ଏହି ନୀତିରେ ଗରିବ ଦେଶଗୁଡ଼ିକର ଶ୍ରମିକମାନଙ୍କ ଆର୍ଥିକ ସୁଯୋଗଗୁଡ଼ିକୁ ବୃଦ୍ଧି କରିବାକୁ ହେବ । ଏଥିପାଇଁ ଉତ୍ତରର ବଜାରରେ ଦ୍ରବ୍ୟ, ସେବା ସହ ଦକ୍ଷିଣର ଗରିବ ଦେଶର ଶ୍ରମିକମାନଙ୍କ ଅଧିକ ଉପଲବ୍ଧତା ନିଶ୍ଚିତ କରିବାକୁ ପଡ଼ିବ। ଏହି ନୀତି ଗଢ଼ିବା ନୈତିକ ଦୃଷ୍ଟିରୁ ଆକର୍ଷଣୀୟ ହେବ ଓ ଏହା ଦାର୍ଶନିକ ଜନ ରାୱଲ୍ସଙ୍କ ବୈଶ୍ୱିକ ନ୍ୟାୟର ନୀତିକୁ ଫଳପ୍ରଦ ଭାବରେ ପ୍ରୟୋଗ କରିବ। କିନ୍ତୁ ଏଠାରେ ମଧ୍ୟ ଟ୍ରାଇଲେମାର ସମସ୍ୟା ଅଛି । ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ମଧ୍ୟବିତ୍ତ ଶ୍ରେଣୀର ପୁନରୁଦ୍ଧାରରେ ବିଫଳ ହେବ। କଲେଜ କିମ୍ବା ବୃତ୍ତିଗତ ଡିଗ୍ରୀ ନ ଥିବା ଶ୍ରମିକମାନଙ୍କ ଦରମା ହ୍ରାସ କରି ସେମାନଙ୍କ ମଧ୍ୟରେ ଅଧିକ ପ୍ରତିଯୋଗିତା ସୃଷ୍ଟି କରିବ। ଏହା ସେମାନଙ୍କର ମାନବ ପୁଞ୍ଜି ଏବଂ ଭୌତିକ ଭିତ୍ତିଭୂମିରେ ନିବେଶ ପାଇଁ ଉପଲବ୍ଧ ଆର୍ଥିକ ସମ୍ବଳକୁ ମଧ୍ୟ ହ୍ରାସ କରିବ । ସୌଭାଗ୍ୟବଶତଃ ଏହି ସବୁ ଦ୍ୱନ୍ଦ୍ୱ ବା ବିବାଦ ମଧ୍ୟରୁ କେତେକ ବାସ୍ତବ ଅପେକ୍ଷା ଅଧିକ ସ୍ପଷ୍ଟ ଜଣାପଡ଼ନ୍ତା। ବିଶେଷ ଭାବରେ, ଉନ୍ନତ ଅର୍ଥ ବ୍ୟବସ୍ଥା ଏବଂ ଗରିବ ଦେଶଗୁଡ଼ିକର ନୀତି ନିର୍ଦ୍ଧାରଣକାରୀମାନେ ସମାନ ଭାବେ ବୁଝିବା ଆବଶ୍ୟକ ଯେ, ଭବିଷ୍ୟତରେ ସାମଗ୍ରୀ, ମଧ୍ୟବିତ୍ତ ଚାକିରିର ସିଂହଭାଗ ମାନୁଫାକ୍‌ଚରିଂରୁ ନୁହେଁ, ବରଂ ସେବାରୁ ଆସିବା ଦରକାର । ଏହାସହ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ ହେବ । ଶ୍ରମ ଗ୍ରହଣକାରୀ କ୍ଷେତ୍ର ଯଥା ସେବା, ଖୁଚୁରା, ଶିକ୍ଷା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସେବା ଅଧିକାଂଶ ସମୟରେ ଅଣ-ବାଣିଜ୍ୟ ହୋଇଥାଏ । ସେସବୁକୁ ପ୍ରୋତ୍ସାହିତ କରାଯିବା ଦରକାର।

ବିକାଶଶୀଳ ଦେଶଗୁଡ଼ିକର ଅଧିକ ସହଯୋଗ ବିନା ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଅସମ୍ଭବ ହୋଇଯିବ। ଆମେରିକା ଏବଂ ୟୁରୋପରୁ ନିର୍ଗମନ ହ୍ରାସ ପାଉଥିବାବେଳେ ବିକାଶଶୀଳ ଦେଶଗୁଡ଼ିକର ନିର୍ଗମନ ଏବେ ସୁଦ୍ଧା ବୃଦ୍ଧିପାଉଛି। କେତେକ କ୍ଷେତ୍ରରେ ଏହାର ଦ୍ରୁତ ବୃଦ୍ଧି ଘଟୁଛି ଏବଂ ତାହା ଖୁବ୍‌ଶୀଘ୍ର ବୈଶ୍ୱିକ ନିର୍ଗମନର ୫୦ ପ୍ରତିଶତକୁ ଟପିଯିବ। ଏଣୁ ଧନୀ ଦେଶସବୁ ସବୁଜ କ୍ଷେତ୍ରକୁ ପରିବର୍ତ୍ତନ କରିବାର ନୀତିକୁ ପ୍ରୋତ୍ସାହିତ କରିବାକୁ ହେବ, ଯାହାକୁ ଗରିବ ଦେଶଗୁଡ଼ିକ ସେମାନଙ୍କ ନିଜସ୍ୱ ଅଭିବୃଦ୍ଧିର ଏକ ଅଂଶ ଭାବେ ଗ୍ରହଣ କରିବେ।

ଜଳବାୟୁ ପରିବର୍ତ୍ତନ ଆମ ଅସ୍ତିତ୍ୱ ପ୍ରତି ବିପଦ । ଏକ ବୃହତ୍ ଏବଂ ସ୍ଥାୟୀ ମଧ୍ୟବିତ୍ତ ବର୍ଗ ହେଉଛି ଉଦାରବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳଦୁଆ । ବର୍ତ୍ତମାନ ବିଶ୍ୱରୁ ଦାରିଦ୍ର୍ୟ ହ୍ରାସ କରିବା ଏକ ନୈତିକ ଆବଶ୍ୟକତା । ତଥାପି ଆମର ସାମ୍ପ୍ରତିକ ନୀତିଗତ ଢାଞ୍ଚା, ପରୋକ୍ଷ ତଥା ବଳପୂର୍ବକ ଭାବେ ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗ୍ରହଣ କରିବାରେ ଆମକୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି, ଯାହା ଦୂର କରିବା କଷ୍ଟକର ମନେହୁଏ । ଏକ ସଫଳ ତଥା ପରବର୍ତ୍ତୀ ନବଉଦାରବାଦର ପରିବର୍ତ୍ତନରେ ଆମକୁ ନୂତନ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ ; ଯାହା ଏହି ବିପରୀତ ଓ ଦ୍ୱନ୍ଦ୍ୱାତ୍ମକ ସ୍ଥିତିଗୁଡ଼ିକରୁ ଆମକୁ ଚିନ୍ତାମୁକ୍ତ କରିପାରିବ।

**–ପ୍ରଫେସର ଅଫ୍ ଇଣ୍ଟରନ୍ୟାଶନାଲ ପଲିଟିକାଲ ଇକୋନୋମି, ହାର୍ଭାର୍ଡ କେନେଡି ସ୍କୁଲ**

# ମଣିପୁର ହିଂସାରେ ଡ୍ରୋନ୍



ସୌଭାଗ୍ୟ ରଞ୍ଜନ ମହାନ୍ତି

୨୦୨୩ ମସିହା ମେ' ମାସରୁ ମଣିପୁରରେ 'ମେଇତି' ଏବଂ 'କୁକି' ମଧ୍ୟରେ ଲାଗିରହିଥିବା ଜାତିଆଣ ହିଂସା ଥମିବା ପରିବର୍ତ୍ତେ ଦିନକୁ ଦିନ ଉଗ୍ରରୂପ ନେବା ସହ 'ଡ୍ରୋନ୍' ମୋର୍ଟାର ବ୍ୟବହାର ବିବାଦକୁ ନୂଆ ମୋଡ଼ ଦେଇଛି । ଏହା କେବଳ ଦଙ୍ଗାଗ୍ରସ୍ତ ମଣିପୁରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆହୁରି ନିମ୍ନଗାମୀ କରିଛି, ସମସ୍ୟା ସମାଧାନ କରିବାରେ ଉଭୟ କେନ୍ଦ୍ର, ରାଜ୍ୟ ସରକାର ଏବଂ ସୁରକ୍ଷାକର୍ମୀଙ୍କ ବିଫଳତାକୁ ପ୍ରମାଣିତ କରୁଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହୋଇ ନ ପାରେ। ମେଇତି ସମ୍ପ୍ରଦାୟ ଅଧ୍ୟୁଷିତ ଇମ୍ଫାଲ ପଶ୍ଚିମ ଜିଲାର ଏକ ଗ୍ରାମ ଉପରେ ଚରମପନ୍ଥୀଙ୍କ ଡ୍ରୋନ୍ ଆକ୍ରମଣରେ ୨ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ୯ଜଣ ଗୁରୁତର ଆହତ ହୋଇଛନ୍ତି। ଡ୍ରୋନ୍ ସହାୟତାରେ ଚରମପନ୍ଥୀମାନେ ବୋମା ମାଡ଼ କରିଥିବା କୁହାଯାଇଥିବାବେଳେ ଏହି ଆକ୍ରମଣରେ କୁକି ସମ୍ପ୍ରଦାୟର ମିଲିଟାଣ୍ଟ ସଂଗଠନ ଭାବେ ପରିଚିତ କୁକି-ଜୋ'ର ହାତ ଥିବା ଅନୁମାନ କରାଯାଏ। ଏହି ଅଞ୍ଚଳରେ କୁକି-ଜୋ'ର ଲୋକଙ୍କ ଉପରେ ମେଇତିର ଉଗ୍ରପନ୍ଥୀ ଗୋଷ୍ଠୀର ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଡ୍ରୋନ୍ ଆକ୍ରମଣ ହୋଇଥିବା କୁହାଯାଏ। ତେବେ ଏଭଳି ଏକ ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ କିମ୍ବା ସ୍ପଷ୍ଟ ଭାବେ କୌଣସି ପ୍ରମାଣ ମିଳି ନ ଥିବାବେଳେ ଡ୍ରୋନ୍ ଆକ୍ରମଣ ଯେ ଜାତିଆଣ ଦଙ୍ଗା ସୃଷ୍ଟିକାରୀଙ୍କ ଏକ ନୂତନ କୌଶଳ ଏହା ସ୍ୱୀକାର କରିବାକୁ ହେବ।

ଏହା ନିଃସନ୍ଦେହ ଯେ, ମଣିପୁରରେ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ବୋମାମାଡ଼ ଏବଂ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପାଇଁ ଡ୍ରୋନ୍ ବ୍ୟବହାର ନିଶ୍ଚିତ ଭାବେ ଚିନ୍ତାଜନକ। ଏହି ଡ୍ରୋନ୍ ଆକ୍ରମଣରେ ଅନୁଧ୍ୟାନ ଏବଂ ଏହାର ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ଏହା ସତ୍ୟ ଯେ, ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ବିବାଦୀୟ ଜୋନ୍‌ଗୁଡ଼ିକରେ ଡ୍ରୋନ୍ ବ୍ୟବହାର ଏବେ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ୟେମେନର ହୁଟି ଆତଙ୍କବାଦୀ ସଂଗଠନ ଲୋହିତ ସାଗରରେ ଜାହାଜ ଚଳାଚଳକୁ ହାରାଶ କରିବା ପାଇଁ ଡ୍ରୋନ୍ ବ୍ୟବହାର କରିଥିବାବେଳେ ୨୦୨୦ରେ ଆଜରବୈଜାନ ଏବଂ ଆର୍ମେନିଆ ମଧ୍ୟରେ ନାଗୋର୍ଣ୍ଣୋକାରବାଗ ଦ୍ୱିତୀୟ ଯୁଦ୍ଧରେ ଆଜେରି ବାହିନୀ ବ୍ୟାପକ ଡ୍ରୋନ୍ ବ୍ୟବହାର କରିଥିଲେ। ଗତ କିଛିବର୍ଷ ଧରି ଭାରତୀୟ ସୀମାର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପାକିସ୍ତାନୀ ଡ୍ରୋନ୍‌ଗୁଡ଼ିକ ବ୍ୟାପକ ଅସ୍ତ୍ରଶସ୍ତ୍ର ଓ ନିଷିଦ୍ଧ ଔଷଧ ବାରମ୍ବାର ପକାଇଥିଲେ, ଯାହାକି ଭାରତ ସରକାର ଏବଂ ଭାରତୀୟ ସେନା ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ମଣିପୁର ଘଟଣାରେ ଡ୍ରୋନ୍‌ରେ ରାଜ୍ୟ ଅସ୍ତ୍ରାଗାର ଏବଂ ବିଭିନ୍ନ ଥାନାରୁ ଲୁଟ ହୋଇଥିବା ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ବୋମା ଖଞ୍ଜାଯାଇଥିବା ବିଶ୍ୱାସ କରାଯାଉଛି। ତେବେ ମଣିପୁରରେ ଡ୍ରୋନ୍ ଆକ୍ରମଣ ଘଟଣା ୨୦୨୧ରେ ଭାରତ ସରକାରଙ୍କ ଡ୍ରୋନ୍ ନୀତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଆଶା କରାଯାଏ। ଡ୍ରୋନ୍ ସହାୟତାରେ ଦେଶର ବିଭିନ୍ନ ହସ୍ପିଟାଲକୁ ଜୀବନ ରକ୍ଷାକାରୀ ଔଷଧ, ରକ୍ତ, କିଡ୍‌ନୀ, ମାନବ ଅଙ୍ଗ ପଠାଯାଉଛି। ଯାହାକି ଭାରତ ସରକାରଙ୍କ କୋହଳ ନୀତି ଯୋଗୁ ସମ୍ଭବ ହୋଇପାରିଛି। ତେବେ ମାନବ ସମାଜର ଅହିତକର ଓ ଧ୍ୱଂସର ତାଣ୍ଡବ ରଚୁଥିବା ଘଟଣାରେ ଡ୍ରୋନ୍ ବ୍ୟବହାରର ମୁକାବିଲା ପାଇଁ ଏବେ ସମୟ ଉପନୀତ ହୋଇଛି । ମଣିପୁର ହିଂସାକୁ ଇତିମଧ୍ୟରେ ୧୬ମାସ ପୂରିବାକୁ ଯାଉଥିବାବେଳେ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମନେହୁଏ। କେବଳ ବ୍ୟାପକ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଏବଂ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ନିଜର କର୍ତ୍ତବ୍ୟ ସାରିଦେଇଥିବା କୁହାଯାଇପାରେ। ଗଲା ଲୋକ ସଭା ନିର୍ବାଚନରେ ରାଜ୍ୟର ଦୁଇଟି ଯାକ ଆସନରେ ଭାଜପାର ଶୋଚନୀୟ ପରାଜୟ ସତ୍ତ୍ୱେ ଏଥିରୁ ଦଳ କିମ୍ବା ସରକାର କିଛି ଗ୍ରହଣ କରି ନ ଥିବା ମନେହୁଏ। ଯାହାର ପରିଣତି ସ୍ୱରୂପ ହିଂସାକାଣ୍ଡ ଉଗ୍ରରୂପ ନେବା ସହ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ନେବା ଜରୁରୀ। ଅନ୍ୟଥା ପାହାଡିଆ ରାଜ୍ୟର ପରିସ୍ଥିତି ଚରମପନ୍ଥୀ ହାତକୁ ଚାଲିଯାଇପାରେ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଡ୍ରୋନ୍‌ରେ ବୋମାମାଡ଼।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ଜାସ୍ କାଲ୍‌ରାଙ୍କ ବୟସ ମାତ୍ର ୨୫, ହେଲେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। ଏହି ବୟସରେ ସେ ଗୁର୍‌ଗାଁଓରେ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଯତ୍ନ ନେଉଛନ୍ତି। ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ଦୈନନ୍ଦିନ ଆବଶ୍ୟକତା ମଧ୍ୟ ପୂରଣ କରୁଛନ୍ତି। ଜାସ୍ ମୁଖ୍ୟତଃ ରାସ୍ତାରେ ଜୀବନ କାଟୁଥିବା ଅସହାୟ ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖୁଛନ୍ତି। ଏହି ଆଶ୍ରୟ ସ୍ଥଳୀରେ ସେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା କରିଛନ୍ତି ଓ ଏହା ହେଉଛି ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହା 'ଆର୍ଥ ସର୍‌ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି ଓ ଏହାର ମୁଖ୍ୟ ଭାବେ ଜାସ୍ ଦାୟିତ୍ୱ ତୁଲାଉଛନ୍ତି। ଜାସ୍‌ଙ୍କ ପିତା ରବି କାଲ୍‌ରା ସମାଜସେବୀ ଭାବେ କାର୍ଯ୍ୟ କରନ୍ତି ଓ ତାଙ୍କ ପ୍ରେରଣାରେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। କେବଳ ଏତିକି ନୁହେଁ, ଜାସ୍ ୩୦୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିପାରିଛନ୍ତି। କେବଳ ଏତିକି ନୁହେଁ, ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ୩୦୦୦ ପରିଚୟହୀନ ମୃତଦେହ ସେ ଦାହ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ସେପ୍ଟେମ୍ବର ୧୯୭୫**

- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଓଡ଼ିଶା ଓ ବିହାର ବନ୍ୟା ବିପନ୍ନ ଲୋକମାନଙ୍କ ରିଲିଫ୍ ପାଣ୍ଠି ପାଇଁ ୫ କୋଟି ୭୪ ଲକ୍ଷ ଟଙ୍କା ସାହାଯ୍ୟ ପାଇଥିବା ସରକାରୀ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ।
- ଭାରତ ଓ ହଙ୍ଗେରୀ ମଧ୍ୟରେ ଏକ ଅର୍ଥନୈତିକ, ବୈଜ୍ଞାନିକ ଓ କାରିଗରୀ ସହଯୋଗ ରାଜିନାମା ସ୍ୱାକ୍ଷରିତ।
- ପାକିସ୍ତାନ ବେଲୁଚିସ୍ଥାନ ପ୍ରଦେଶରେ ସରକାରୀ ବିରୋଧୀ ଗରିଲାଙ୍କ ଆକ୍ରମଣ ଫଳରେ ୩୪ ଜଣ ସାମରିକ ବାହିନୀ କର୍ମଚାରୀ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | 8 | | | |
| | | 8 | | | | | 9 | |
| | 7 | | | 5 | | 1 | | |
| 6 | 9 | 2 | | | 7 | | | |
| | | | | | 6 | | | |
| | | | | 8 | | 3 | | 7 |
| 4 | 6 | | | | | | | |
| | | | | 1 | | 2 | 4 | |
| | | 3 | | 9 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 1 | 3 | 4 | 5 | 6 | 9 |
| 4 | 9 | 5 | 6 | 2 | 7 | 3 | 1 | 8 |
| 3 | 1 | 6 | 5 | 9 | 8 | 2 | 7 | 4 |
| 6 | 3 | 9 | 8 | 4 | 1 | 7 | 5 | 2 |
| 7 | 2 | 1 | 9 | 5 | 3 | 4 | 8 | 6 |
| 5 | 4 | 8 | 2 | 7 | 6 | 1 | 9 | 3 |
| 1 | 5 | 2 | 3 | 6 | 9 | 8 | 4 | 7 |
| 8 | 6 | 4 | 7 | 1 | 2 | 9 | 3 | 5 |
| 9 | 7 | 3 | 4 | 8 | 5 | 6 | 2 | 1 |

ଗତକାଲିର ଉତ୍ତର

# ମହିଳାଙ୍କ ଅଧିକାରରେ ସ୍ତ୍ରୀ ଧନ



ସୌର ଚନ୍ଦ୍ର ମହାପାତ୍ର

ବର୍ଷ ବର୍ଷର ସଂସ୍କୃତି ଓ ପରମ୍ପରା ସହ ସ୍ତ୍ରୀ ଧନ ଜଡ଼ିତ ଥିବାବେଳେ ନିକଟରେ ଏକ ବୈବାହିକ ମାମଲା ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟର ବିଚାରପତି ଦୀପଙ୍କର ଦତ୍ତ ଓ ସଞ୍ଜୀବ ଖାନା ସ୍ପଷ୍ଟ କରିଛନ୍ତି ଯେ ସ୍ତ୍ରୀ ଧନ ସ୍ୱାମୀ ଓ ସ୍ତ୍ରୀ ଦୁଇଜଣଙ୍କ ମିଳିତ ସମ୍ପତ୍ତି ହୋଇପାରିବ ନାହିଁ। ଏହାର କାରଣ ମଧ୍ୟ ରହିଛି, ତାହା ହେଉଛି ପତ୍ନୀଙ୍କ ସମ୍ପତ୍ତି ଓ ସମସ୍ତ ଧନ ସାମଗ୍ରୀ ଉପରେ ପତିଙ୍କର କୌଣସି ଆଇନଗତ ଅଧିକାର ନାହିଁ। କେବଳ ସେତିକି ନୁହେଁ, କୌଣସି ଜରୁରୀ ଆବଶ୍ୟକତା ହେଉ ବା ଅଭାବ ଅସୁବିଧା ଏପରି ପରିସ୍ଥିତିରେ ମଧ୍ୟ ସ୍ୱାମୀ ଯଦି ସ୍ତ୍ରୀଙ୍କ ସମ୍ପତ୍ତି ବା ଧନ ବ୍ୟବହାର କରନ୍ତି, ତାହାହେଲେ ତାହା ନିଶ୍ଚିତ ଭାବେ ପତ୍ନୀଙ୍କୁ ଶୁଝିବା ପାଇଁ ପଡ଼ିବ। ଏହାସହିତ ମାନ୍ୟବର କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସ୍ତ୍ରୀ ଧନ ଉପରେ ସମ୍ପୂର୍ଣ୍ଣ ଅଧିକାର କେବଳ ମହିଳାଙ୍କର ଓ ଏଥିରେ କେହି ଭାଗୀଦାର ପାଇଁ ଦାବି ରଖିପାରିବେ ନାହିଁ। ଏହା ମହିଳା ଅଧିକାର ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ରାୟ କୁହାଯାଉଥିଲେ ମଧ୍ୟ ବର୍ଷ ବର୍ଷର ଭାରତୀୟ ସାମାଜିକ ଓ ପାରିବାରିକ କ୍ଷେତ୍ରରେ ଏହା ଏକ ଭୁଲ୍ ବୁଝାମଣା ପାଇଁ ବାଟ ଫିଟାଇବ ବୋଲି କେତେକ ମହଲରୁ ଦାବି ଉଠୁଛି।

ଆମ ପରମ୍ପରାରେ ସ୍ତ୍ରୀ ଧନ ହେଉଛି ସେହି ଧନ, ଯାହା ସେ ତାଙ୍କ ବିବାହ ବେଳେ ପିତା ବା ବନ୍ଧୁବର୍ଗଙ୍କଠାରୁ ପାଇଥାନ୍ତି ଏବଂ ବିବାହ ପରେ ବ୍ୟକ୍ତିଗତ ଭାବେ ସେ ଯେଉଁ ଉପହାର ବା ସମ୍ପତ୍ତି ଆହରଣ କରିଥାନ୍ତି। ଏହା ପଛରେ ଜଣେ ବିବାହିତ ନାରୀଙ୍କୁ ଆର୍ଥିକ ନିରାପତ୍ତା ଓ ଜରୁରିକାଳୀନ ସହାୟତା ଦେବାର ବିଚାର ରହିଛି। ତେବେ ଏଯାବତ୍ ରହିଆସିଥିବା ବ୍ୟବସ୍ଥା ଅନୁଯାୟୀ ସ୍ତ୍ରୀ ଧନକୁ ମହିଳାଙ୍କ ଦ୍ୱାରା ନିଜ ଝିଅ ବା ବୋହୂଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଦେବାର ପରମ୍ପରା ଗଢ଼ିଆସିଛି। କେବଳ ସେତିକି ନୁହେଁ, ପରିବାରର କୌଣସି ଆର୍ଥିକ ଦୁଃସ୍ଥିତି ସମୟରେ ପତ୍ନୀଙ୍କ ସହମତିରେ ଗୃହକର୍ତ୍ତା ପତି ତାଙ୍କ ଅର୍ଥ ଏପରିକି ଆବଶ୍ୟକସ୍ଥଳେ ସୁନା, ରୁପାର ଗହଣାଗାଣ୍ଠିକୁ ବିକ୍ରି ବା ବନ୍ଧାଛନ୍ଦା କରିଥାନ୍ତି। ହେଲେ ପରମ୍ପରାରେ ସ୍ତ୍ରୀ ଧନ ସୁରକ୍ଷିତ ଏବଂ ଏହା ଉପରେ ସମ୍ପୃକ୍ତ ନାରୀଙ୍କ ବ୍ୟତୀତ ସେଥିରେ ଅନ୍ୟର ଅଧିକାର ନ ଥାଏ। ତେବେ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ସ୍ତ୍ରୀ ଧନକୁ ପରିଶୋଧ କରିବା ପାଇଁ ସ୍ୱାମୀ ଏକରକମର ବାଧ। ତେବେ ଭାରତୀୟ ଆଇନ ଓ ସାମାଜିକ ବ୍ୟବସ୍ଥାରେ ଯେଉଁ ବିଶେଷତା ଏଯାବତ୍ ରହିଆସିଛି ତାହା ହେଉଛି ଜଣେ ମହିଳାଙ୍କୁ ବିବାହ ପୂର୍ବରୁ, ବିବାହ ସମୟରେ ଓ ବିବାହ ପରେ ମଧ୍ୟ ତାଙ୍କ ମାତା-ପିତା, ବନ୍ଧୁ, ଜ୍ଞାତିକୁଟୁମ୍ବ, ସମ୍ପର୍କୀୟ, ପରିଚିତ ଓ ବିବାହ ସମୟର ଅତିଥିମାନଙ୍କଠାରୁ ମିଳିଥିବା ଉପହାର ହେଉ ବା ସୁନା କିମ୍ବା ଟଙ୍କା, ଜମିବାଡ଼ି ଭୂସମ୍ପତ୍ତି ହେଉ ବା ବାସନକୁସନ। ଯେକୌଣସି ଘରୋଇ ଉପକରଣ ସ୍ତ୍ରୀ ଧନ ଭାବେ ଅନ୍ତର୍ଭୁକ୍ତ ରହୁଥିଲା। ଏହାର ରକ୍ଷଣାବେକ୍ଷଣ, ବିନିଯୋଗ ଓ ଦାୟିତ୍ୱ ନିର୍ବାହ ସମ୍ପୃକ୍ତ ମହିଳାଙ୍କ ଅଧିକାର ପରିସରଭୁକ୍ତ। ତେବେ ଜୋର୍‌ଜବରଦସ୍ତ ବା ବାଧ୍ୟବାଧକତା ଭାବେ ସ୍ତ୍ରୀ ଧନକୁ ଆତ୍ମସାତ୍ କଲେ ବା ଖର୍ଚ୍ଚ କଲେ ସମ୍ପୃକ୍ତ ସ୍ୱାମୀ ହୁଅନ୍ତୁ ବା ତାଙ୍କ ପରିବାରବର୍ଗ ସେମାନଙ୍କ ବିରୁଦ୍ଧରେ ଧାରା ୪୧୬ରେ ଫୌଜଦାରି ମାମଲାର ବ୍ୟବସ୍ଥା ରହିଛି।



ତେବେ ଏହି ନୂଆ ଐତିହାସିକ ରାୟ ସ୍ତ୍ରୀ ଧନରେ ମହିଳାଙ୍କର ସମ୍ପୂର୍ଣ୍ଣ ଅଧିକାରକୁ ସାବ୍ୟସ୍ତ କରେ। ଏହାକୁ ମହିଳା ସଶକ୍ତୀକରଣ ଦିଗରେ ଆଉ ଏକ ବଡ଼ ଓ ପ୍ରଭାବୀ ପଦକ୍ଷେପ କୁହାଯାଇପାରେ।

ଭାରତୀୟ ସାମାଜିକ ଓ ପାରିବାରିକ ଜୀବନ ବ୍ୟବସ୍ଥାରେ ସ୍ତ୍ରୀ ଧନ ଉପରେ ମହିଳାଙ୍କର ସମ୍ପୂର୍ଣ୍ଣ ଓ ନିରଙ୍କୁଶ ଅଧିକାରର ବ୍ୟବସ୍ଥାକୁ ଗ୍ରହଣ କରାଯାଇ ନ ଥାଏ। ଏକ ଯୌଥ ପରିବାରରେ ଚଳୁଥିବାବେଳେ ପରିବାର, ସ୍ୱାମୀ ବା ପିଲାମାନଙ୍କ ଆବଶ୍ୟକତାକୁ ଦେଖି ସ୍ତ୍ରୀ ଧନରୁ ଯାହାକିଛି ଖର୍ଚ୍ଚ ହେଲେ ମଧ୍ୟ ମହିଳା ଜଣଙ୍କ ନୀରବ ରହିବାକୁ ବାଧ୍ୟ ହୋଇଥାନ୍ତି। ଅନେକ ସମୟରେ ମହିଳାଙ୍କର ଯେଉଁ ସମ୍ପତ୍ତି ଯାହା ଖର୍ଚ୍ଚ ହୋଇଯାଇଥାଏ ବା ବିକ୍ରି ହୋଇଯାଇଥାଏ ଏହା ଫେରିବାର ସମ୍ଭାବନା ନ ରହିଲେ ସମ୍ପୃକ୍ତ ମହିଳାଙ୍କର ମାନସିକ ଚାପ ବଢ଼ିବା ସହ ପରିବାରରେ ମଧ୍ୟ ମତାନ୍ତର ଓ ମନାନ୍ତର ଦେଖାଦିଏ। ସ୍ତ୍ରୀ ଧନ ମାମଲାର ପରିଚାଳନା ପାଇଁ ପରିବାର ଅଦାଲତ ବ୍ୟବସ୍ଥାରେ କୌଣସି ସ୍ପଷ୍ଟ ଓ ସ୍ୱତନ୍ତ୍ର ନିୟମ ମଧ୍ୟ ନାହିଁ। ଏହି ଆଇନଗତ ଦୁର୍ବଳତା ଯୋଗୁ ନାରୀଟି ନିଜ ସମ୍ପତ୍ତିଗତ ପ୍ରସଙ୍ଗରେ ଏକପ୍ରକାର ଅଧିକାର ହରାଇ ଚୁପ୍ ରହିବା ପାଇଁ ବାଧ୍ୟହୁଏ। ବର୍ତ୍ତମାନ ଡିଭୋର୍ସ ମାମଲା ବଢ଼ୁଥିବାବେଳେ ଅନେକ ଲୋକ ନିଜ ସ୍ତ୍ରୀଙ୍କ ଧନସମ୍ପତ୍ତିକୁ ଆତ୍ମସାତ୍ କରିବାକୁ ପଛାଉନାହାନ୍ତି। ତେଣୁ ଏଭଳି ଏକ ମୁହୂର୍ତ୍ତରେ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟଟି ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ଏହା କେବଳ ମହିଳାଙ୍କ ଆର୍ଥିକ କ୍ଷେତ୍ରକୁ ମଜଭୁତ କରିବ ନାହିଁ ବରଂ ଆତ୍ମବିଶ୍ୱାସକୁ ବଢ଼ାଇ ସେମାନଙ୍କୁ ସଶକ୍ତ କରାଇପାରିବ। ଅନେକ କ୍ଷେତ୍ରରେ ଦେଖାଯାଏ ବହୁ ବ୍ୟକ୍ତି ଅର୍ଦ୍ଧାଙ୍ଗିନୀଙ୍କ ଅର୍ଜିତ ଧନରେ ଭାଗ ବସାଇବା ସହ ପଇସା ଉଡ଼ାଇଥାନ୍ତି, ଯାହାଦ୍ୱାରା ଘରର ଆର୍ଥିକ କ୍ଷେତ୍ର ମଜଭୁତ ହୋଇପାରି ନ ଥାଏ ଏବଂ ଘରେ ବିଶୃଙ୍ଖଳାର କାରଣ ହୋଇଥାଏ। ତେବେ ସର୍ବୋଚ୍ଚ ଅଦାଲତଙ୍କର ଏହି ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ରାୟ ପତ୍ନୀଙ୍କ ଆୟରେ ଜୀବନ ନିର୍ବାହ କରୁଥିବା ପୁରୁଷଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପକାଇବ।

ବଡ଼କଥା ହେଉଛି, ସ୍ତ୍ରୀ ଧନ ବ୍ୟବସ୍ଥାକୁ ଦୃଢ଼ଭାବେ ନ୍ୟାୟିକ କ୍ଷେତ୍ରରେ ସୁରକ୍ଷା ମିଳିଲେ ଓ ଏହାକୁ ଯେଉଁ ଅମାନିଆମାନେ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ପାଇଁ କଠୋରରୁ କଠୋରତମ ଦଣ୍ଡବିଧାନ ବ୍ୟବସ୍ଥା ରହିଲେ ଆମ ସମାଜରେ ମହିଳାଙ୍କ ମର୍ଯ୍ୟାଦା ଓ ସମ୍ମାନ ବଢ଼ିବା ସହ ପତି ପତ୍ନୀଙ୍କ ମଧ୍ୟରେ ଅସମାନତା, ମତାନ୍ତର ଓ ଭୁଲ୍ ବୁଝାମଣା ଆଉ ସମ୍ଭବ ହୋଇପାରିବ ନାହିଁ। ସଂସାର ଗଠନରେ କେବଳ ନାରୀଟିର ନୁହଁ, ଉଭୟଙ୍କର ଗୁରୁଦାୟିତ୍ୱ ରହିଛି। ପାରସ୍ପରିକ ଭଲପାଇବା, ବିଶ୍ୱାସ ଓ ଦୃଢ଼ ବୁଝାମଣା ହିଁ ସଂସାର ଡଙ୍ଗାକୁ ଆଗେଇ ନେଇଥାଏ। ଜୀବନ ନିର୍ବାହ କ୍ଷେତ୍ରରେ ଉଭୟ ପୁରୁଷ ଓ ନାରୀ ପରିବାରର ମର୍ଯ୍ୟାଦା ବଢ଼ାଇବା ହେଉ ବା ପିଲାମାନଙ୍କୁ ଗଢ଼ିବା କ୍ଷେତ୍ରରେ ଅନେକ ତ୍ୟାଗ ସ୍ୱୀକାର କରିଥାନ୍ତି। ତେଣୁ ପରିବାରର ଗଠନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଘରଣୀଙ୍କ ଧନକୁ ଯଦି ଅନୁପଯୋଗ ଭାବେ ଖର୍ଚ୍ଚ କରାଯାଏ ତାହା ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବ। ଏହି ଆପତ୍‌କାଳୀନ ସ୍ତ୍ରୀ ଧନ ବିନିଯୋଗ ପ୍ରକ୍ରିୟା ଏବେଠାରୁ ଆଇନଗତ ଭାବରେ ହିଁ ହେବ ଏବଂ ଏହାର ଉଲ୍ଲଂଘନ ଦ୍ୱାରା ଏହା ଆଇନଗତ ମାମଲା ଭାବେ ବିଚାର କରାଯିବ। ସ୍ତ୍ରୀ ଧନ ପରମ୍ପରାର ସୁରକ୍ଷା ରଖିବା କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଅନେକ ମହଲରେ ସ୍ୱାଗତ କରାଯାଉଛି।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ:୯୪୩୭୦୦୪୪୬୬**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନରେ ସୁଷମ ଖାଦ୍ୟ ଦିଆଯାଉ

ମହାଶୟ,

ରେଳ ବିଭାଗ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ଉଚିତ। ଯାତ୍ରା ସୁଗମ ହେବା ପାଇଁ ଯାତ୍ରୀମାନଙ୍କ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଉ। ଶୌଚାଳୟକୁ ସଫାସୁତୁରା ରଖିବା ସହିତ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ନିହାତି ଜରୁରୀ। ଏତଦ୍‌ବ୍ୟତୀତ ସଫାଚାଦର, ତକିଆ ଯୋଗାଇବା ମଧ୍ୟ ଆବଶ୍ୟକ। ଦୂର ଦୂରାନ୍ତକୁ ଯାତ୍ରା ବେଳେ ଏହାକୁ ଅତ୍ୟାବଶ୍ୟକ କାର୍ଯ୍ୟ ଭାବେ ନଜର ରଖାଯାଉ। ତା'ଛଡ଼ା ଯାତ୍ରୀମାନଙ୍କ ପାଇଁ ଯେଉଁ ଖାଦ୍ୟ ପରଷାଯାଉଛି, ତା'ର ପରୀକ୍ଷଣ ନିଶ୍ଚୟ ଆବଶ୍ୟକ। ଖାଦ୍ୟ ତଟକା ରହିବା ସହିତ ସୁଷମ ହେବା ଉଚିତ। କାରଣ ଅଖାଦ୍ୟ ଯୋଗୁଁ ହେଉ ବା ଖାଦ୍ୟରେ କିଛି ପୋକ ପଡ଼ିଥିବା ମଧ୍ୟ ବେଳେବେଳେ ଦେଖାଯାଉଛି। ଏସବୁ କାରଣ ପାଇଁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରେଳ ବିଭାଗ ଏସବୁ ଉପରେ ଦୃଷ୍ଟି ପକାନ୍ତୁ।

**–ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟାପଥେ
ଚରଣ ଚାଳି
ରୂପସୀ କେଉଁ ବାଳୀ
ଲୁଚାଏ ରୂପ ମୃତ୍ ପ୍ରଦୀପ ଜାଳି।
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୪୦ (୧୪୩୯.୫୫) ପଏଣ୍ଟ ବଢ଼ି ୮୨,୯୬୩ (୮୨,୯୬୨.୭୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୪୭୦ (୪୭୦.୪୫) ପଏଣ୍ଟ ବୃଦ୍ଧି ଘଟି ୨୫,୩୮୯ (୨୫,୩୮୮.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................


ଦିବ୍ୟାଂଶୀ
ପରିବାରବର୍ଗ


ଦୀପ୍ତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଗଷ୍ଟରେ ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨।୯ (ଅନୁରାଧା ମହାରଣା)**

ଚଳିତବର୍ଷ ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ରହିଛି। ଜୁଲାଇ ତୁଳନାରେ ଅଗଷ୍ଟରେ ଏହି ହାରରେ ବୃଦ୍ଧି ଘଟିଛି। ଜୁଲାଇରେ ଏହି ହାର ୩.୫୪ ପ୍ରତିଶତ ରହିଥିବାବେଳେ ଅଗଷ୍ଟରେ ୩.୬୫ ପ୍ରତିଶତ ରହିଛି। ଗତ ୫ ବର୍ଷ ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତିର ଏହା ହେଉଛି ଦ୍ୱିତୀୟ ସର୍ବନିମ୍ନ ଆକଳନ। ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ହେତୁ ଖୁଚୁରା ମୁଦ୍ରାସ୍ଫୀତିରେ ଏହି ହ୍ରାସ ଘଟିଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କ ଏହାର ସହନଶୀଳତା ବ୍ୟାଣ୍ଡ ୪ ପ୍ରତିଶତ ତଳେ ରହିଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ( ଆର୍‌ବିଆଇ) ପାଇଁ ଏହା ଆଶ୍ୱସ୍ତିକର ସାବ୍ୟସ୍ତ ହୋଇଛି।

ସୂଚନା ଥାଉକି, ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୫.୬୬ ପ୍ରତିଶତ ରହିଛି ଯାହାକି ଜୁଲାଇରେ ୫.୪୨ ପ୍ରତିଶତ ଥିଲା। ଜୁଲାଇ ତୁଳନାରେ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ସାମାନ୍ୟ ବୃଦ୍ଧି ଘଟିଛି। ୨୦୨୩ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୯୩ ପ୍ରତିଶତ ଥିଲା। ଖୁଚୁରା ମୁଦ୍ରାସ୍ଫୀତିର ତଥ୍ୟ ପ୍ରକାଶକରି ପରିସଂଖ୍ୟାନ ମନ୍ତ୍ରଣାଳୟ କହିଛି, ୨୦୨୪ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ୨୦୨୩ ଜୁନ୍ ପରଠାରୁ ସର୍ବନିମ୍ନ। ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଜୁଲାଇ ତୁଳନାରେ ଅଗଷ୍ଟ ୨୦୨୪ ରେ ପନିପରିବା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି। ପନିପରିବାର ମୁଦ୍ରାସ୍ଫୀତି ଅଗଷ୍ଟରେ ୧୦.୭୧ ପ୍ରତିଶତ ଥିଲା, ଯାହା ଜୁଲାଇରେ ୬.୮୩ ପ୍ରତିଶତ ଥିଲା। ଡାଲିର ମୁଦ୍ରାସ୍ଫୀତି ହାର ଅଗଷ୍ଟରେ ୧୩.୬୦ ପ୍ରତିଶତ ଥିଲା ଯାହା ଜୁଲାଇରେ ୧୪.୭୭ ପ୍ରତିଶତ ଥିଲା। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ଅଗଷ୍ଟରେ ୭.୩୧ ପ୍ରତିଶତ ଥିଲା, ଯାହା ଜୁଲାଇରେ ୮.୧୪ ପ୍ରତିଶତ ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୪.୭୦ ପ୍ରତିଶତ ହୋଇଛି ଯାହା ଜୁଲାଇରେ ୫.୨୨ ପ୍ରତିଶତ ଥିଲା। ଅଣ୍ଡାର ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି ଏବଂ ଏହା ୭.୧୪ ପ୍ରତିଶତ ହୋଇଛି ଯାହା ଜୁଲାଇରେ ୬.୭୬ ପ୍ରତିଶତ ଥିଲା। କ୍ଷୀର ଏବଂ ଏହାର ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ୨.୯୮ ପ୍ରତିଶତ ହୋଇଥିବାବେଳେ ମାଂସ ଏବଂ ମାଛର ମୁଦ୍ରାସ୍ଫୀତି ହାର ୪.୩୦ ପ୍ରତିଶତ ରହିଛି। ସେହିପରି ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୫ ପ୍ରତିଶତ ହୋଇଛି ଏବଂ ଏହା କ୍ରମାଗତ ଦ୍ୱିତୀୟ ମାସ ଯେତେବେଳେ ମୁଦ୍ରାସ୍ଫୀତି ହାର ଆରବିଆଇର ୪ ପ୍ରତିଶତ ସହନଶୀଳତା ବ୍ୟାଣ୍ଡ ତଳେ ରହିଛି।



## ଘରୋଇ ଶିଳ୍ପ ଉତ୍ପାଦନ ଗତି ମନ୍ଥର

ଦେଶରେ ଶିଳ୍ପ ଉତ୍ପାଦନ(ଆଇଆଇପି)ର ଗତି ମନ୍ଥର ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଜୁଲାଇରେ ଆଇଆଇପି ଅଭିବୃଦ୍ଧି ହାର ୪.୮ ପ୍ରତିଶତ ରହିଛି ଯାହାକି, ଗତ ବର୍ଷ ୨୦୨୩ ଅଗଷ୍ଟରେ ୫.୩ ପ୍ରତିଶତ ଥିଲା। ଜୁନ୍‌ରେ ଆଇଆଇପି ଅଭିବୃଦ୍ଧି ହାର ୪.୭ ପ୍ରତିଶତ ଥିଲା। ଜୁଲାଇ ମାସରେ ଖଣି, ଉତ୍ପାଦନ ଏବଂ ବିଦ୍ୟୁତ୍ କ୍ଷେତ୍ର ଆଇଆଇପିର ଅଭିବୃଦ୍ଧି ହାରରେ ଯଥେଷ୍ଟ ଅବଦାନ ରଖିଛି। ଚଳିତ ଆର୍ଥିକ ବର୍ଷର ୨୦୨୪-୨୫ର ପ୍ରଥମ ୪ମାସ ମଧ୍ୟରେ ଶିଳ୍ପ ଉତ୍ପାଦନ ୫.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି ଏବଂ ଏହା ୧ ବର୍ଷ ପୂର୍ବେ ସମାନ ଅବଧିରେ ୫.୧ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନର ତଥ୍ୟ ଅନୁଯାୟୀ ଜୁଲାଇରେ ଖଣି କ୍ଷେତ୍ର ୩.୭ ପ୍ରତିଶତ ଅଭିବୃଦ୍ଧି ଦେଖାଇଛି। ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୪.୬ ପ୍ରତିଶତ ଏବଂ ଅଭିବୃଦ୍ଧି ହାର ବିଦ୍ୟୁତ୍ କ୍ଷେତ୍ରର ୭.୯ ପ୍ରତିଶତ ରହିଛି।

# କୋମଲଙ୍କୁ ଜେମ୍‌ସ ଡାଇସନ ଆୱାର୍ଡ

**ଭୁବନେଶ୍ୱର,୧୨।୯: (ଅଭୟ ଦାଶ)**

ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ଉଦ୍ଭାବନ ପାଇଁ ଓଡ଼ିଶାର ଛାତ୍ରୀ କୋମଲ ପଣ୍ଡାଙ୍କୁ ସମ୍ମାନଜନକ ଜେମ୍‌ସ ଡାଇସନ ଆୱାର୍ଡ-୨୦୨୪ ଭାରତର ଜାତୀୟ ବିଜେତା ଭାବେ ଘୋଷଣା କରାଯାଇଛି। ଏପରିକି ତାଙ୍କର ଉଦ୍ଭାବନ 'ନୋଭୋକ୍ୟାରି' ଏକ ପୋର୍ଟେବଲ କୁଲିଂ କ୍ୟାରିୟରକୁ ସର୍ବଭାରତୀୟସ୍ତରର (ଦେଶବ୍ୟାପୀ) ଏକାଧିକ ଉଦ୍ଭାବନଗୁଡିକ ମଧ୍ୟରେ ଚୟନ କରାଯାଇଛି, ଯାହା ଇନ୍‌ସୁଲିନ ଓ ଅନ୍ୟାନ୍ୟ ତରଳ ଔଷଧକୁ ଇଚ୍ଛା ମୁତାବକ ତାପମାତ୍ରାରେ ରଖିବା ପାଇଁ ସାହାଯ୍ୟ କରିଥାଏ। ଭାରତର ଜାତୀୟ ବିଜେତା କୋମଲ ଏହି ପୁରସ୍କାର ବାବଦରେ ପ୍ରାୟ ୫ ଲକ୍ଷ ଟଙ୍କା (୫୦୦୦ ୟୁରୋ) ର ଅର୍ଥରାଶି ପାଇବେ।

ସେହିଭଳି ଜେମ୍‌ସ ଡାଇସନ ଆୱାର୍ଡ (ଜେଡିଏ) ସରଳ ତଥାପି ପ୍ରଭାବୀ ଇଞ୍ଜିନିୟରିଂ ସିଦ୍ଧାନ୍ତଗୁଡିକର ବ୍ୟବହାରକରି ସ୍ୱଦେଶୀ ସମାଧାନ ପ୍ରସ୍ତୁତ କରିବା ପାଇଁ ୩୦ଟି ଦେଶରୁ ଛାତ୍ରୀଛାତ୍ରଙ୍କଠାରୁ ଆବେଦନ ଆହ୍ୱାନ କରିଥିଲା। ଏପରିକି ଭାରତରେ ୨୦୨୪ ସଂସ୍କରଣ ପାଇଁ ଉଲ୍ଲେଖନୀୟ ଉଦ୍ଭାବନ କୌଶଳର ଏକ ଉତ୍ତମ ପ୍ରଦର୍ଶନୀ ଥିଲା, ଯେଉଁଥିରେ ଯୁବ ଇଞ୍ଜିନିୟରମାନେ ବାସ୍ତବ ଦୁନିଆର ସମସ୍ୟାଗୁଡିକ ପାଇଁ ଅଭିନବ ସମାଧାନ ଉପସ୍ଥାପନ କରିଥିଲେ। ସେହିପରି ନୋଭୋକ୍ୟାରିର ଆଧୁନିକ କୁଲିଂ ଟେକ୍ନୋଲୋଜି ସୀମିତ ବିଜୁଳି ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଦୀର୍ଘ ଦୂରତାର ଯାତ୍ରା ସମୟ ସହ ଇନ୍‌ସୁଲିନ୍‌ର ପୋଟେନ୍ସିକୁ ସଂରକ୍ଷିତ ରଖିଥାଏ ଏବଂ ଏହାର ଶକ୍ତିଶାଳୀ ବ୍ୟାଟେରି ଏକ ଚାର୍ଜିଂ ଷ୍ଟେଶନ ଭାବେ ୨ ଗୁଣ ବୃଦ୍ଧି ହୋଇଥାଏ।

ଏ ସମ୍ପର୍କରେ ଡାଇସନର ବରିଷ୍ଠ ଡିଜାଇନର ମ୍ୟାନେଜର ନାଥନ ଲ'ସନ ମ୍ୟାକ୍‌ଲିନ କହିଛନ୍ତି, ଡିଜାଇନ ଇଞ୍ଜିନିୟରିଂଙ୍କ ନିକଟରେ ସମଗ୍ର ବିଶ୍ୱକୁ ରୂପାନ୍ତର କରିବାର ଶକ୍ତି ରହିଛି। ଜେମ୍‌ସ ଡାଇସନ ଆୱାର୍ଡ କେବଳ ଅଭିନବ ସମାଧାନଗୁଡିକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ନୁହେଁ ବରଂ ଏହା ଇଞ୍ଜିନିୟରମାନଙ୍କର ପରବର୍ତ୍ତୀ ପିଢ଼ିକୁ ସୃଜନଶୀଳ ଭାବେ ଚିନ୍ତାକରିବା ଏବଂ ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ଅନୁପ୍ରାଣିତ କରିଥାଏ।

**ଜନ୍ମଦିନ ଶୁଭେଚ୍ଛା**



**ଦିବ୍ୟାଂଶୀ ଦାସ**

ପିତା: ଅଞ୍ଜନ କୁମାର ଦାସ । ମାତା: ବନ୍ଦିତା ରାଣୀ ଦାସ

ଦୈବ୍ୟ ଅଂଶ ହୋଇ ଜାତ ହୋଇଅଛ
ଦିବ୍ୟାଂଶୀ ହୋଇଛି ନାମ
କଳାକାର ଗୁଣ ଭରପୁର ତୁମେ
ଅପୂର୍ବ ତୁମରି କାମ
କୁନି ମୁଖେ ତୁମ ସଦା ରହିଅଛି
ହସ କିରିକିରି ଭରି
ସବୁଦିନ ପାଇଁ ସେହି ହସକୁ ଯେ
ବଜାୟ ରଖିବେ ହରି

ଧ-୧୩୧୪

**CLASSIFIED DISPLAY**
MORE SPACE • SAME PRICE

**ମାଗଣା ସାଙ୍କେତିକ ଭାଷା ତାଲିମ୍ କୋର୍ସ**
**(FREE SIGN LANGUAGE TRAINING COURSE)**

ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ୩ ମାସିଆ Sign Language କୋର୍ସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ପିଡି) ବିଭାଗ, ଓଡ଼ିଶା ଏବଂ ଅଲି ୟାଭର୍ ଜଙ୍ଗ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ ଶ୍ରବଣ ଅକ୍ଷମତା (ଦିବ୍ୟାଙ୍ଗ), ଆଞ୍ଚଳିକ କେନ୍ଦ୍ର, ଯାଆଁଳା, ଖୋର୍ଦ୍ଧାର ସହାୟତାରେ ଓଡ଼ିଶାର ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଯାଉଛି। ଏହି କୋର୍ସ ଏକ ସାର୍ଟିଫିକେସନ କୋର୍ସ ଅଟେ। କୋର୍ସ ସମୟ ସୀମା ମଧ୍ୟରେ ମାଗଣା ହଷ୍ଟେଲ ଏବଂ ଖାଦ୍ୟର ବ୍ୟବସ୍ଥା ରହିବ।

ଆମକୁ
info@odisharisin.inରେ
Mail କରନ୍ତୁ।
ଅଥବା ଆମ ୱେବ୍‌ସାଇଟ୍
www.odisharising.in
ଭିଜିଟ୍ କରି registration କରନ୍ତୁ।

**ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍**

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍କାଇଲଗୋଲ୍ଡରୁ ଟିଭିଏସ୍ ଜୁପିଟର ଜିତିଲେ ସ୍ନେହଲତା



**ଭୁବନେଶ୍ୱର,୧୨।୯: (ଅଭୟ ଦାଶ)**

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ସ୍କାଇଲଗୋଲ୍ଡର ବହୁ ପ୍ରତୀକ୍ଷିତ 'ବମ୍ପର ଲକି ଡ୍ର'ର ଉଠାଣ ସାଙ୍ଗକୁ ବିଜେତାଙ୍କ ନାମ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ରାମନବମୀ ଅବସରରେ ବମ୍ପର ଲକି ଡ୍ରର ଶୁଭାରମ୍ଭ କରାଯାଇଥିଲାବେଳେ ପାର୍ବଣ ପୂର୍ବରୁ ଉକ୍ତ ଲକି ଡ୍ରର ଉଠାଣ କରାଯାଇଥାଏ। ଏପରିକି ଚଳିତ ବର୍ଷର ବିଜେତା

### ହୀରା ମୁଦି ଜିତିଲେ ଦୀପ୍ତିରଞ୍ଜନ

ଭୁବନେଶ୍ୱରର ଗ୍ରାହକ ସ୍ନେହଲତା ନାୟକ ପ୍ରଥମ ବିଜେତା ଭାବେ ଆକର୍ଷଣୀୟ ଟିଭିଏସ୍ ଜୁପିଟର ଜିତିଥିଲାବେଳେ ୨ୟ ବିଜେତା ଦୀପ୍ତିରଞ୍ଜନ ଭୋଳ ହୀରାମୁଦି ଜିତିଥିଲେ। ଅପରପକ୍ଷରେ ରାଜ୍ୟର ବିଭିନ୍ନ କୋଣରୁ ୧୦ଜଣ ଭାଗ୍ୟଶାଳୀ ଗ୍ରାହକ ଏହି ଲକି ଡ୍ର ଜରିଆରେ ଗ୍ରାଇଣ୍ଡର ଜିତିଥିଲାବେଳେ ୧୦ ଜଣ ଗ୍ରାହକ ସ୍ମାର୍ଟୱାଚ୍ ଜିତିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବରେ ଯୋଗଦେଇ ସ୍କାଇଲଗୋଲ୍ଡର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁ ବିଜେତାମାନଙ୍କୁ ପୁରସ୍କୃତ କରିବା ସହ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଜାପାନୀ ରାଉତରାୟ, ଜିବୁରାମ ସାହୁଙ୍କ ସମେତ ସ୍କାଇଲଗୋଲ୍ଡ ପରିବାର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୨।୯: (ଅଭୟ ଦାଶ)**

ଓରିଏଣ୍ଟାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ୭୮ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ କେୟାର ହସ୍ପିଟାଲ ଓ ହେରିଟେଜ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଟିପିଏ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରକୁ କମ୍ପାନୀର ଉପମହାପ୍ରବନ୍ଧକ ଜେ.ଏନ୍. ସେଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିଭଳି ଏହି ଶିବିର ଜରିଆରେ କମ୍ପାନୀ କର୍ମଚାରୀ ଓ ଅନ୍ୟମାନଙ୍କର ବିପି, ଡାଇବେଟିସ୍, ଚକ୍ଷୁ, ଦାନ୍ତ ଏବଂ ହାର୍ଟ ଆଦିର ପ୍ରାଥମିକ ପରୀକ୍ଷା କରାଯାଇଥିଲା। ଏହି ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ବିଶେଷ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଅନ୍ୟ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା ସହ ହିତାଧିକାରୀଙ୍କ ଦାବି ଓ ଅଭିଯୋଗ ସମାଧାନ ଆଦି ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ ସେଠୀ ପରାମର୍ଶ ଦେଇଥିଲେ।



କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**STAR MANAGEMENT COLLEGE**



Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009

# ପାର୍ବଣ ପୂର୍ବରୁ ନଥିଙ୍ଗ୍ ଇଣ୍ଡିଆର ସର୍ଭିସ୍ ସେଣ୍ଟର ନେଟ୍‌ୱର୍କ ବିସ୍ତାର

**ନୂଆଦିଲ୍ଲୀ,୧୨।୯: (ଅଭୟ ଦାଶ)**

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ଲଣ୍ଡନ କଞ୍ଜ୍ୟୁମର ଟେକ୍ 'ନଥିଙ୍ଗ୍'ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ସର୍ଭିସ୍ ସେଣ୍ଟର ନେଟ୍‌ୱର୍କ'ର ସମ୍ପ୍ରସାରଣ ଭାରତୀୟ ବଜାରରେ ଜାରି ରହିଛି। ଏପରିକି ପାର୍ବଣ ପୂର୍ବରୁ ନଥିଙ୍ଗ୍ ଇଣ୍ଡିଆର ସର୍ଭିସ୍ ସେଣ୍ଟର ନେଟ୍‌ୱର୍କ ବିସ୍ତାର କାର୍ଯ୍ୟ ଶେଷ ହୋଇଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ବ୍ରାଣ୍ଡର ବଢୁଥିବା ଗ୍ରାହକ ଭିତ୍ତିଭୂମିକୁ ଉନ୍ନତ କରିବା ଓ ନୂତନ ସର୍ଭିସ୍ ସେଣ୍ଟର ସହ ନେଟ୍‌ୱର୍କର ସମ୍ପ୍ରସାରଣ କରିବାକୁ କମ୍ପାନୀ ଗୁରୁତ୍ୱ ଦେଉଛୁ। ଚଳିତ ବର୍ଷ ଅକ୍ଟୋବରରେ ନଥିଙ୍ଗ୍ ଇଣ୍ଡିଆ ହାଇଦ୍ରାବାଦ ଏବଂ ଚେନ୍ନାଇଠାରେ ଦୁଇଟି ନୂଆ ସ୍ୱତନ୍ତ୍ର ସେବା କେନ୍ଦ୍ର ଖୋଲିବ, ଯାହା ଦେଶବ୍ୟାପୀ ସମୁଦାୟ ୩ରୁ ୫ ସ୍ୱତନ୍ତ୍ର ସେବା କେନ୍ଦ୍ରକୁ ବୃଦ୍ଧି କରିବ। ଏହାବ୍ୟତୀତ କମ୍ପାନୀର ୫ଟି ମଲ୍ଟି ବ୍ରାଣ୍ଡ ସର୍ଭିସ୍ ସେଣ୍ଟରଠାରେ ପ୍ରାୟୋରିଟି ଏକ୍ସକ୍ଲୁସିଭ୍ ସର୍ଭିସ୍ ଡେସ୍କ ରହିବ। ସେହିଭଳି କୋଲକାତା ଏବଂ ଗୁରୁଗାଓଁଠାରେ ସେଣ୍ଟରଗୁଡିକ କାର୍ଯ୍ୟକ୍ଷମ ହୋଇସାରିଛି ଏବଂ କୋଚିନ, ଅହମ୍ମଦାବାଦ ଏବଂ ଲକ୍ଷ୍ନୌଠାରେ ନୂତନ ପ୍ରାୟୋରିଟି ଡେସ୍କ ପ୍ରତିଷ୍ଠା କରାଯାଉଛି। ଏହି ସୁବିଧାଗୁଡ଼ିକ ଗ୍ରାହକମାନଙ୍କୁ ଶୀର୍ଷସ୍ତରୀୟ ସେବା ପ୍ରଦାନ କରିଥାଏ, ଯାହା ଏକ ନିରବଚ୍ଛିନ୍ନ, ଦ୍ରୁତ ଏବଂ ଦକ୍ଷ ଅଭିଜ୍ଞତାକୁ ସୁନିଶ୍ଚିତ କରିଥାଏ। ଏପରିକି ନଥିଙ୍ଗ୍ ଇଣ୍ଡିଆ ସାରା ଦେଶରେ ୧୮,୦୦୦ ପିନ୍‌କୋଡ୍‌କୁ ଅନ୍ତର୍ଭୁକ୍ତ କରିଥିବାବେଳେ ପିକ୍‌ଅପ୍ ଏବଂ ଡ୍ରପ୍ ସେବା ପ୍ରଦାନ କରିଆସୁଛି।

ଏ ସମ୍ପର୍କରେ ନଥିଙ୍ଗ୍ ଇଣ୍ଡିଆର ମାର୍କେଟିଂ ହେଡ୍ ପ୍ରଣୟ ରାଓ କହିଛନ୍ତି, ଅତୁଳନୀୟ ଗ୍ରାହକ ସେବା ଯୋଗାଇବା ପାଇଁ ନଥିଙ୍ଗ୍ ଇଣ୍ଡିଆ ପ୍ରତିଶ୍ରୁତିବଦ୍ଧ ରହିଛି।

**Classified Everyday**
**0674-2580101, 2549949**



**REAL ESTATE**

**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1313

Three Storied furnished building at Jayadurga Nagar, Bomikhal, Bhubaneswar for 2.40 Crores. (Brokers excuse). 8917520527. D-1309

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୫୭୮୨

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-1312

**LEASE**

Require Holiday Home, Homestay, Guest house on Lease/Rent. Contact- 9831505715. D-1291




Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open spa positively health benefits with expert therapist. 8658466886. D-76152

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

It is notified for information of general public that the original Supplementary Lease Deed of the land for commercial purpose in the capital area of Bhubaneswar vide No. 1434 dated 17/02/2006, which was executed by Government of Odisha (G.A. Department) in favour of Medirad Tech India Limited, is missing. Finder/possessor please contact Mr. Divyaprakash Dubey( Company Secretary) Ph. 9029360641. D-1316

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

ମୁଁ ଚିନ୍ମୟ ନାୟକ, ପି- କୈଳାଶ ଚନ୍ଦ୍ର ନାୟକ, ସା/ପୋ- ଖଲର୍ଦ୍ଦା, ଥାନା- କଟକ ସଦର, ଜିଲ୍ଲା- କଟକ ଏତଦ୍ୱାରା ମାନ୍ୟବର ଏକ୍‌ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍, କଟକ (ଭାୟା ଆଫିଡେଭିଟ୍ ନଂ.-2100/2024, ତା ୦୯।୦୫।୨୦୨୪) କୋର୍ଟଙ୍କ ମାଧ୍ୟମରେ ଘୋଷଣା କରୁଛିକି ମୋର ଟାଇଟଲ ନାୟକ ପରିବର୍ତ୍ତେ ଆଚାର୍ଯ୍ୟ ରୂପେ ଆଜିଠାରୁ ପରିଚିତ ହେବି। ତେଣୁ ଚିନ୍ମୟ ନାୟକ ଓ ଚିନ୍ମୟ ଆଚାର୍ଯ୍ୟ କେବଳ ଜଣେ ଆଉ ସେ ମୁଁ ଅଟେ। ଧ-୧୩୧୯

I, Monarama Rout, W/o- Shubhajit Sarangi, Residing at Plot No.- 59, 60/1012, Beguniabarehi, near Kendriya Vihar, P.O./P.S.- Tamando, Bhubaneswar, Odisha, PIN- 752054 have changed my name to MONARAMA SARANGI for all future purposes. D-75783

By virtue of an affidavit sworn before Executive Magistrate, Bhubaneswar dated 12.09.2024 I, Priyanka Malik, D/o- Duryodhan Malik, Vill- Santrapur, P.O.- Maharampur, P.S.- Tihidi, Dist.- Bhadrak (Odisha), Pin- 756127, declare that I have changed my name from Panchali Malik to Priyanka Malik. Henceforth, I shall be known as Priyanka Malik for all purposes. D-1315

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ମନେ ପଡ଼ନ୍ତି**

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଅକ୍ଷୟ କୁମାର ମହାକୁଡ**

ଆବିର୍ଭାବ: ତା ୧୫।୦୫।୧୯୬୪
ତିରୋଧାନ: ତା ୧୩।୦୯।୨୦୧୫

ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରୀ, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ। ତଥାପି ଆମ ପାଖେପାଖେ ଥିଲା ଭଳି ଲାଗୁଛ। ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ହତଭାଗ୍ୟ ପିତା, ମାତା, ଭ୍ରାତା, ଭଗ୍ନୀ, ପତ୍ନୀ, କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁପରିଜନ।

ଧ-୧୩୧୦

## ଆଦିତ୍ୟ ପଟ୍ଟନାୟକ ସର୍ବସେବା ସଂଘ ଅଧ୍ୟକ୍ଷ

କଟକ,୧୨।୯ (କାର୍ତ୍ତିକ ସାହୁ)– ସର୍ବସେବା ସଂଘ ବା ଅଖିଳ ଭାରତ ସର୍ବୋଦୟ ମଣ୍ଡଳର ଅଧ୍ୟକ୍ଷ ହେଲେ ଆଦିତ୍ୟ ପଟ୍ଟନାୟକ। ପଞ୍ଜାବ ପଠାନକୋଟ୍‌ର ପ୍ରସ୍ଥାନ ଆଶ୍ରମରେ ଅନୁଷ୍ଠିତ ସଂଘର ରାଷ୍ଟ୍ରୀୟ ଅଧିବେଶନରେ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିଲା।



ଓଡ଼ିଶାରୁ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ମନମୋହନ ଚୌଧୁରୀଙ୍କ ପରେ ଆଦିତ୍ୟ ପଟ୍ଟନାୟକ ସର୍ବୋଦୟର ରାଷ୍ଟ୍ରୀୟ ସଙ୍ଗଠନ ସର୍ବସେବା ସଂଘ ଅଧ୍ୟକ୍ଷ ହୋଇଛନ୍ତି। ସେ ପୂର୍ବରୁ ସର୍ବୋଦୟ ସମାଜର ରାଷ୍ଟ୍ରୀୟ ସଂଯୋଜକ ଥିଲେ। ଜଣେ ଆଦର୍ଶ ଗାନ୍ଧିବାଦୀ, ରଚନାତ୍ମକ କର୍ମୀ ଓ ଦକ୍ଷ ସଙ୍ଗଠକ ଭାବେ ସେ ଭାରତରେ ପରିଚିତ। ମୟୂରଭଞ୍ଜର ରଙ୍ଗମାଟିଆଠାରେ ଅନ୍ତ୍ୟୋଦୟ ଚେତନା ମଣ୍ଡଳ ଗଠନ କରି ସେ ଆଦିବାସୀ ଓ ଦୁସ୍ଥ ଜନତାଙ୍କ ସେବା କରୁଛନ୍ତି। ସେଠାରେ ଏକ ଡାକ୍ତରଖାନା ପ୍ରତିଷ୍ଠା କରି ରୋଗୀ ସେବା ଯୋଗାଇ ଦେଉଛନ୍ତି। ସେ ଉତ୍କଳ ସର୍ବୋଦୟ ମଣ୍ଡଳର ମୁଖପତ୍ର ସର୍ବୋଦୟର ଅନ୍ୟତମ ସମ୍ପାଦକ ଅଛନ୍ତି।

# ସ୍ୱଚ୍ଛତା ଅଭିଯାନରେ ଯୋଡ଼ି ହେବେ ସମସ୍ତ ଆର୍‌ଟିଓ

**ଏସ୍‌ଟିଏ ଅଧିକାରୀ, ଆର୍‌ଟିଓଙ୍କ ସହ ପରିବହନ ଆୟୁକ୍ତଙ୍କ ବୈଠକ**

- ରାଜପଥ, ଟୋଲ୍‌ପ୍ଲାଜା, ବସ୍‌ଷ୍ଟପରେ ହେବ ସଫେଇ
- ଚାରାରୋପଣ, ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛତା ଶପଥକୁ ପ୍ରାଧାନ୍ୟ

କଟକ,୧୨।୯ (କାର୍ତ୍ତିକ ସାହୁ)



ବୈଠକରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସହ ବିଭାଗୀୟ ଅଧିକାରୀମାନେ।

ରାଜ୍ୟ ବ୍ୟାପୀ ସ୍ୱଚ୍ଛତାକୁ ନେଇ ହେବାକୁ ଯାଉଛି ୧୫ ଦିନିଆ ଅଭିଯାନ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ଅଭିଯାନ ହେବ। ଏଥର ଥିମ ରହିଛି ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା। ରାଜ୍ୟ ପରିବହନ ପ୍ରାଧିକରଣ ଏହି ଅଭିଯାନରେ ସକ୍ରିୟତାର ସହ ଭାଗ ନେବ। ଏହି ଆଧାରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବାକୁ ସମସ୍ତ ଆରଟିଓଙ୍କୁ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବାକୁ କଟକସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଆର୍‌ଟିଓ ଭିଡିଓ କନ୍‌ଫରେନ୍ସିଂରେ ଯୋଡ଼ି ହୋଇଥିଲେ। ଏହି ଅଭିଯାନରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଡ଼ି ହେବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ପରିବହନ ସେବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସାମିଲ କରାଯିବ। ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ସମେତ ରାଜ୍ୟବ୍ୟାପୀ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଏହାର ଆଖପାଖ ଅଞ୍ଚଳ ସଫେଇ କରାଯିବ। ସ୍ୱଚ୍ଛତା ଓ ଏହାର ଉପକାରିତା ସମ୍ପର୍କରେ ସଚେତନ କରାଯିବ। ସଫେଇ ହେଉ ନ ଥିବା ସ୍ଥାନଗୁଡ଼ିକ ଚିହ୍ନଟ କରି ସଫା କରାଯିବ। ରାଜପଥ ପାର୍ଶ୍ୱ, ଟୋଲ୍‌ପ୍ଲାଜା, ବସ୍‌ଷ୍ଟପ୍, ରାସ୍ତାପାର୍ଶ୍ୱ ଢାବା, ଶୌଚାଳୟ ଆଦିରେ ସଫେଇ କରାଯିବ। ସେହିପରି ଚାରାରୋପଣ, ସ୍ୱଚ୍ଛତା ଦୌଡ଼, ଶପଥପାଠ, ରାସ୍ତା ଓ ଫ୍ଲାଏଓଭର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ। ଏଥିପାଇଁ ଠିକ୍ ଭାବେ ସମସ୍ତ ପ୍ରସ୍ତୁତି କରିବାକୁ ପରିବହନ ଆୟୁକ୍ତ ଠାକୁର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅଭିଯାନରେ ସଫେଇ ମିତ୍ରଙ୍କ ସୁରକ୍ଷା ସମ୍ବନ୍ଧିତ ସଚେତନତାକୁ ମଧ୍ୟ ବ୍ୟାପକ କରାଯିବ। ବିଭିନ୍ନ କ୍ୟାମ୍ପ ଜରିଆରେ ସେମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଯିବ। ସଡ଼କ ଦୁର୍ଘଟଣା ରୋକିବା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ସମ୍ପର୍କରେ ଥିବା ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ସ୍ୱଚ୍ଛତାର ଅଭ୍ୟାସ କେବଳ ୧୫ ଦିନରେ ସୀମିତ ନ ରଖି କାର୍ଯ୍ୟାଳୟ ତଥା ଆଖପାଖରେ ନିରନ୍ତର ଭାବେ ଏହା କାର୍ଯ୍ୟକାରୀ ହେବା ନେଇ ସଚେତନତା ସୃଷ୍ଟି କରାଯିବ ବୋଲି ପରିବହନ ଆୟୁକ୍ତ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ପରିବହନ ଆୟୁକ୍ତ ଇନ୍ଦ୍ରମଣି ନାୟକ, ଲାଲମୋହନ ସେଠୀ, ଦୀପ୍ତିରଞ୍ଜନ ପାତ୍ର, ଯୁଗ୍ମ ପରିବହନ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ୫ହଜାର ଡେଇଁଲା ଡେଙ୍ଗୁ ସଂକ୍ରମଣ

**ସୁନ୍ଦରଗଡ଼ରେ ସର୍ବାଧିକ ରୋଗୀ**

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ଥମିବାର ନାଁ ଧରୁନାହିଁ। ଇତି ମଧ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ୫ ହଜାର ଟପିଛି। ଜାନୁଆରୀରୁ ସେପ୍ଟେମ୍ବର୧୧ ମଧ୍ୟରେ ମୋଟ୍ ୫୧୩୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସଂକ୍ରମଣରେ ଗତବର୍ଷ ଖୋର୍ଦ୍ଧା ଜିଲା ଆଗରେ ଥିବାବେଳେ ଏବର୍ଷ ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୧୫୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପଛକୁ ଖୋର୍ଦ୍ଧା ଜିଲାରେ ୧୦୫୩ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ୩୦ହଜାର ଅଧିକ ଅର୍ଥାତ୍ ମୋଟ୍ ୯୯ ହଜାର ୭୮୦ ଟେଷ୍ଟିଂ ହୋଇଛି। ଗତବର୍ଷ ଏହି ସମୟରେ ୫୩୩୪ ପଜିଟିଭ୍ ବାହାରିଥିବାବେଳେ ଚଳିତ ବର୍ଷ ସଂଖ୍ୟା କମ୍ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସଂକ୍ରମଣରେ ଖୋର୍ଦ୍ଧା ପଛକୁ କଟକ, ବାଲେଶ୍ୱର ରହିଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୮୪୦ ଛୁଇଁଥିବାବେଳେ ପଟିଆ ହଟ୍‌ସ୍ପଟ୍ ପାଲଟିଛି। ଏଠାରୁ ସର୍ବାଧିକ ୭୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚନ୍ଦ୍ରଶେଖରପୁରରୁ ୫୩ଜଣ, ସାଲିଆସାହିରୁ ୪୪ଜଣ ଏବଂ ନୟାପଲ୍ଲୀରୁ ୪୩ଜଣ ରୋଗୀ ବାହାରିଥିବାବେଳେ ଅନ୍ୟ ଅଞ୍ଚଳରୁ ମଧ୍ୟ ଏକାଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାରେ ଟେଷ୍ଟିଂ କରି ପଜିଟିଭ୍ ଚିହ୍ନଟ ହୋଇଥିବା ୪୩୭ ଜଣଙ୍କର ପତ୍ତା ମିଳୁନାହିଁ। ସେମାନେ ନିଜ ନାମ, ଠିକଣା ଭୁଲ୍ ଦେଇଥିବାରୁ ସେମାନଙ୍କୁ ଠାବ କରାଯାଇ ପାରୁନାହିଁ। ସେହିପରି ରାଜ୍ୟରେ ମଙ୍କିପକ୍ସ ଗୋଟିଏ ଚିହ୍ନଟ ହୋଇଥିବାବେଳେ ଏନେଇ ସରକାରଙ୍କ ପକ୍ଷରୁ ଆଡଭାଇଜରି ଜାରି ହେବା ସହ ନଜର ରଖାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।



ରେଳ ବିଭାଗର ଘରୋଇକରଣ ବନ୍ଦ, ଖାଲି ପଦବୀ ପୂରଣ ସହ ବିଭିନ୍ନ ଦାବିନେଇ ଏଆଇଡିଆଇଓ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ପରିପ୍ରେକ୍ଷୀରେ ଗୁରୁବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ସମ୍ମୁଖରେ ବିକ୍ଷୋଭ।

# ଚିକେନ୍, ଅଣ୍ଡା ଖାଇପାରିବେ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ବାର୍ଡ ଫ୍ଲୁ ସ୍ଥିତିରେ ସୁଧାର ଆସିଲା**

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ରାଜ୍ୟରେ ବାର୍ଡ ଫ୍ଲୁ ସ୍ଥିତିରେ ସୁଧାର ଆସିଛି। ଯେଉଁ ଅଞ୍ଚଳରେ ବାର୍ଡଫ୍ଲୁ ସଂକ୍ରମଣ ହୋଇଥିଲା, ସେଠାରେ କଲିଂ କରି ସମସ୍ତ କୁକୁଡ଼ାଙ୍କୁ ମରାଯାଇଛି। ସଂକ୍ରମିତ କୁକୁଡ଼ା ଆଉ ନାହାନ୍ତି। ତେଣୁ ଏବେ ଲୋକମାନେ ଚିକେନ୍ ଓ ଅଣ୍ଡା ଖାଇପାରିବେ। ତେବେ ଚିକେନ୍ କିଣିବା ପୂର୍ବରୁ ସମ୍ପୃକ୍ତ ଚିକେନ୍ ସଂକ୍ରମିତ ଅଞ୍ଚଳରୁ ଆସିଛି କି ନାହିଁ ତାହା ଜାଣିବା ଦରକାର ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି। ସେହିପରି ଚିକେନ୍ କିଣିବା ସମୟରେ କିଛି ଦିଗକୁ ଧ୍ୟାନ ଦିଆଯିବ ଦରକାର। ଯେଉଁ କୁକୁଡ଼ାମାନେ ଘୁମାଉଥିବେ, ଅସୁସ୍ଥ ଲାଗୁଥିବେ ସେହି ଦୋକାନରୁ ଚିକେନ୍ ନ ଆଣିବା ଉଚିତ। ଏହାବାଦ୍ ଚିକେନ୍‌କୁ ଭଲଭାବେ ଡିପ୍ ଫ୍ରାଏ କରି ଖାଇବା ଉଚିତ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ବାର୍ଡ ଫ୍ଲୁ କ୍ଷତିଗ୍ରସ୍ତ ଆମିଷ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦାବି

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ବାର୍ଡ ଫ୍ଲୁ ପାଇଁ ଗତ ୧ମାସ ଧରି ସମସ୍ତ ଚିକେନ୍ ଓ ଅଣ୍ଡା ବ୍ୟବସାୟୀମାନେ ଆର୍ଥିକ କ୍ଷୟ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ କ୍ଷତିଗ୍ରସ୍ତ ସମସ୍ତ ଛୋଟବଡ ଚିକେନ ଓ ଅଣ୍ଡା ବ୍ୟବସାୟୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଅଲ୍ ଓଡିଶା ନନଭେଜ୍ ଟ୍ରେଡର୍ସ ଫେଡେରେଶନ ଦାବି କରିଛି। ଏଥିସହ ବାର୍ଡ ଫ୍ଲୁ ପାଇଁ ବ୍ୟବସାୟୀ, କୁକୁଡ଼ା ଚାଷୀ ପ୍ରବଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବାରୁ ଆଗାମୀ ଦିନରେ ଏଥିରୁ ବଞ୍ଚିବା ପାଇଁ ସରକାରଙ୍କ ତରଫରୁ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞଙ୍କ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଏନେଇ ଗୁରୁବାର ଫେଡେରେଶନ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ବିଭିନ୍ନ ଦାବି ନେଇ ଉପମୁଖ୍ୟମନ୍ତ୍ରୀ, ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ପ୍ରଦାନ କରାଯାଇଛି। ଥଇଥାନ ପାଇଁ ବଜାର ନିର୍ମାଣ, ଏମ୍‌ଏସ୍‌ଏମ୍‌ଇ ଋଣ, ବ୍ୟବସାୟୀଙ୍କ ପିଲାଙ୍କୁ ଶିକ୍ଷା ବୃତ୍ତି ପ୍ରଦାନ ନେଇ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଫେଡେରେଶନ୍ ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ, ଭୁବନେଶ୍ୱର ଚିକେନ ବ୍ୟବସାୟୀ ମହାସଂଘର ୱାର୍ଡ଼ ସଭାପତି ପ୍ରଦୀପ୍ତ ସ୍ୱାଇଁ, ମାୟାଧର ସେଠୀ, ଅଭିମନ୍ୟୁ ସେଠୀ, ଅଜୟ ଦାସ, ଜିତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ବାବୁ ସିଂଙ୍କୁ ହାଇକୋର୍ଟ ନୋଟିସ

**ଭୁବନେଶ୍ୱର ଏକାମ୍ର ନିର୍ବାଚନ ମାମଲା**

କଟକ,୧୨।୯ (କାର୍ତ୍ତିକ ସାହୁ)

ଭୁବନେଶ୍ୱର ଏକାମ୍ର ବିଧାନସଭା ଆସନରେ ନିର୍ବାଚନୀ ଅନିୟମିତତା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ପ୍ରତିପକ୍ଷ ଭାଜପା ବିଧାୟକ ବାବୁ ସିଂଙ୍କୁ ନୋଟିସ୍ ଜାରି କରିଛନ୍ତି। ତାଙ୍କ ବିରୋଧରେ ଆଗତ ଆବେଦନକୁ ନେଇ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

୨୦୨୪ ନିର୍ବାଚନରେ ଏକାମ୍ର ନିର୍ବାଚନମଣ୍ଡଳୀର ପରାଜିତ ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡା ନିର୍ବାଚନରେ ଅନିୟମିତତା ହୋଇଥିବା ଦର୍ଶାଇ ହାଇକୋର୍ଟରେ ଏକ ମାମଲା ଦାଏର କରିଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀରୁ ଜିତିଥିବା ଭାଜପା ବିଧାୟକ ବାବୁ ସିଂ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଭୁଲ୍ ତଥ୍ୟ ପ୍ରଦାନ କରିଛନ୍ତି। ସେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରନ୍ତୁ ବୋଲି ଆବେଦନକାରୀ ପଣ୍ଡା ଆବେଦନରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ନିର୍ବାଚନରେ ବାବୁ ସିଂ ୭୪,୮୮୪ ଓ ଅଶୋକ ପଣ୍ଡା ୬୯,୮୬୧ ଖଣ୍ଡ ଭୋଟ ପାଇଥିଲେ।

# ଚିକିତ୍ସା ପାଇଁ କର୍କଟ ପୀଡ଼ିତ ଶିଶୁ ହଟହଟା

**ଅର୍ଥ ସାଜିଛି ବାଧକ**

- ଏସ୍‌ସିବିରୁ ନିରାଶ ହୋଇ ଘରୋଇ ହସ୍ପିଟାଲ ଗଲେ
- ସରକାରୀ ସହାୟତା ପାଇଁ ମା'ବାପାଙ୍କ ନିବେଦନ

କଟକ,୧୨।୯(ଶିପ୍ରା ପ୍ରିୟଦର୍ଶିନୀ)

କଟକ ଅଲିଶା ବଜାର କୈବର୍ତ୍ତ ସାହିର ସାଇ ପ୍ରସାଦ ବେହେରା(୧୦) ରକ୍ତ କର୍କଟ ରୋଗରେ ଆକ୍ରାନ୍ତ। ତାଙ୍କ ଚିକିତ୍ସା ପାଇଁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଏତେ ପରିମାଣର ଟଙ୍କା ଯୋଗାଡ କରିବା ସମ୍ଭବ ନୁହେଁ। ତେଣୁ ସାଇ ପ୍ରସାଦଙ୍କ ଚିକିତ୍ସା ପାଇଁ ସରକାର ସହାୟତା ଯୋଗାଇ ଦେବାକୁ ତାଙ୍କ ମାଆ ସୁମିତ୍ରା ବେହେରା ଓ ବାପା ମଦନ ବେହେରା ନିବେଦନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁଲାଇରେ ସାଇ ପ୍ରସାଦଙ୍କ ଆଣ୍ଠୁ ଓ ହାତରେ ଦୁଇଟି ଲେଖାଏ ବଥ ଉଠିଥିଲା। ପରେ ସେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେବାରୁ ପରିବାର ଲୋକେ ତାଙ୍କୁ ଶିଶୁଭବନରେ ଭର୍ତ୍ତି କରିଥିଲେ। ସେଠାରେ ୪ ଦିନ ଚିକିତ୍ସିତ ହେବା ପରେ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏସ୍‌ସିବି ମେଡିକାଲର ଶିଶୁରୋଗ ବିଭାଗରେ ୧୪ଦିନ ଧରି ତାଙ୍କର ଚିକିତ୍ସା କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। କିନ୍ତୁ ୧୦ ଦିନ ପରେ ସେ ପୁଣି ଅସୁସ୍ଥ ହୋଇପଡିଲେ। ଗତ ଅଗଷ୍ଟ ୨୭ରେ ଏସ୍‌ସିବି ହେମାଟୋଲୋଜି ବିଭାଗରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ ଭର୍ତ୍ତି କରାଯାଇଥିଲା। ରକ୍ତହୀନତା ଲକ୍ଷଣ ଦେଖା ଦେବାରୁ ରକ୍ତ ଏବଂ ଆଇସିୟୁ ଆବଶ୍ୟକ ପଡ଼ିଥିଲା। ହେଲେ ଉକ୍ତ ବିଭାଗର ଜଣେ ଡାକ୍ତର ଆଇସିୟୁ ବେଡ୍ ଉପଲବ୍ଧ ନାହିଁ, ଅନ୍ୟ ହସ୍ପିଟାଲକୁ ସାଇ ପ୍ରସାଦଙ୍କୁ ନେଇଯିବା ପାଇଁ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସାଇ ପ୍ରସାଦଙ୍କୁ ମଦନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ପରୀକ୍ଷା ନିରୀକ୍ଷା ପରେ ସାଇ ପ୍ରସାଦଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେ ରକ୍ତ କର୍କଟରେ ପୀଡ଼ିତ ଥିବା ନେଇ ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କର ସମସ୍ତ ଚିକିତ୍ସା ପାଇଁ ୨୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି। ମଦନ ଜଣେ ପାନ ବ୍ୟବସାୟୀ। ପାଖରେ ଏତେ ଟଙ୍କା ନ ଥିବାରୁ ପୁଅକୁ ବୁଧବାର ଉକ୍ତ ଘରୋଇ ହସ୍ପିଟାଲରୁ ଆଣି ପୁଣି ଏସ୍‌ସିବି ମେଡିକାଲର ହେମାଟୋଲୋଜି ବିଭାଗରେ ଭର୍ତ୍ତି କରିଥିଲେ। ହେଲେ ଏସ୍‌ସିବିରେ ସାଇ ପ୍ରସାଦଙ୍କ ଚିକିତ୍ସା ପାଇଁ ଡାକ୍ତର ତତ୍ପରତା ଦେଖାଇ ନ ଥିଲେ ବୋଲି ମଦନ କହିଛନ୍ତି। ତେଣୁ ସାଇ ପ୍ରସାଦଙ୍କୁ ପରିବାର ଲୋକେ ନିଜ ଇଚ୍ଛାରେ ଡିସ୍‌ଚାର୍ଜ କରାଇ ନେଇ ପୁଣି ଥରେ ଭୁବନେଶ୍ୱରର ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏନେଇ ମଦନ କହିଛନ୍ତି, ପୁଅର ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ନେଇଥିଲି। ସେଠାରେ ଥିବା ଡାକ୍ତର ଅନ୍ୟ ହସ୍ପିଟାଲକୁ ନେଇଯିବା ପାଇଁ କହିଥିଲେ। ଏପରି କି ଚିକିତ୍ସା ପାଇଁ ମଧ୍ୟ ଡାକ୍ତର ତତ୍ପରତା ଦେଖାଇ ନ ଥିଲେ। ତେଣୁ ପୁଅକୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲି। ସେଠାରେ ଚିକିତ୍ସା ପରେ ପୁଅ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିବା ଜାଣିବାକୁ ପାଇଥିଲି। ଅଧିକ ଚିକିତ୍ସା ପାଇଁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ଏତେ ପରିମାଣର ସମ୍ବଳ ଆମ ପାଖରେ ନାହିଁ। ଯଦି ସରକାର ସହାୟତା ଯୋଗାଇ ଦିଅନ୍ତେ ତେବେ ସାଇ ପ୍ରସାଦଙ୍କ ଚିକିତ୍ସା ହୋଇପାରନ୍ତା ବୋଲି ମଦନ କହିଛନ୍ତି। ଅପରପକ୍ଷରେ ଏନେଇ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ସାଇ ପ୍ରସାଦ ବେହେରା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନିଲ


@ ଜିତ୍


@ ମାନିନୀ


@ ସୁଭେନ୍ଦ୍ର


@ ପୂଜା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୧ରେ 'ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ'

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ପଲ୍ଲୀବାଣୀ ମିଶନ ପକ୍ଷରୁ ପ୍ରତିଭାସମ୍ପନ୍ନ ସାମ୍ବାଦିକମାନଙ୍କୁ ଦିଆଯାଉଥିବା 'ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ'ର ଷଷ୍ଠ ସଂସ୍କରଣ ଆସନ୍ତା ୨୧ ତାରିଖରେ ପ୍ରଦାନ କରାଯିବ। ନୂଆଦିଲ୍ଲୀର ଲୋଧିରୋଡ୍‌ସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସଭାଗୃହରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଏନ୍‌ଡି ଟିଭିର ସାମ୍ବାଦିକା ସିଲ୍ଲୀ ଦେଓ, ଓଟିଭି ପୁରୀର ସାମ୍ବାଦିକ ମଧୁସୂଦନ ମିଶ୍ର, କ୍ରୀଡା ସାମ୍ବାଦିକ ସମ୍ବିତ୍ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦନ, ନ୍ୟୁଜ୍ ୧୮ର ସମ୍ପାଦକ ନରେନ୍ଦ୍ରନାଥ ଜେନା, ନବ ପ୍ରତିଭା ଶ୍ରେଣୀରେ ଅର୍ଗସ ନ୍ୟୁଜ୍ ସାମ୍ବାଦିକା ଶତରୂପା ସାମନ୍ତରାୟଙ୍କୁ 'ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ' ପ୍ରଦାନ କରାଯିବ। ସେହିପରି ନ୍ୟୁଜ୍ ୭ର ଉଦ୍‌ଘୋଷିକା ଇତିଶ୍ରୀ ନାୟକଙ୍କୁ 'ପ୍ରତିଭା ପଟ୍ଟନାୟକ ଉତ୍କର୍ଷ ସାମ୍ବାଦିକତା ପୁରସ୍କାର' ପ୍ରଦାନ କରାଯିବ।

# ୧୮ରେ ରତ୍ନଭଣ୍ଡାର ନିରୀକ୍ଷଣ କରିବ ଏଏସ୍‌ଆଇ

ପୁରୀ,୧୨।୯(ଅଜିତ୍ କୁମାର ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଆସନ୍ତା ୧୮ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରାଯିବ। ଏନେଇ ଗୁରୁବାର ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଏବଂ ବୈଷୟିକ ଯାଞ୍ଚ ହେବ। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ବା ଏସ୍‌ଓପି ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ହୋଇସାରିଛି। ସେହିପରି ଖାଲି ଆଲମିରା ଓ ସିନ୍ଦୁକଗୁଡ଼ିକୁ ମଧ୍ୟ ସ୍ଥାନାନ୍ତର କରାଯାଇସାରିଛି। ଏହାପରେ ଏଏସ୍‌ଆଇକୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ ହାତକୁ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହା ଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼ିବ, ସେଥିପ୍ରତି ଧ୍ୟାନ ଦେବାକୁ ଏଏସ୍‌ଆଇକୁ ଅନୁରୋଧ କରାଯାଇଥିଲା। ପୂର୍ଣ୍ଣାଙ୍ଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏଏସ୍‌ଆଇ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଅନୁରୋଧ କରିଛନ୍ତି। ଏହି ଯାଞ୍ଚ ଦ୍ୱାରା ଗୁପ୍ତ ସୁଡ଼ଙ୍ଗ ସମ୍ପର୍କରେ ସ୍ପଷ୍ଟ ହେବ। ସେହିପରି ରତ୍ନଭଣ୍ଡାର ତଳେ ଗୁପ୍ତ କୋଠରି ଅଛି କି ନାହିଁ ତାହା ମଧ୍ୟ ଜଣାପଡିବ।

**ବଳରାମ ମାନସିକ ବିକାରଗ୍ରସ୍ତ: ଜିଲାପାଳ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ଶ୍ରୀମନ୍ଦିର ଦଧିନଉତି ଉପରେ ଜଣେ ବ୍ୟକ୍ତି ଚଢ଼ିବା ଘଟଣା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ଅଙ୍ଗୁଳି ଉଠାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ପଚରା ଉଚରା କରିବା ପରେ ଗୁରୁବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ହେଲେ ଛତ୍ରପୁରର ବଳରାମ ମହାରଣା। ସେ ମାନସିକ ବିକାରଗ୍ରସ୍ତ ଥିବା ପୋଲିସ କହିଛି। ବଳରାମଙ୍କ ପରିବାର ଲୋକେ କହିଛନ୍ତି, ଗତ ୧୦ ବର୍ଷ ହେବ ବଳରାମ ମାନସିକ ରୋଗରେ ଆକ୍ରାନ୍ତ। ସେ ଗତ କିଛି ଦିନ ହେବ କେଉଁଆଡେ ଚାଲି ଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୨।୯।୨୦୨୪

୪,୪୫,୧୩୭ ଟଙ୍କା

**ସଂକ୍ଷେପରେ**

## ବେକରେ ରଶି ଲଗାଇ ବ୍ରିଜ୍ ତଳକୁ ଝୁଲିପଡ଼ିଲେ ଯୁବକ

ପିପିଲି, ୧୨।୯(ପ୍ରଭାତ କୁମାର ମହାପାତ୍ର)

ବେକରେ ରଶି ଲଗାଇ ବ୍ରିଜ୍ ତଳକୁ ଝୁଲିପଡ଼ିଲେ ଯୁବକ। ପିପିଲି ପୋପରଙ୍ଗା ବିଜୁ ସେତୁରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ ଅର୍ଜୁନଗୋଦା ଗ୍ରାମର ଗୋପବନ୍ଧୁ ଦାସଙ୍କ ପୁଅ ଚନ୍ଦ୍ରକାନ୍ତ ଦାସ (୨୪)। ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ କିଛି ଦିନ ହେଲା କିଡନୀ ଜନିତ ରୋଗରେ ପୀଡିତ ଥିଲେ। ଏନେଇ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବାବେଳେ ଗୁରୁବାର ଅପରାହ୍ନରେ ନିକଟସ୍ଥ ବିଜୁ ସେତୁ ବାଡ଼ାରେ ଚଢି ବେକରେ ରଶିବାନ୍ଧି ବ୍ରିଜ୍ ତଳକୁ ଝୁଲି ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଏଏସ୍ ଆଇ ମଞ୍ଜୁଲତା ଦେଇ କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ: ୩ ଅଟକ

ଅସ୍ତରଙ୍ଗ, ୧୨।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ମୁଖ୍ୟବଜାର ଉପରେ ଯୁବକଙ୍କୁ ଅତର୍କିତ ଆକ୍ରମଣ ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ସୂଚନା ମୁତାବକ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବଜାରରେ ବଳଭଦ୍ରପୁର ଅଞ୍ଚଳର ଯୁବକ ଶ୍ରୀଧର ପରିଡ଼ା ଗାଡ଼ି ଧରି ଠିଆ ହୋଇଥିଲେ। ଏହି ସମୟରେ ସେଠାରେ ୪ଜଣ ଯୁବକ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶ୍ରୀଧର ପରିଡ଼ା ଆହତ ହୋଇଥିଲେ। ଘଟଣାସ୍ଥଳରେ ଅସ୍ତରଙ୍ଗ ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଶେଷସୂତ୍ରରୁ ପୂର୍ବଶତ୍ରୁତାରୁ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି।

# ଲୁହା କଡ଼େଇରେ ପ୍ରସ୍ତୁତ ହେଉଛି ମହାପ୍ରସାଦ

**ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ପରମ୍ପରାର ଉଲ୍ଲଂଘନ**

- ସୁଆର ମହାସୁଆର ନିଯୋଗର ଆପତ୍ତି
- ଭକ୍ତଙ୍କ ଉଦ୍‌ବେଗ, କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ, ୧୨।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମାଟିକୁଡୁଆ ପରିବର୍ତ୍ତେ ଲୁହା କଡ଼େଇରେ ମହାପ୍ରସାଦ ପ୍ରସ୍ତୁତ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସତ୍ତ୍ୱଲିପି ତଥା ପରମ୍ପରାର ଉଲ୍ଲଂଘନ ହେଉଛି। ଏଭଳି ଅଭିଯୋଗ ଆଣିବା ସହ ଏ ନେଇ ଆପତ୍ତି ଉଠାଇଛି ସୁଆର ମହାସୁଆର ନିଯୋଗ। ସମ୍ପୃକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ନିଯୋଗକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି।

ପରମ୍ପରା ଅନୁଯାୟୀ, ଲୁହାକଡ଼େଇରେ କେବଳ ଅମାଲୁ ଓ ପିଠାଜାତୀୟ ଭୋଗ ପ୍ରସ୍ତୁତ କରାଯାଇଥାଏ। ମାଟିକୁଡୁଆରେ ସମସ୍ତ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ତେବେ କୁଡୁଆ ଅଭାବ ଆଳରେ କେତେଜଣ ସୁଆର ସେବକ ମହାପ୍ରଭୁଙ୍କ ପରମ୍ପରା ଭାଙ୍ଗି ଲୁହା କଡ଼େଇରେ ମହାପ୍ରସାଦ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି। ଏହି ଘଟଣା ଜଣାପଡ଼ିବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସହସମ୍ପାଦକ ନରସିଂହ ପ୍ରତିହାରୀ କହିଛନ୍ତି, ମାଟି କୁଡୁଆ ଓ ଚୁଲିରେ ମହାପ୍ରସାଦ ପ୍ରସ୍ତୁତ କରାଯିବାର ପରମ୍ପରା ରହିଛି। ତେବେ ବର୍ତ୍ତମାନ ମାଟିକୁଡୁଆର ଅଭାବ ପରିଲକ୍ଷିତ ହେଉଛି। ଫଳରେ ବିକଳ୍ପ ଭାବେ ଲୁହାକଡେଇରେ ମହାପ୍ରସାଦ ପ୍ରସ୍ତୁତ କରାଯାଉଛି। ତେବେ ମାଟି କୁଡୁଆରେ ମହାପ୍ରସାଦ ପ୍ରସାଦ ପ୍ରସ୍ତୁତ କରାଯିବାକୁ ଆଲୋଚନା ହୋଇଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ନିଯୋଗକୁ ଚିଠି ଲେଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଜ୍ୟୋତିର୍ବିଦ୍ ତଥା ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର କହିଛନ୍ତି, ସେ ପିଲାବେଳୁ ଶୁଣି ଆସିଛନ୍ତି ମାଟି କୁଡୁଆ, ଚୁଲି ଓ କାଠ ଡଙ୍କିରେ ମହାପ୍ରସାଦ ପ୍ରସ୍ତୁତ ହେଉଥିଲା। ତେବେ ଲୁହା କଡ଼େଇରେ ଯେଉଁ ରୋଷେଇ ହେଉଛି, ତାହା ମହାପ୍ରଭୁଙ୍କ ନିକଟରେ ଭୋଗ ପାଇଁ ଉପଯୁକ୍ତ ନୁହେଁ। ଏପରି କାର୍ଯ୍ୟ ଯେଉଁମାନେ କରୁଛନ୍ତି, ସେମାନେ ସଚେତନ ହେବା ଆବଶ୍ୟକ। ଏହା ଭକ୍ତଙ୍କ ଭାବାବେଗକୁ ଆଘାତ ସୃଷ୍ଟି କରିବ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସୁଆର ମହାସୁଆର ନିଯୋଗ ସହାୟତାରେ ଶ୍ରୀମନ୍ଦିର ଆନନ୍ଦବଜାରରେ ଶୃଙ୍ଖଳା ଆସିପାରିଛି। ଅପରପକ୍ଷରେ ଲୁହା କଡ଼େଇରେ ମହାପ୍ରସାଦ ପ୍ରସ୍ତୁତ ହେବା କଥା ନୁହେଁ। ନିଯୋଗ ସହ ଏନେଇ ଆଲୋଚନା କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ। ଯାହା ବି ସମସ୍ୟା ରହିଛି ତାହାର ସମାଧାନ କରାଯିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।




ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ମା' ଦକ୍ଷିଣକାଳୀ ନୃତ୍ୟ ସଙ୍ଗୀତ କଳା ଏକାଡେମୀ ପକ୍ଷରୁ ଆୟୋଜିତ ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ସ୍ମୃତିସଭାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପଶ୍ଚିମ ବୁଦ୍ଧିଜୀବୀ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନିମାପଡ଼ା, ୧୨।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ପଶ୍ଚିମ ବୁଦ୍ଧିଜୀବୀ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ଏକ ସମ୍ବର୍ଦ୍ଧନା ସମାରୋହ ବାଣିଶ୍ରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ୪୦ଟି ସରକାରୀ ଓ ବେସରକାରୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ଜଣ ବିଶିଷ୍ଟ ବ୍ୟକ୍ତି ଓ ୮୦ ଜଣ ବରିଷ୍ଠ ନାଗରିକଙ୍କୁ ଉପମୁଖ୍ୟମନ୍ତ୍ରୀ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ବାଣିଶ୍ରୀ ବିଦ୍ୟାଳୟରେ ୧ହଜାର ସିଟ୍ ବିଶିଷ୍ଟ ଏକ ସଭାଗୃହ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଣିଶ୍ରୀ ବିଦ୍ୟାଳୟର ଅଧ୍ୟକ୍ଷା ଶିକ୍ଷାବିତ୍ ଜ୍ୟୋତ୍ସ୍ନାରାଣୀ ବଡ଼ିଆ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ମଧୁସ୍ମିତା ସାହୁ, ବନ୍ଦିତା ମଙ୍ଗରାଜ, ନାଗରିକ ମଞ୍ଚର ବରିଷ୍ଠ ବ୍ୟକ୍ତି ରବିନାରାୟଣ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମାରୋହରେ ୯ଟି ପଞ୍ଚାୟତର ବହୁ ଜନପ୍ରତିନିଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

## ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ନେଇ ଅଭିଯୋଗ

ପୁରୀ, ୧୨।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରସ୍ଥ ମୁକ୍ତିମଣ୍ଡପର ୧୦ବର୍ଷ ହେଲା ସଞ୍ଚିତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେବା ପାଇଁ ଆସନ୍ତା ୧୪ ତାରିଖରେ ଯୋଜନାବଦ୍ଧ ଅବୈଧ ବୈଠକ କରାଯାଉଥିବା ନେଇ ଗୁରୁବାର ସତ୍ତ୍ୱଲିପି ଅନ୍ତର୍ଗତ ଶାସନର ଅଧିକୃତ ବ୍ରାହ୍ମଣମାନେ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଗଛିତ ଚିରାଫଟା ନୋଟ୍‌ର ବାହାନା କରି ସବୁ ଟଙ୍କାକୁ ଆତ୍ମସାତ କରିବାକୁ ଷଡଯନ୍ତ୍ର ପୂର୍ବକ ପ୍ରାୟୋଜିତ ବୈଠକ ଡକାଯାଇଛି। ସମ୍ପୃକ୍ତ କମିଟିର ପରିଚାଳନା ସମ୍ପାଦକ, ଯାହାର ସତ୍ୱଲିପି ଅନୁଯାୟୀ ମଣ୍ଡପରେ ବସିବାର ଅଧିକାର ନାହିଁ ସେ ବୈଠକ ଡାକିଛନ୍ତି। ଉକ୍ତ ସଞ୍ଚିତ ଟଙ୍କା ଉପରେ ସତ୍ୱଲିପି ଅନ୍ତର୍ଗତ ମୁକ୍ତିମଣ୍ଡପାଧୀନ ଚବିଶ ଖଣ୍ଡ ଶାସନର କୋଠ ଓ ପ୍ରାୟ ୩ହଜାର ବ୍ରାହ୍ମଣଙ୍କର ପୂର୍ଣ୍ଣ ଅଧିକାର ରହିଛି। ଉକ୍ତ ଅର୍ଥର ସୁରକ୍ଷା ନିମିତ୍ତ ଅନଧିକୃତ ବ୍ୟକ୍ତିଙ୍କ ଦ୍ୱାରା ପ୍ରାୟୋଜିତ ବୈଠକକୁ ବାତିଲ କରାଯାଉ ବୋଲି ସମ୍ପୃକ୍ତ ବ୍ରାହ୍ମଣମାନେ ଦାବି କରିଛନ୍ତି। ସେହିପରି ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ ଚବିଶ ଶାସନ ଗ୍ରାମର ମୁକ୍ତିମଣ୍ଡପରେ ବସିବାର ଆଇନଗତ ଅଧିକାର ଅଛି। କପିଳେଶ୍ୱର ଗ୍ରାମର ବ୍ରାହ୍ମଣମାନେ ମୁକ୍ତିମଣ୍ଡପରେ ବସିବା ପାଇଁ ଶ୍ରୀମନ୍ଦିର ସତ୍ୱଲିପିରେ ନିଜ ଗ୍ରାମର ନାମକୁ ସାମିଲ କରିବାକୁ ଶ୍ରୀମନ୍ଦିର ପ୍ରଶାସନରେ ଦରଖାସ୍ତ କରି ନିରାଶ ହେଲାପରେ, ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଅନୁଯାୟୀ ପୁରୀ ମୁନସିଫ କୋର୍ଟରେ ମୋକଦ୍ଦମା ବିଚାରାଧୀନ ରହିଛି।

## ପୋଲିସ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

ପୁରୀ, ୧୨।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ପୋଲିସ ଆଇନର ୩୦ ଧାରା ଲାଗୁ କରାଯାଇଛି। ଏହା ଅଗଷ୍ଟ ୩୦ ଠାରୁ ନଭେମ୍ବର ୨୭ ତାରିଖ ୯୦ ଦିନ ପର୍ଯ୍ୟନ୍ତ ଜିଲାର ସମସ୍ତ ଥାନା ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡା ଏନ୍‌ଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଗଡ଼ିଲା 'ସୁଭଦ୍ରା' ରଥ

ସାକ୍ଷୀଗୋପାଳ/ଅସ୍ତରଙ୍ଗ/ ଗୋପ/କଣାସ ୧୨।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ପ୍ରଦୀପ୍ତ ଦୀକ୍ଷିତ/ ଭାରତୀ ଭୂଷଣ ଉପାଧ୍ୟାୟ/ବିଭୂତି ଭୂଷଣ ତ୍ରିପାଠୀ)

ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ତଥା ସୁଭଦ୍ରା ଯୋଜନାର ବ୍ଲକ ନୋଡାଲ ଅଧିକାରୀ ଲିପ୍ସା ରାୟ ଓ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ସୁଭଦ୍ରା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ଶତାଧିକ ମିଶନ ଶକ୍ତି ମହିଳାଙ୍କ ସହ ବିପିସି, ଏମବିକେ, ଅଙ୍ଗନୱାଡି କର୍ମୀ ଓ ସହାୟିକା ଯୋଗଦେଇ ପ୍ଲା–କାର୍ଡ ଓ ହୁଳହୁଳି ପକାଇ ସ୍ୱାଗତ କରିଥିଲେ।

ଅସ୍ତରଙ୍ଗ ବ୍ଲକ୍ ପରିସରରେ ଗୁରୁବାର ଏହି ରଥକୁ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ ଶୁଭାରମ୍ଭ କରିଛନ୍ତି। ଶୁଭାରମ୍ଭ ସମୟରେ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମେରୀ ମାଇକେଲ ଖେସ, ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ, ସୁପରଭାଇଜର ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ଗୁଣମଣି ଜେନା, ମିଶନ ଶକ୍ତି ବିପିଏମ୍ ପାର୍ଥସାରଥି ମହାନ୍ତି, ମିଶନ ଶକ୍ତି ବିପିଏ ରାଜସ୍ମିତା ସେଠୀଙ୍କ ସହ ବିଭିନ୍ନ ପଞ୍ଚାୟତ ମହିଳା ମହାସଂଘ ସିଆର୍‌ପି, ଏମ୍‌ବିକେ, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

ଗୋପ ବ୍ଲକ୍‌ରେ ଗୁରୁବାର ସୁଭଦ୍ରା ସଚେତନତା ରଥର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପ ବିଡିଓ ଛବିରାଣୀ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ସୁଭଦ୍ରା ଯୋଜନା ରଥର ନୋଡାଲ ଅଫିସର ଦୀପକ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। କଣାସ ବ୍ଲକରେ ସୁଭଦ୍ରା ସଚେତନତା ରଥ ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ତ୍ରିଲୋଚନପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଡିଓ ନାରାୟଣ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଆଇଆଇସି ରାକେଶ ତ୍ରିପାଠୀ, ତ୍ରିଲୋଚନପୁର ସରପଞ୍ଚ ବିଜୟିନୀ ପାତ୍ର ଓ ଅଙ୍ଗନୱାଡି କର୍ମୀ, ସହାୟିକା ଉପସ୍ଥିତ ଥିଲେ।

# ମହିଳାଙ୍କଠାରୁ ୫ଲକ୍ଷ ୫୮ ହଜାର ଟଙ୍କା ଲୁଟ୍

**ବ୍ୟାଙ୍କରୁ ଏସ୍‌ଏଚ୍‌ଜି ଟଙ୍କା ଉଠାଇ ଫେରୁଥିଲେ**

ପିପିଲି, ୧୨।୯(ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ସମ୍ମୁଖରେ ଗୁରୁବାର ଜଣେ ଏସ୍‌ଏଚ୍‌ଜି ସଦସ୍ୟାଙ୍କଠାରୁ ୫ଲକ୍ଷ ୫୮ ହଜାର ଟଙ୍କା ଲୁଟ୍ ହୋଇଛି। ସେ ଏସ୍‌ବିଆଇ ଶାଖାରୁ ଟଙ୍କା ଉଠାଇ ଫେରୁଥିବାବେଳେ ଦୁଇଜଣ ବ୍ୟକ୍ତି ଆସି ତାଙ୍କଠାରୁ ଟଙ୍କା ଝାମ୍ପି ନେଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପିପିଲି ଏସ୍‌ବିଆଇ ଶାଖାକୁ ଟଙ୍କା ଉଠାଇବା ପାଇଁ ସଂପୁର ବାଲିପଡ଼ିଆ ଗ୍ରାମସ୍ଥିତ କୃଷ୍ଣକୃପା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆସିଥିଲେ। ତେବେ ବ୍ୟାଙ୍କରେ ଟଙ୍କା ଷ୍ଟକ ନ ଥିବାରୁ ଦେବାରେ ବିଳମ୍ବ ହେବ କହି ବ୍ୟାଙ୍କ କର୍ତ୍ତୃପକ୍ଷ ଜଣେ ରହି ଅନ୍ୟମାନେ ଘରକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଅପରାହ୍ନ ୩ଟା ୩୦ରେ ସିଆର୍‌ପି ସୁଜାତା ମହାପାତ୍ର ଓ ସଦସ୍ୟା ଚିନୁ ସାହୁଙ୍କୁ ୫ଲକ୍ଷ ୫୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଦୁହେଁ ବ୍ୟାଙ୍କ ବାହାରକୁ ଆସି ଘରକୁ ଫେରିବା ପାଇଁ ଉଦ୍ୟତ ହେଉଥିଲେ। ସୁଜାତାଙ୍କ ସ୍କୁଟିରେ ଯିବା ପାଇଁ ଚିନୁ ଅପେକ୍ଷା କରିଥିବା ବେଳେ ହଠାତ ଏକ କଳା ପଲସର ବାଇକରେ ଦୁଇଜଣ ବ୍ୟକ୍ତି ଆସି ତାଙ୍କଠାରୁ ଟଙ୍କା ଝାମ୍ପିନେଇ ଭୁବନେଶ୍ୱର ଅଭିମୁଖେ ଫେରାର ହୋଇଯାଇଥିଲେ। ଏନେଇ ଚିନୁ ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଏସ୍‌ଏଚ୍‌ଜିର ସଭାପତି ମୀନତି ରାଉତ ଓ ସମ୍ପାଦିକା ରେଣୁବାଳା ମହାରଣାଙ୍କ ସୂଚନାକୁ ଆଧାର କରି ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କୁ ପଚାରିବାରେ ଗୋଷ୍ଠୀ ପଦାଧିକାରୀଙ୍କ ବ୍ୟତୀତ ସାଧାରଣ ସଦସ୍ୟାଙ୍କୁ ଟଙ୍କା ହସ୍ତାନ୍ତର କରାଯିବାର ନିୟମ ନାହିଁ ବୋଲି କହିଛନ୍ତି। ସିସିଟିଭି ଫୁଟେଜ ଆଧାରରେ ଲୁଟେରାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚାଲିଥିବା ଥାନା ଅଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସମନ୍ୱୟ କମିଟି ବୈଠକ**

ପୁରୀ, ୧୨।୯(ଅଜିତ୍ କୁମାର ମହାନ୍ତି)

ଜିଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏକ ସମନ୍ୱୟ କମିଟି ବୈଠକ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପନ୍ନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଟମଙ୍ଗଳା ମେଡିକାଲ ଛକ ରାସ୍ତା ପ୍ରଶସ୍ତୀକରଣର ସମୀକ୍ଷା କରାଯାଇ ଦେବୋତ୍ତର ବିଭାଗ ଅଧୀନରେ ଥିବା କିଛି ନିର୍ମାଣ ଓ କିଛି ବ୍ୟକ୍ତିବିଶେଷଙ୍କ ଗୃହ ରାସ୍ତା ଅବରୋଧରେ ରହୁଥିବାରୁ ନିୟମ ଅନୁସାରେ ଅବରୋଧ ହଟେଇ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳ ଜିଲା ଭୂ-ଅର୍ଜନ ଅଧିକାରୀ ନିରଞ୍ଜନ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଭାର୍ଗବୀ ନଦୀ ପୋଲଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ପାଇଁ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କୋଣାର୍କ ଚନ୍ଦ୍ରଭାଗା ରାସ୍ତା ଆଲୋକୀକରଣ, ସମୁଦ୍ର ବେଳାଭୂମିରେ ଚାରାରୋପଣ ପାଇଁ ଜଙ୍ଗଲ ବିଭାଗକୁ ଖାଲିଥିବା ସ୍ଥାନ ଚିହ୍ନଟ ଓ ପଦକ୍ଷେପ ନେବା, ଆବଶ୍ୟକ ଅନୁସାରେ ନୂଆ ପିଏଚ୍‌ସି ଓ ସିଏଚ୍‌ସି ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ଓ ତଥ୍ୟ ପ୍ରଦାନ ପାଇଁ ସିଡିଏମଓଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାଇପ ମାଧ୍ୟମରେ ପ୍ରତ୍ୟେକ ଗ୍ରାମକୁ ଜଳ ଯୋଗାଣର ସ୍ଥିତି ସମ୍ପର୍କରେ ତଦାରଖ କରି ବିଭାଗୀୟ ନିର୍ବାହୀଯନ୍ତ୍ରୀ ଜିଲାପାଳଙ୍କୁ ଅବଗତ କରାଇବେ। ତଦାରଖ କରି ବିଦ୍ୟାଳୟ ପାଇଁ ଆବଶ୍ୟକ ଥିଲେ ନୂତନ ଗୃହ ନିର୍ମାଣ, ମରାମତି ଇତ୍ୟାଦିର ପ୍ରସ୍ତାବ ଦେବାକୁ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଧନୁଆଁ ନଦୀରେ ପୋଲ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମ୍‌ଓ ଡ. ରୂପଭାନୁ ମିଶ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଯୋଜନା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ପୁରୀ ତହସିଲଦାର ଅଭିଷେକ ଦାଶ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସିଫା ପରିଦର୍ଶନ କଲେ ୨ କେନ୍ଦ୍ରମନ୍ତ୍ରୀ

**ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ, ରଙ୍ଗିନ ମାଛ ଆପ୍ ଉନ୍ମୋଚନ କଲେ**

ପିପିଲି/ବାଳକାଟୀ, ୧୨।୯(ପ୍ରଭାତ କୁମାର ମହାପାତ୍ର/ମନୋଜ ମଣ୍ଡଳ)



ଅତିଥିମାନେ ଲିଫ୍‌ଲେଟ୍ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

କେନ୍ଦ୍ର ମତ୍ସ୍ୟ, ପଶୁ, ଗୋପାଳନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏବଂ ମତ୍ସ୍ୟ, ଗୋପାଳନ, ସଂଖ୍ୟାଲଘୁ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଅନ୍ ଗୁରୁବାର ପିପିଲି କୌଶଲ୍ୟାଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜୀବପାଳନ ସଂସ୍ଥା (ସିଫା) ପରିଦର୍ଶନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଦ୍ୱୟ ସିଫାରେ ଚାଲିଥିବା ବିଭିନ୍ନ ଗବେଷଣାତ୍ମକ ପ୍ରକଳ୍ପର ଅନୁଧ୍ୟାନ କରିବା ସହ ମତ୍ସ୍ୟ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ମନ୍ତ୍ରୀ ଦ୍ୱୟ ବାର୍ଷିକ ୧୫% ଅନୁବଂଶୀୟ ବୃଦ୍ଧି ପାଉଥିବା ଉନ୍ନତ ପ୍ରଜାତିର ଭାକୁର ମାଛ ଅମୃତ କାଟ୍ଲାର ଜାଆଁଳକୁ ଲୋକାର୍ପଣ କରିବା ସହ ଏନ୍‌ଏଫ୍‌ଡିବି ବାଣ୍ଟିଥିଲେ। ଏନ୍‌ଏଫ୍‌ଡିବି ସିଫାର ମାର୍ଗଦର୍ଶନରେ ବହୁଗୁଣିକ ଜାଆଁଳ ଉତ୍ପାଦନ କେନ୍ଦ୍ରଭାବେ କାର୍ଯ୍ୟକରୁଛି ଏବଂ କୃଷକ ଓ ଉଦ୍ୟୋଗୀଙ୍କୁ ବିତରଣ କରୁଛି। ତତ୍ପରେ ଜାଆଁଳ ଉତ୍ପାଦନ, ପ୍ରଜନନ ମିଠାପାଣିରେ ଚିଙ୍ଗୁଡ଼ି ଓ ମାଛ ଚାଷ ସମ୍ପର୍କିତ ୧୩ଟି ହିନ୍ଦି ଓ ଓଡ଼ିଆ ଲିଫ୍‌ଲେଟ୍ ପୁସ୍ତକକୁ ଉଭୟ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ପଶ୍ଚିମବଙ୍ଗର ହୁଗୁଳିସ୍ଥିତ ନେହା ଫେବ୍ରିକେଶନକୁ ଏଫ୍‌ଆର୍‌ପି ବାଗ୍ଦା ହାଚେରୀ, ଏଫ୍‌ଆର୍‌ପି କାର୍ପ ହାଚେରୀ ନିର୍ମାଣ କୌଶଳର ଲାଇସେନ୍ସ ପ୍ରଦାନ କରିବା ସହିତ ରଙ୍ଗିନ ମାଛ ଆପ୍‌ର ଉନ୍ମୋଚନ କରିଥିଲେ। ନୂତନଭାବେ ବିକଶିତ ରଙ୍ଗିନ ମାଛ ଆପ୍ ୮ଟି ଭାଷାରେ ଉପଲବ୍ଧ ହେବା ସହିତ ଅପ୍‌ଡେଟେଡ୍ ଡାଇରେକ୍ଟରୀ, ଆକ୍ୱାରିୟମ୍ ରକ୍ଷଣାବେକ୍ଷଣର ସୂଚନା ରହିଛି। ଏହି ଗସ୍ତ ସମୟରେ ମନ୍ତ୍ରୀମାନେ ସିଫା ପରିସରରେ ଥିବା ବିଭିନ୍ନ ଖାଦ୍ୟୋପଯୋଗୀ ମାଛର କିସମ ଯଥା ଜୟନ୍ତୀରୋହି, ଜିଆଇ ଚିଙ୍ଗୁଡ଼ି, ମାଗୁର, ଶାଳ, ଶେଉଳ, କଉ, ରଙ୍ଗିନ ମାଛ, ମୋତି ଚାଷ, ବାୟୋଫ୍ଲକ୍, ଆକ୍ୱାପନିକ୍ ୟୁନିଟ୍ ବୁଲି ଦେଖିଥିଲେ। ମନ୍ତ୍ରୀଦ୍ୱୟ କୃଷକମାନଙ୍କ ସହ କୃଷିବିଜ୍ଞାନ କେନ୍ଦ୍ରରେ ଭାବବିନିମୟ କରିଥିଲେ। ମତ୍ସ୍ୟ ଆମଦାନୀରେ ଭାରତ ୨ୟ ସ୍ଥାନରେ ରହିଥିବାବେଳେ ବିଭିନ୍ନ ସମୟରେ ମାଛଙ୍କ ଭିତରେ ରୋଗ କ'ଣ ପାଇଁ ବ୍ୟାପୁଛି ସେ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ସହ ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସିଫାର ବିକାଶ ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ ଓ ପୁନର୍ବାର ସେ ସିଫା ଆସି ଦୁଇଦିନ ଧରି ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଏହି ଅବସରରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପମହାନିର୍ଦ୍ଦେଶକ ଡ. ଜେ. କେ. ଜେନା, ସିଫା ନିର୍ଦ୍ଦେଶକ ଡ. ପି. କେ. ସାହୁ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।



ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ଗୁରୁବାର ଶ୍ରୀମନ୍ଦିର ନିକଟରୁ ସଂକୀର୍ତ୍ତନ ଶୋଭାଯାତ୍ରା ସାତଲହଡ଼ି ମଠ ପର୍ଯ୍ୟନ୍ତ ଯାଉଛି।




ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ବିଦ୍ୟୁତ ଖୁଣ୍ଟ ଚୋରି ଅଭିଯୋଗରେ ଠିକାଦାର ଗିରଫ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ-ତ୍ରିଶୂଳିଆ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଚୋରି କରି ବିକ୍ରି କରିବା ଅଭିଯୋଗରେ ପୋଲିସ ଗୁରୁବାର ୨ ଠିକାଦାରଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ପଟିଆରେ ରହୁଥିବା କିରଣ ଶଙ୍କର ମହାନ୍ତି ଓ ଲକ୍ଷ୍ମୀସାଗର ଥାନା ବମିଖାଲ ଗ୍ରାମର କାହ୍ନା ପ୍ରଧାନ। ପୋଲିସ ସେମାନଙ୍କଠାରୁ ୩ଟି ଚୋରି ଖୁଣ୍ଟ ଜବତ କରିଛି। ଜୁନ ୨୭ରେ ବାରଙ୍ଗ ମୁଖ୍ୟରାସ୍ତାର ବଛିପର ଗାଁ ମୁଣ୍ଡ ମୟୂରବିହାରରୁ ୫ଟି ଖୁଣ୍ଟ ଚୋରି ହୋଇଥିବା ନେଇ ସଞ୍ଜୟ ବରାଳ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୧୩ରୁ ରେଳ ଷ୍ଟେଶନରେ ସ୍ୱଚ୍ଛତା ଚୌପାଲ

ଭୁବନେଶ୍ୱର,୧୨।୯
(ଅନୁରାଧା ମହାରଣା)

ରେଳପଥ ପକ୍ଷରୁ ସ୍ୱଚ୍ଛତା ଅଭିଯାନରେ ଜନସାଧାରଣଙ୍କ ଅଂଶଗ୍ରହଣ ପାଇଁ ରେଳ ଷ୍ଟେଶନରେ ସ୍ୱଚ୍ଛତା ଚୌପାଲ ସ୍ଥାପନକରି ଯାତ୍ରୀଙ୍କୁ ସଚେତନ କରାଯିବ। ଏହି ଅଭିଯାନ ସହିତ ଗ୍ରାମ ପଞ୍ଚାୟତ ମଧ ଯୋଡ଼ିହେବ। ଏନେଇ ରେଳ ବୋର୍ଡ ସଚିବ ଅରୁଣା ନାୟାରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ୪.୦ ଦୁଇଟି ପର୍ଯ୍ୟାୟରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧୩ରୁ ୩୦ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର୨ରୁ ୩୧ ପର୍ଯ୍ୟନ୍ତ ଚାଲିବ।

### ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସଚ୍ଚି ନାୟକଙ୍କ ପରଲୋକ

ବାଲିପାଟଣା,୧୨।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସଚ୍ଚି ନାୟକଙ୍କ ଅଚ୍ୟୁତପୁରସ୍ଥିତ ବାସଭବନରେ ବୁଧବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ବର୍ଷ ହୋଇଥିଲା। ସେ ଥରେ ବାଲିପାଟଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଏବଂ ଥରେ ସରପଞ୍ଚଭାବେ ନିର୍ବାଚିତ ହୋଇଥିଲେ। ମିଷ୍ଟଭାଷୀ, ମେଳାପୀ ଓ ଲୋକପ୍ରିୟ ରାଜନେତା ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ବାରଙ୍ଗରେ ସିରିଜ୍ ଦୁର୍ଘଟଣା

ବାରଙ୍ଗ,୧୨।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ରାଜରାସ୍ତାରେ ସିରିଜ ଦୁର୍ଘଟଣାରେ ଦୁଇଟି କାର କ୍ଷତିଗ୍ରସ୍ତ ହୋଇଥିବାବେଳେ ଏକ ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଫଳରେ ୨ କାର ଚାଳକଙ୍କ ପକ୍ଷରୁ ବାରଙ୍ଗ ଥାନାରେ ଅଭିଯୋଗ ହୋଇଥିବା ବେଳେ ଏଥିରେ ୨ଜଣ ମହିଳା ଆହତ ହୋଇଛନ୍ତି। ପୋଲିସ ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି। ଗୁରୁବାର ମଧ୍ୟାହ୍ନରେ ଏକ ମାରୁତି କାର୍ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲା। ଏହି ସମୟରେ ବାରଙ୍ଗ ଫୁଲପୋଖରୀ ଗ୍ରାମ ନିକଟ ମୁଖ୍ୟ ରାସ୍ତା ଉପରେ ଥିବା ହମ୍ପସ ପୂର୍ବରୁ ରାସ୍ତାରେ ଯାଉଥିବା ଏକ ଟ୍ରକଟି ହଠାତ୍ ବ୍ରେକ ମାରିଥିଲା। ଫଳରେ ପଛରେ ଆସୁଥିବା କାରଟି ଟ୍ରକର ପଛପାର୍ଶ୍ୱରେ ଧକ୍କା ଦେଇଥିଲେ। ଏହା ପଛକୁ ହ୍ୟୁଣ୍ଡାଇ କାର୍‌ଟି ଭାରସାମ୍ୟ ହରାଇ ସାମ୍ନାରେ ଥିବା ମାରୁତି କାର୍‌କୁ ଧକ୍କା ଦେଇଥିଲେ। ଏଥିରେ ମାରୁତି କାର୍‌ର ସମ୍ମୁଖ ଭାଗ ଏବଂ ପଛ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସେହିପରି ହ୍ୟୁଣ୍ଡାଇ କାର୍‌ଟିର ସମ୍ମୁଖ ଭାଗ ମଧ କ୍ଷତିଗ୍ରସ୍ତ ହୋଇଛି।

### ଏସ୍‌ଏଚ୍‌ଜି ସଦସ୍ୟାଙ୍କଠାରୁ ୫.୫୮ ଲକ୍ଷ ଲୁଟ୍

ପିପିଲି,୧୨।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ସମ୍ମୁଖରେ ଗୁରୁବାର ଜଣେ ଏସ୍‌ଏଚ୍‌ଜି ସଦସ୍ୟା ଚିନୁ ସାହୁଙ୍କଠାରୁ ୫ଲକ୍ଷ ୫୮ ହଜାର ଟଙ୍କା ଲୁଟ୍ ହୋଇଛି। ସେ ଏସ୍‌ବିଆଇ ଶାଖାରୁ ଟଙ୍କା ଉଠାଇ ଫେରୁଥିବାବେଳେ ଦୁଇଜଣ ବ୍ୟକ୍ତି ଆସି ତାଙ୍କଠାରୁ ଟଙ୍କା ଝାମ୍ପି ନେଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଅପରାହ୍ନ ୩ଟାରେ ଏହି ଘଟଣା ଘଟିଥିଲା।

# ବାୟୋଟେକ୍ନୋଲୋଜିରେ ଓଡ଼ିଶାରେ ବିପୁଳ ସମ୍ଭାବନା: ମନ୍ତ୍ରୀ

**ନୂଆଦିଲ୍ଲୀରେ 'ଗ୍ଲୋବାଲ ବାୟୋ ଇଣ୍ଡିଆ' ଆରମ୍ଭ**

■ ଓଡ଼ିଶା ପାଭିଲିୟନରେ ଜ୍ଞାନକୌଶଳ, ଉତ୍ପାଦ ପ୍ରଦର୍ଶନ



ଓଡ଼ିଶା ପାଭିଲିୟନ୍ ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନେ।

ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଭାରତର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତକୁ ନେଇ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଗୁରୁବାର ଆରମ୍ଭ ହୋଇଛି ତିନିଦିନିଆ 'ଗ୍ଲୋବାଲ ବାୟୋ-ଇଣ୍ଡିଆ ୨୦୨୪'। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଏହି ଅନ୍ତର୍ଜାତୀୟ ବୈଷୟିକ ସମ୍ମିଳନୀ ତଥା ପ୍ରଦର୍ଶନୀ ୧୪ ତାରିଖ ଯାଏ ଚାଲିବ। ଏଥିରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ସାମିଲ ହୋଇ ରାଜ୍ୟର ଅନନ୍ୟ ଜୈବ ସମ୍ବଳ ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଥିବା ବିପୁଳ ସମ୍ଭାବନାକୁ ପ୍ରଦର୍ଶନ କରିଛି। ଏଠାରେ ଖୋଲାଯାଇଥିବା ସ୍ୱତନ୍ତ୍ର ଓଡ଼ିଶା ପାଭିଲିୟନରେ ରାଜ୍ୟର ବିଭିନ୍ନ ବାୟୋଟେକ୍ନୋଲୋଜି ଷ୍ଟାର୍ଟଅପ୍ ଅଂଶଗ୍ରହଣ କରି ସେମାନଙ୍କ ଅଭିନବ ଜ୍ଞାନକୌଶଳ ଓ ଉତ୍ପାଦକୁ ପ୍ରଦର୍ଶନ କରୁଛନ୍ତି। ଏହାକୁ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରି କହିଛନ୍ତି, ବାୟୋଟେକ୍ନୋଲୋଜି କ୍ଷେତ୍ର ପାଇଁ ଓଡ଼ିଶାରେ ବିପୁଳ ସମ୍ଭାବନା ରହିଛି। ଆଗାମୀ ଦିନରେ ଓଡ଼ିଶାରେ କିପରି ବାୟୋଟେକ୍ନୋଲୋଜି ଶିଳ୍ପ ସ୍ଥାପନ ହୋଇପାରିବ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆମେ ଦେଶ ବିଦେଶର ନିବେଶକମାନଙ୍କୁ ଓଡ଼ିଶାକୁ ଆମନ୍ତ୍ରଣ କରୁଛୁ। ଏହି ଅବସରରେ ମନ୍ତ୍ରୀ ଓଡ଼ିଶା ପାଭିଲିୟନ ବୁଲି ଦେଖିବା ସହ ଷ୍ଟାର୍ଟଅପଗୁଡିକର ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଯୋଗଦେଇଥିଲେ। ସେହିପରି ଓଡ଼ିଶାରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ଉଚ୍ଚଶିକ୍ଷା ଓ ଗବେଷଣା ଅନୁଷ୍ଠାନର ମୁଖ୍ୟ, ଅଧ୍ୟାପକମାନେ ଓଡ଼ିଶା ପାଭିଲିୟନ ବୁଲି ଦେଖିଛନ୍ତି। ଶୁକ୍ରବାର ହେବାକୁ ଥିବା 'ଷ୍ଟେଟ୍ ରାଉଣ୍ଡ ଟେବଲ' ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଯୋଗଦେବେ। ସେହିପରି ୧୪ ତାରିଖରେ ଭାରତର ସାମୁଦ୍ରିକ ସମ୍ବଳକୁ ନେଇ 'ବ୍ଲୁଇକୋନମି' ଶୀର୍ଷକରେ ଏକ ବିଶେଷ ଅଧିବେଶନ କରାଯିବ। ଏଥିରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଭିତ୍ତି ବକ୍ତବ୍ୟ ଉପସ୍ଥାପନ କରିବେ ବୋଲି ସୂଚନା ଦିଆଯାଇଛି।

# ଅଭିନେତା ମନୋଜ ମିଶ୍ର ସାଇବର ଥାନାର ଦ୍ୱାରସ୍ଥ

ଭୁବନେଶ୍ୱର,୧୨।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସାଇବର ଥାନାରେ ଅଭିନେତା ମନୋଜ ମିଶ୍ର ଓ ତାଙ୍କ ସ୍ତ୍ରୀ କିଛି ୟୁଟ୍ୟୁବର ଓ ୱେବ୍ ଚ୍ୟାନେଲ ମାଲିକଙ୍କ ବିରୋଧରେ ଗୁରୁବାର ଏଫ୍‌ଆଇଆର ଦାଖଲ କରିଛନ୍ତି। ସେମାନଙ୍କ ବୈବାହିକ ଜୀବନକୁ ନେଇ ସୋସିଆଲ୍ ମିଡିଆରେ ସମ୍ମାନହାନି କରିବା ଭଳି ମନ୍ତବ୍ୟ ଏବଂ ଭିଡିଓ ପୋଷ୍ଟ କରୁଥିବାରୁ ଉକ୍ତ ଚ୍ୟାନେଲଗୁଡିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଅଭିନେତାଙ୍କ ଅଭିଯୋଗ ଆଧାରରେ ସାଇବର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହାସହ ସୋସିଆଲ ମିଡିଆରେ ଆପତ୍ତିଜନକ ଟିପ୍ପଣୀ ଦେଇଥିବା ଚ୍ୟାନେଲଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି।

# କନଷ୍ଟେବଲଙ୍କୁ ଧକ୍କା ମାରିଲେ ଏସ୍‌ଆଇ

ଭୁବନେଶ୍ୱର,୧୨।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନାର ଜଣେ ସବ୍‌ଇନ୍‌ସପେକ୍ଟର(ଏସ୍‌ଆଇ) ସେହି ଥାନାରେ ଭ୍ୟାନ ଚଳାଉଥିବା ଜଣେ କନଷ୍ଟେବଲଙ୍କୁ ଥାନା ପରିସରରେ ଧକ୍କା ମାରିଛନ୍ତି। ଏହି ସମୟରେ ଉପସ୍ଥିତ ଥିବା ଆଉ ଜଣେ କନଷ୍ଟେବଲ ବିରୋଧ କରିବାରୁ ତାଙ୍କୁ ମଧ ଏସ୍‌ଆଇ ଜଣଙ୍କ ଗାଳିଗୁଲଜ କରିଛନ୍ତି। ଏନେଇ ଉଭୟ କନଷ୍ଟେବଲ ଥାନା ଅଧିକାରୀଙ୍କୁ ଘଟଣା ସଂକ୍ରାନ୍ତରେ କହିବା ସହ ସଂଘର ସଦସ୍ୟଙ୍କ ସହ ଡିସିପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଏନେଇ ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି, ଧକ୍କା ପକାଇଥିବା ଏସ୍‌ଆଇ ଜଣଙ୍କ ବୁଧବାର ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପାଇଁ କନଷ୍ଟେବଲ ତଥା ଡ୍ରାଇଭରଙ୍କୁ ଥାନା ଗାଡି ବାହାର କରିବାକୁ କହିଥିଲେ। କିନ୍ତୁ ଡ୍ରାଇଭର ଜଣଙ୍କ ଏବେ ଯିବିନି ବୋଲି ଏସ୍‌ଆଇ ଜଣଙ୍କୁ କହିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ମଧ୍ୟରେ ଏସ୍‌ଆଇ ଜଣଙ୍କ ଡ୍ରାଇଭରଙ୍କୁ ଧକ୍କା ପକାଇଥିଲେ। ଏନେଇ କନଷ୍ଟେବଲ ଜଣଙ୍କ ଉକ୍ତ ଏସ୍‌ଆଇଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଡିସିପି ଅଫିସ୍‌ର ଜଣେ ବରିଷ୍ଠ ପୋଲିସ ଅଫିସର ଘଟଣାର ତଦନ୍ତ କରୁଥିବା ସାହୁ କହିଛନ୍ତି।

# ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ସହ ରୋଜଗାର ସୃଷ୍ଟି ଲକ୍ଷ୍ୟ



ସମ୍ମିଳନୀରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ**

ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଏମ୍‌କେସିଜି ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶିଳ୍ପ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଯୁବପିଢ଼ିଙ୍କ ନେତୃତ୍ୱ ବିକାଶ ଏବଂ ଉଦ୍ୟମିତାକୁ ଗୁରୁତ୍ୱ ଦେଇଛନ୍ତି। ଏକବିଂଶ ଶତାବ୍ଦୀ ପାଇଁ ଆବଶ୍ୟକ ଦକ୍ଷତା ପ୍ରଦାନ ଓ ଅଭିନବ ଶିକ୍ଷଣୀୟ ଅନୁଭୂତି ଆହରଣ ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧିସହ ରୋଜଗାର ସୁଯୋଗ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଦକ୍ଷତା ବୃଦ୍ଧି କ୍ଷେତ୍ରରେ କିଭଳି ରାଜ୍ୟ ତଥା ଦେଶ ଆଗେଇ ପାରିବ, ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବନଶୀଳ ହୋଇପାରିବେ ଓ ଅନ୍ୟମାନଙ୍କୁ ଚାକିରି ସୁଯୋଗ ଦେଇପାରିବେ ସେ ସମ୍ପର୍କରେ ମନ୍ତ୍ରୀ ବିଭିନ୍ନ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ, ଦୃଢ଼ ଇଚ୍ଛା ଶକ୍ତି ଓ ମନୋବଳ ରହିଲେ ସଫଳତା ମିଳିପାରିବ। ସେମାନଙ୍କ ସର୍ଜନା ଓ ପରିକଳ୍ପନା, ନିଷ୍ପତ୍ତି ଏବଂ କାର୍ଯ୍ୟକରିବାର ପ୍ରତିବଦ୍ଧତା ଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରାଯାଇପାରିବ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସଭାପତିତ୍ୱ କରିଥିବାବେଳେ ସ୍ୱାବଲମ୍ବୀ ଜାଗରଣ ମଞ୍ଚର ଜୋନାଲ ସଂଯୋଜକ ସାରଦା ଶତପଥୀ ଏବଂ ଶ୍ରୀନିବାସ ରାଓ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସଫଳ ଉଦ୍ୟୋଗୀ ବାବୁରାମ ସ୍ୱାଇଁ ଓ ପବିତ୍ର କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳସଚିବ ଡ. କାହ୍ନୁଚରଣ ଧୀର ଅତିଥି ପରିଚୟ ଓ ବିଜୟ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପରଜଙ୍ଗ ଗୁଡ୍ ଶେଡ୍‌ରୁ ପ୍ରଥମ ରେକ୍ ଲୋଡିଂ

ଭୁବନେଶ୍ୱର,୧୨।୯
(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ଼ ମଣ୍ଡଳ ମାଲ୍ ପରିବହନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଅନୁଗୋଳ-ସୁକିନ୍ଦା ରେଳ ଲାଇନ୍‌ର ପରଜଙ୍ଗଠାରେ ନବ ନିର୍ମିତ ଗୁଡ୍ ଶେଡ୍‌ରୁ ୫୪ ୱାଗନ୍ କୋଇଲା ବୋଝେଇର ପ୍ରଥମ ରେକ୍ ଲୋଡିଂ କରାଯାଇଛି। ଦାମୋଦର ଭ୍ୟାଲି କର୍ପୋରେଶନ ଲିମିଟେଡ୍ ଦ୍ୱାରା ୩,୧୬୭ ଟନ୍ କୋଇଲା ଓଡ଼ିଶାର ପରଜଙ୍ଗରୁ ପଶ୍ଚିମବଙ୍ଗର ଦୁର୍ଗାପୁରକୁ ପରିବହନ କରାଯାଇଛି। ଏହି ଗୁଡ୍ ଶେଡ୍ ତାଳଚେର କୋଇଲା ଏବଂ ସୁକିନ୍ଦା ଲୁହାପଥର ସମେତ ବିଭିନ୍ନ ସାମଗ୍ରୀ ଯୋଗାଣ କରି ବିଭିନ୍ନ ପାୱାର ହାଉସ୍ ଏବଂ ଉତ୍ପାଦନ ୟୁନିଟ୍‌ର ଚାହିଦା ପୂରଣ କରିବା ସହ ରାଜସ୍ୱ ସଂଗ୍ରହରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ତେବେ ଏଠାରେ ପ୍ରଥମ ରେକ୍ ଲୋଡିଂ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜୱା ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳ ପାଇଁ ଅତିରିକ୍ତ ଟ୍ରାଫିକ ହ୍ୟାଣ୍ଡଲିଂ ପଏଣ୍ଟ ଆରମ୍ଭ କରିଥିବାରୁ ସେ ଅନୁଗୋଳ ସୁକିନ୍ଦା ରେଲ୍‌ୱେ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଠାରୁ ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ଓ କଞ୍ଚାମାଲ ପରିବହନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ବାଜୱା ସୂଚନା ଦେଇଛନ୍ତି।

# ସୁଭଦ୍ରା ଯୋଜନା ଫର୍ମ ପାଇଁ ଟଙ୍କା ନେଉଥିଲେ, ଦମ୍ପତିଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୧୨।୯(ସୂର୍ଯ୍ୟକାନ୍ତ ବେହେରା)

ସୁଭଦ୍ରା ଯୋଜନା ଓ ଅନ୍‌ଲାଇନରେ ଜମା କରିବା ପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ନୀଳାଦ୍ରିବିହାର ଓ ସତ୍ୟନଗରସ୍ଥିତ ୨ଟି ଜନସେବା କେନ୍ଦ୍ରରେ ହିତାଧିକାରୀଙ୍କୁ ଟଙ୍କା ମାଗୁଥିଲେ। ଅଭିଯୋଗ ପରେ ଉକ୍ତ ଜନସେବା କେନ୍ଦ୍ରର ୩ କର୍ମଚାରୀଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ଏହି ମାମଲାରେ ଚନ୍ଦ୍ରଶେଖରପୁର ପୋଲିସ ଏଖ ଦମ୍ପତି ଏବଂ ଖାରବେଳ ନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୀଳାଦ୍ରିବିହାର ଅଞ୍ଚଳର ଜନସେବା କେନ୍ଦ୍ର ଚଳାଉଥିବା ସସ୍ମିତା ଜେନା ଓ ତାଙ୍କ ସ୍ୱାମୀ ରଞ୍ଜିତ ଜେନା ଅନ୍ୟ ଜଣେ ହେଲେ ସତ୍ୟନଗର ଅଞ୍ଚଳର ଜନସେବା କେନ୍ଦ୍ର କରିଥିବା ରତିକାନ୍ତ ସାହୁ। ରତିକାନ୍ତ ସୁଭଦ୍ରା ଫର୍ମ ବିତରଣ ପାଇଁ ଅନୁମତି ନ ପାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ ବୋଲି ଡିସିପି ପ୍ରତୀକ ସଂ ଖବରଦାତା ସମ୍ମିଳନୀ କରି କହିଛନ୍ତି।

# ଉନ୍ନତ ଭାକୁର ଜାଆଁଳ ଲୋକାର୍ପଣ କଲେ ୨ କେନ୍ଦ୍ରମନ୍ତ୍ରୀ

ବାଲକାଟୀ,୧୨।୯(ମନୋଜ ମଣ୍ଡଳ)



କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ଜର୍ଜ କୁରିଅନ୍ ମାଛ ଚାଷ ସମ୍ପର୍କିତ ଲିଫ୍‌ଲେଟ୍ ଉନ୍ମୋଚନ କରୁଛନ୍ତି।

କେନ୍ଦ୍ର ମତ୍ସ୍ୟ, ପଶୁ, ଗୋପାଳନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏବଂ ମତ୍ସ୍ୟ, ଗୋପାଳନ, ସଂଖ୍ୟାଲଘୁ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଅନ୍ ଗୁରୁବାର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜୀବପାଳନ ସଂସ୍ଥା (ସିଫା) ପରିଦର୍ଶନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଦ୍ୱୟ ସିଫାରେ ଚାଲିଥିବା ବିଭିନ୍ନ ଗବେଷଣାତ୍ମକ ପ୍ରକଳ୍ପର ଅନୁଧ୍ୟାନ କରିବା ସହ ମତ୍ସ୍ୟ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ମନ୍ତ୍ରୀ ଦ୍ୱୟ ବାର୍ଷିକ ୧୫% ଅନୁବଂଶୀୟ ବୃଦ୍ଧି ପାଉଥିବା ଉନ୍ନତ ପ୍ରଜାତିର ଭାକୁର ମାଛ ଅମୃତ କାଟ୍ଲାର ଜାଆଁଳକୁ ଲୋକାର୍ପଣ କରିବା ସହ ଏନ୍‌ଏଫ୍‌ଡିବି ବାଣ୍ଟିଥିଲେ। ଏଥିସହ ଜାଆଁଳ ଉତ୍ପାଦନ, ପ୍ରଜନନ ମିଠାପାଣିରେ ଚିଙ୍ଗୁଡ଼ି ଓ ମାଛ ଚାଷ ସମ୍ପର୍କିତ ୧୩ଟି ହିନ୍ଦି ଓ ଓଡ଼ିଆ ଲିଫ୍‌ଲେଟ୍ ପୁସ୍ତକକୁ ଉଭୟ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ପଶ୍ଚିମବଙ୍ଗର ହୁଗୁଳିସ୍ଥିତ ନେହା ଫେବ୍ରିକେଶନକୁ ଏଫ୍‌ଆର୍‌ପି ବାମ୍ବା ହାଚେରୀ, ଏଫ୍‌ଆର୍‌ପି କାର୍ପ ହାଚେରୀ ନିର୍ମାଣ କୌଶଳର ଲାଇସେନ୍ସ ପ୍ରଦାନ କରିବା ସହିତ ରଙ୍ଗିନ ମାଛ ଆପ୍‌ର ଉନ୍ମୋଚନ କରିଥିଲେ। ନୂତନଭାବେ ବିକଶିତ ରଙ୍ଗିନ ମାଛ ଆପ୍ ୮ଟି ଭାଷାରେ ଉପଲବ୍ଧ ହେବା ସହିତ ଅପ୍‌ଡେଟେଡ୍ ଡାଇରେକ୍ଟରୀ, ଆକ୍ୱାରିୟମ୍ ରକ୍ଷଣାବେକ୍ଷଣର ସୂଚନା ରହିଛି। ପରେ ମନ୍ତ୍ରୀ ସିଫା ପରିସରରେ ଥିବା ବିଭିନ୍ନ ଖାଦ୍ୟୋପଯୋଗୀ ମାଛର କିସମ ଯଥା ଜୟନ୍ତୀରୋହି, ଜିଆଇ ଚିଙ୍ଗୁଡ଼ି, ମାଗୁର, ଶାଳ, ଶେଉଳ, କଉ, ରଙ୍ଗିନ ମାଛ, ମୋତି ଚାଷ, ବାୟୋଫ୍ଲକ୍, ଆକ୍ୱାପନିକ୍ ୟୁନିଟ୍ ବୁଲି ଦେଖିଥିଲେ। ମନ୍ତ୍ରୀଦ୍ୱୟ କୃଷକଙ୍କ ସହ କୃଷିବିଜ୍ଞାନ କେନ୍ଦ୍ରରେ ଭାବବିନିମୟ କରିଥିଲେ। ସିଫାର ବିକାଶ ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ ଓ ପୁନର୍ବାର ସେ ସିଫା ଆସି ଦୁଇଦିନ ଧରି ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଏହି ଅବସରରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପମହାନିର୍ଦ୍ଦେଶକ ଡ. ଜେ. କେ. ଜେନା, ସିଫା ନିର୍ଦ୍ଦେଶକ ଡ. ପି. କେ. ସାହୁ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

# ନାବାଳିକାକୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ବାରଙ୍ଗ,୧୨।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାକୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଯୁବକ ଜଣକ ହେଲେ ଭଞ୍ଜନଗର ଅଞ୍ଚଳର କାହ୍ନୁଚରଣ ବିଶୋଇ(୨୫)। ସେ ବାରଙ୍ଗର ମଧୁବନ ଅଞ୍ଚଳରେ ରହି ଗାଡ଼ି ଚଳାନ୍ତି। ତାଙ୍କର ଏକ ଝିଅ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତାଙ୍କୁ ବୁଲାଇବା ବାହାନାରେ ନାବାଳିକାଙ୍କୁ ଏକ ହୋଟେଲରେ ରଖି ବଳାତ୍କାର କରିଥିଲେ। ନାବାଳିକା ଜଣକ ମା'ଙ୍କ ସହ ଆସି ବାରଙ୍ଗ ଥାନାରେ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ୨୦ ପ୍ଲାଟୁନରୁ ଅଧିକ ଫୋର୍ସ ମୁତୟନ ହେବେ



ପୋଲିସ ଡିଜି ୱାଇ.ବି ଖୁରାନିଆ, କମିଶନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂ ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର,୧୨।୯
(ସୂର୍ଯ୍ୟକାନ୍ତ ବେହେରା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ରେ ଭୁବନେଶ୍ୱର ଆସିବେ। ତେଣୁ ମୋଦିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରିବା ଉପରେ କମିଶନରେଟ ପୋଲିସ ଗୁରୁତ୍ୱ ଦେଇଛି। ଏନେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୋଲିସ ସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ମୁତୟନ ହେବ ବୋଲି ସୂଚନା ମିଳିଛି। ସେହିପରି ମହିଳାମାନଙ୍କ ସମାବେଶ ଅଧିକ ରହିବା ସମ୍ଭାବନାକୁ ଦୃଷ୍ଟିରେ ରଖି ମହିଳା ପୋଲିସ ଫୋର୍ସ ମଧ ମୁତୟନ ହେବ। ସେହିଭଳି ସହରରେ ଟ୍ରାଫିକ ସମସ୍ୟା ଯେଭଳି ନ ଉପୁଜେ ତା' ଉପରେ ମଧ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ଡିସିପି ପ୍ରତୀକ ସିଂ, ବିଭିନ୍ନ ଜୋନ୍‌ର ଏସିପି ଓ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ମୃତକଙ୍କ ପ୍ରତିନିଧିଙ୍କୁ ପିଏନ୍‌ବି ଦେଲା ୮୧ଲକ୍ଷ ଟଙ୍କାର ସହାୟତା ରାଶି

ଭୁବନେଶ୍ୱର,୧୨।୯(ଅଭୟ ଦାଶ):



ଦୁର୍ଘଟଣାରେ ମୃତ ଗ୍ରାହକଙ୍କ ପରିବାରକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବୀମା ବାବଦକୁ ୮୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମୃତକ ହେଲେ ପିଏନ୍‌ବି କଳିଙ୍ଗ ଅଶୋକ ଶାଖାର ଋଣଗ୍ରହୀତା ସ୍ୱର୍ଗତ ଜୟନ୍ତ ଖମାରୀ। ତାଙ୍କ ପ୍ରତିନିଧି ଭାବେ ସୁଜାତା ଖମାରୀଙ୍କୁ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ପିଏନ୍‌ବିର ଉପ ଆଞ୍ଚଳିକ ପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ଉପମଣ୍ଡଳ ମୁଖ୍ୟ ଗୁରୁପଦ ପ୍ରଧାନ, ଶାଖା ପ୍ରବନ୍ଧକ ଶଶାଙ୍କ ଶେଖର ଦାଶ ଏବଂ ମଣ୍ଡଳ ମାର୍କେଟିଂ ମୁଖ୍ୟ ସଞ୍ଜୟ ପଣ୍ଡା, ପିଏନ୍‌ବି ମେଟ୍ ଲାଇଫ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ କୋ. ଲିମିଟେଡ୍‌ର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ପଙ୍କଜ କୁମାର, କ୍ଷେତ୍ରୀୟ ପ୍ରବନ୍ଧକ ଗୌତମ ଘୋଷ, ଏରିଆ ମ୍ୟାନେଜର ଅଭିଷେକ ରୟ ଓ ଟେରିଟୋରି ମ୍ୟାନେଜର (ସେଲ୍ସ) ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ। ସୂଚନାନୁସାରେ, ୨୦୨୪ ଜୁନ୍ ୧୨ରେ ଜୟନ୍ତ ଖମାରୀଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏନେଇ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର କହିଛନ୍ତି, କ୍ରେଡିଟ୍ ଲାଇଫ୍ ଇନ୍ସ୍ୟୁରାନ୍ସ ସ୍କିମ୍ (ମେଟ୍ ଲାଇଫ୍ ଋଣ ଏବଂ ଜୀବନ ସୁରକ୍ଷା) ବ୍ୟାଙ୍କର ଋଣଗ୍ରହୀତାମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଋଣଗ୍ରହୀତାଙ୍କ ମୃତ୍ୟୁ କ୍ଷେତ୍ରରେ ମନୋନୀତ ବ୍ୟକ୍ତିଙ୍କୁ ତୁରନ୍ତ ବୀମା ରାଶି ପ୍ରଦାନ କରାଯାଇଥାଏ। ୨୦୨୩ ସେପ୍ଟେମ୍ବରରେ ଜୟନ୍ତ ବ୍ୟାଙ୍କରୁ ୯୦ ଲକ୍ଷ ଟଙ୍କାର ଗୃହ ଋଣ କରିଥିଲେ। ୨୦୨୪ ମାର୍ଚ୍ଚରେ ତାଙ୍କ ଋଣର ବୀମା କରାଯାଇଥିଲା। ବୀମା ରାଶିକୁ ଋଣ ବିପକ୍ଷରେ ଭରଣା କରାଯାଇ ଅବଶିଷ୍ଟ ୮୧ଲକ୍ଷ ଟଙ୍କା ମୃତକଙ୍କ ପ୍ରତିନିଧି ସୁଜାତାଙ୍କୁ ପ୍ରଦାନ କରାଯାଇଛି।

# ଛାତ୍ରୀଛାତ୍ର ନିଜ ସହ ପ୍ରତିଯୋଗିତା କରିବା ଆବଶ୍ୟକ

**ବିଆଇଆଇଟିଏମ୍‌ରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ**



ଭୁବନେଶ୍ୱର, ୧୨।୯(ବନ୍ଦନା ସେଠୀ)

ଜୀବନରେ ଯେତେ ବାଧାବିଘ୍ନ ଆସିଲେ ବି ଛାତ୍ରୀଛାତ୍ର ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ। ନିରନ୍ତର ପ୍ରଚେଷ୍ଟା ରହିଲେ ଜୀବନରେ ନିଶ୍ଚୟ ସଫଳତା ମିଳିବ। ସେହିପରି ଅଧ୍ୟବସାୟ, ଆଚରଣ, ଇଚ୍ଛାଶକ୍ତି ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି କାମ କଲେ ଛାତ୍ରୀଛାତ୍ର ନିଜକୁ ଉତ୍ତମ ରୂପେ ଗଢ଼ିପାରିବେ ବୋଲି ଷ୍ଟେଟ୍ ଏନ୍‌ଏସ୍‌ଏସ୍ ଅଫିସର ତଥା ଉଚ୍ଚଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ଡ. ରମେଶ ଚନ୍ଦ୍ର ବେହେରା କହିଛନ୍ତି। ଗୁରୁବାର ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ରେ ଛାତ୍ରୀଛାତ୍ରଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ବେହେରା ଛାତ୍ରୀଛାତ୍ର ନିଜ ସହିତ ପ୍ରତିଯୋଗିତା କରିବା ସହ ନିଜେ ନିଜର ପଥ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜ୍‌ମେଣ୍ଟ ଭୁବନେଶ୍ୱରର ଆସୋସିଏଟ୍ ପ୍ରଫେସର ଡ. ଆଦ୍ୟାଶା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପର୍ଯ୍ୟଟନ ଓ ଆତିଥ୍ୟ ବା ହସ୍ପିଟାଲିଟି ଉଭୟ ସମ୍ପର୍କୀୟ। କିଛିବର୍ଷ ପୂର୍ବେ ଏହାକୁ ନେଇ କ୍ୟାରିୟର କରିବା ପାଇଁ କେହି ଚିନ୍ତା କରୁ ନ ଥିଲେ। ମାତ୍ର ଓଡ଼ିଶା ଏବେ ପର୍ଯ୍ୟଟନ ଓ ଆତିଥ୍ୟକୁ ନେଇ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରୁଛି। ତେଣୁ ଏଥିରେ କ୍ୟାରିୟର ଗଢ଼ିବା ତଥା ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଗଣିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଛାତ୍ରୀଛାତ୍ର ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇ ଦୃଢ଼ ରହିବା ଆବଶ୍ୟକ। ଜୀବନରେ ଅଧିକ 'ନା' ଓ କମ୍ 'ହଁ' ଶୁଣିବାକୁ ମିଳିଥାଏ। ତେଣୁ ଏଥିରେ ନିରାଶ ନ ହୋଇ ନିଜ ଅଧ୍ୟବସାୟ ଜାରି ରଖିବା ଦରକାର ବୋଲି ସେ କହିଥିଲେ। ଅନୁଷ୍ଠାନର ଅଧ୍ୟାପକ ଭିକି ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ପ୍ରିନ୍ସିପାଲ୍ ଅଭିପ୍ସା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଆକାଂକ୍ଷା ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

## ସଂକ୍ଷେପରେ

### ଦୋକାନରୁ ଚୋରି, ଜଣେ ଗିରଫ

**ଜଟଣୀ, ୧୨।୯ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ 'ମା' ଦୁର୍ଗା ଷ୍ଟୋର'ର ମାଲିକ କରନ ଅଗ୍ରୱାଲଙ୍କ ଦୋକାନରୁ ୨୫ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବାଛରାପଟଣା ଅଞ୍ଚଳର କୈଳାସ ପୃଷ୍ଟି ଓରଫ ବିଟୁ(୩୨)। ତାଙ୍କ ନିକଟରୁ ୭,୫୦୦ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଥାନାରେ ୪ଟି ମାମଲା ରହିଛି ବୋଲି ପୋଲିସ କହିଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**ଟାଙ୍ଗୀ, ୧୨।୯ (ରଘୁନାଥ ସାହୁ)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଚଣ୍ଡେଶ୍ୱର ଛକଠାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନରମାନବୀ ଗ୍ରାମର ପ୍ରଦୀପ ସ୍ୱାଇଁ। ଗୁରୁତର ନାଚୁଣୀ ସଲପଡ଼ିହ ଗ୍ରାମର ଦେବରାଜ ବେହେରାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରଦୀପ ଓ ଦେବରାଜ ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ଚଣ୍ଡେଶ୍ୱର ଛକଠାରେ ପଛପଟୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କାଦେଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### 'ସ୍ୱଚ୍ଛତା ହିଁ ସେବା' ପକ୍ଷ ପାଳନ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)**

ଅକ୍ଟୋବର ୨ ତଥା ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ ଦିବସ ପାଳନ ହେବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୧ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ପକ୍ଷ-୨୦୨୪ ଜିଲାରେ ପାଳନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଡିଏଓ ଡା.ରାଜଶ୍ରୀ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନା କଓ୍ୱକବଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ଆଭାସିରେ ସମସ୍ତ ବ୍ଲକ୍‌ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

# ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

■ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ
■ କାର୍ଯ୍ୟାନୁଷ୍ଠାନ ନ ହେଲେ ରାସ୍ତା ଅବରୋଧ ଚେତାବନୀ

**ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)**


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଖୋର୍ଦ୍ଧାର ଧଉଳିମୁହାଁ, ନିଜିଗଡ଼ ତାପଙ୍ଗ, ନରସିଂହ ପ୍ରସାଦ ଆଦି ଅଞ୍ଚଳରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଦିବାରାତ୍ର ମାଫିଆମାନେ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ କରୁଛନ୍ତି। ପାହାଡ଼ରେ ବ୍ଲାଷ୍ଟିଂ ଯୋଗୁ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡ଼ିଲେଣି। ପ୍ରତିବାଦକଲେ ମିଳୁଛି ହତ୍ୟା ଧମକ। ଏପରିକି ବିଭିନ୍ନ ସମୟରେ ଗୁଳି ଫୁଟୁଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ସେହିପରି ଅଭିଯୋଗ ସତ୍ତ୍ୱେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇ ନୀରବ। ଗୁରୁବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଏଭଳି ଅଭିଯୋଗ କରିଛନ୍ତି ଉପରୋକ୍ତ ଅଞ୍ଚଳର ଗ୍ରାମବାସୀ। ୪ଜଣ ଖଣି ମାଫିଆଙ୍କ ଦୌରାତ୍ମ୍ୟ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ମୁତାବକ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଧଉଳିମୁହାଁ ମୌଜା ଖାତା ନଂ. ୬୬୭/୧୫ ର ପ୍ଲଟ୍ ନଂ. ୧୮୮ ଓ ୧୦୭, ନିଜିଗଡ଼ ତାପଙ୍ଗ ମୌଜାର ଖାତା ନଂ. ୮୩୨/୧ ପ୍ଲଟ୍‌ନଂ. ୧୦୦୧ ଏବଂ ନରସିଂହ ପ୍ରସାଦ ମୌଜାର ଖାତା ନଂ. ୩୩୭/୬ – ୭୬, ୭୭, ୯୯ ଓ ଖାତା ନଂ. ୬୭୯, ପ୍ଲଟ୍ ନଂ. ୧୪୮ରେ ବେଆଇନ ଭାବେ ଖନନ ଚାଲିଛି। ଏହି ପ୍ଲଟ୍‌ଗୁଡ଼ିକରେ ଥିବା ଶତାଧିକ କାଜୁ ଗଛ କଟାଯାଇ ମୋରମ ଓ ମାଙ୍କଡ଼ା ପଥର ଖନନକରି ଚୋରା ଚାଲାଣ କରୁଛନ୍ତି। ବିରୋଧକଲେ ମାଫିଆମାନେ ଗୁଣ୍ଡା ଲଗାଇ ଭୟଭୀତ କରାଉଛନ୍ତି। ଗତ ୪ତାରିଖରେ ସଦର ଥାନା ଅନ୍ତର୍ଗତ ଗୋବରଗଡ଼ିଆଠାରେ ଅସାମାଜିକ ଯୁବକମାନେ ଗୁଳି ଫୁଟାଇବା ସହ ବୋମା ପକାଇଥିଲେ। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ରହିଛନ୍ତି। ୨୦୧୯ରେ ଲିଜ୍ ଖଣିକୁ ଚଞ୍ଚଳତାକରି ୨୦୨୪ରେ ହଠାତ୍ ସର୍ବସାଧାରଣଙ୍କ ଅଜ୍ଞାତସାରରେ କେମିତି ଦିଆଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନାରୀନେତ୍ରୀ ସୋନାଲି ସାହୁଙ୍କ ନେତୃତ୍ୱରେ ଉପରୋକ୍ତ ୩ ଅଞ୍ଚଳର କେତେଜଣ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ଲଟ୍‌ଗୁଡ଼ିକରୁ ବେଆଇନ ପଥର ଖନନ ତୁରନ୍ତ ବନ୍ଦ ସହ ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଗାଁ ସଭାପତିଙ୍କୁ ଗାଳିଗୁଲଜ, ହତ୍ୟା ଧମକ

**ବେଗୁନିଆ, (ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ତହସିଲ ଅନ୍ତର୍ଗତ ସାମନ୍ତରାପୁରରେ ବେଆଇନ ଖଣି ଖନନକୁ ବିରୋଧ କରିବାରୁ ଗ୍ରାମ ସଭାପତିଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ବେଗୁନିଆ ଥାନା ପୋଲିସ ତଦନ୍ତ ଚଳାଇଛି। ଦେଉଳି ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ମୌଜାରେ ଅବସ୍ଥିତ ମା' ବଘେଇଙ୍କ ମନ୍ଦିର ନିକଟରେ ଏକ ଖଣି ରହିଛି। ଉକ୍ତ ଖଣି ଉପରେ କେତେଜଣ ଅସାମାଜିକଙ୍କ ଲୋଲୁପ ଦୃଷ୍ଟି ପଡିଛି। କିଛିଦିନ ହେବ ଅସାମାଜିକମାନେ ଉକ୍ତ ଖଣିରୁ ବେଆଇନଭାବେ ଖନନ କରୁଛନ୍ତି। ଏହାକୁ ଗ୍ରାମ୍ୟ କମିଟି ସଭାପତି ରମେଶ ସାମନ୍ତରାୟ ବିରୋଧ କରିବା ସହ ଥାନାରେ ଜଣାଇଥିଲେ। ପ୍ରତିଶୋଧ ପରାୟଣ ହୋଇ ଗୁରୁବାର ଅପରାହ୍ନରେ ୨ରୁ ୩ ଜଣ ଯୁବକ ରମେଶଙ୍କ ଘର ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ବିଭିନ୍ନ ମାରଣାସ୍ତ୍ର ଧରି ଘର ଆଗରେ ଗାଳିଗୁଲଜ କରିବା ସହ ଫାଟକକୁ ଭଙ୍ଗାରୁଜା କରିଥିଲେ। ଏପରିକି ରମେଶଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଏନେଇ ରମେଶଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅନ୍ୟପଟେ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

### ଆବାସ ଯୋଜନା ସର୍ଭେରେ ପାତରଅନ୍ତର ଅଭିଯୋଗ

**ବୋଲଗଡ଼, ୧୨।୯ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ସାଗରଗୁଆଁ ପଞ୍ଚାୟତର ବହୁ ଗ୍ରାମବାସୀ ଆବାସ ଯୋଜନାରେ ଘର ପାଇବା ପାଇଁ ଆବେଦନ କରିଥିବା ବେଳେ ଏନେଇ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଉଛି। ତେବେ ଏହି ସର୍ଭେ କାର୍ଯ୍ୟରେ ପାତରଅନ୍ତର କରାଯାଉଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଆବେଦନ କରିଥିବା ବହୁ ବ୍ୟକ୍ତିଙ୍କ ସର୍ଭେ କରାଯାଇ ନ ଥିବାରୁ ସେମାନେ ଏହାକୁ ବିରୋଧ କରିବା ସହ ସେମାନଙ୍କର ସର୍ଭେ କାର୍ଯ୍ୟ କରିବା ପାଇଁ ନିବେଦନ କରିଛନ୍ତି। ପଞ୍ଚାୟତ ଅଞ୍ଚଳର ଶୁଭସ୍ମିତା ମାନ୍ଧାତା, କାହ୍ନୁଚରଣ ପ୍ରଧାନ, ମନୋଜ କୁମାର ଜେନାଙ୍କ ସମେତ ବହୁ ଗ୍ରାମବାସୀ ସେମାନଙ୍କ ଆବେଦନ ଅନୁଯାୟୀ ଘର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସର୍ଭେକରି ନ୍ୟାୟ ପ୍ରଦାନ ପାଇଁ ଲିଖିତ ଅଭିଯୋଗ କରିବା ସହ ପୂର୍ବରୁ ମଧ୍ୟ ଆବେଦନକରି ସର୍ଭେ ନ ହେବାରୁ ସେମାନେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ବିଡିଓ ଶରତ ମଲ୍ଲିକ କହିଛନ୍ତି।

## ଜୀବେ ନିଷ୍ଠୁରତା ନିରୋଧ ସମିତିର ବାର୍ଷିକ ଅଧିବେଶନ

**ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଜିଲା ନିଷ୍ଠୁରତା ନିରୋଧ ସମିତିର (ଏସ୍‌ପିସିଏ) ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲା ଆରକ୍ଷୀ ଅଧିକାରୀ ସୁରେନ୍ଦ୍ର ନାଥ ମୁର୍ମୁ ଏବଂ ଖୋର୍ଦ୍ଧା, ବାଣପୁର, ବାଲୁଗାଁ ଓ ଜଟଣୀ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଜିଲା ଏସ୍‌ପିସିଏ ସମ୍ପାଦକ ଡ. ଦେବୀଦତ୍ତ ମାଝି ପ୍ରାରମ୍ଭରେ ସଭାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସଞ୍ଜୀବନୀ ପଟେଲ ଜିଲା ପ୍ରାଣୀ ମଙ୍ଗଳ ସମିତି ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଜିଲାର ପ୍ରତ୍ୟେକ ପଞ୍ଚାୟତରେ ବୁଲା ଗୋରୁ ଏବଂ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିବା ଗୋରୁଙ୍କ ଆଶ୍ରୟ ପାଇଁ ଗୋଶାଳା ପ୍ରତିଷ୍ଠା ହେବା ଦିଗରେ ଆଲୋଚନା ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଭୁକ୍ତ 'ବୁଲା କୁକୁର ବନ୍ଧ୍ୟାକରଣ' କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ଯୋଗୁ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଯିବା ନେଇ ସଦସ୍ୟମାନେ ଚିନ୍ତାପ୍ରକଟ କରିଥିଲେ। ଜିଲାପାଳ ଡେପୁଟି କମିଶନର ଭୁବନେଶ୍ୱର ମହାନଗର ନିଗମକୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ବିଭିନ୍ନ ସଦସ୍ୟଙ୍କ ମତାମତ ଗ୍ରହଣ କରାଯାଇ ଉପଯୁକ୍ତ ସମାଧାନ ପାଇଁ ଜିଲାପାଳ ଆଶ୍ୱାସନା ଦେଇଥିଲେ। ଜୀବେ ନିଷ୍ଠୁରତା ନିରୋଧ ସମିତିର ସମସ୍ତ ସଦସ୍ୟମାନଙ୍କୁ ବିଭିନ୍ନ ଜୀବେ କଲ୍ୟାଣ କାର୍ଯ୍ୟକ୍ରମକୁ ଜିଲାରେ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ଜିଲାର ବିଭିନ୍ନ ପ୍ରାଣୀମଙ୍ଗଳ ଅନୁଷ୍ଠାନର ପ୍ରତିନିଧି ଏସ୍‌ପିସିଏ ସଦସ୍ୟ ଏବଂ ଜିଲାରେ ଥିବା ବିଭିନ୍ନ ଗୋଶାଳାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅଧିକାରୀ ଏବଂ ଅନ୍ୟମାନେ।


କଳିଙ୍ଗ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଶରତ ପାଇକରାୟ ଖେଳପଡ଼ିଆରେ ଅନୁଷ୍ଠିତ ୮ମ ଜଟଣୀ ଗଣେଶ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଗୁରୁବାର କଳାକାରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

## ଜନସେବା କେନ୍ଦ୍ର ସିଲ୍, ପ୍ରୋପ୍ରାଇଟର ଗିରଫ

**ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)**

**ସୁଭଦ୍ରା ଯୋଜନା ଫର୍ମ ପଞ୍ଜୀକରଣ ପାଇଁ ଟଙ୍କା ମାଗୁଥିଲେ**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ମୁକୁନ୍ଦପ୍ରସାଦ ପିଏନ୍ କଲେଜ ରୋଡ୍‌ରେ ରହିଥିବା ପୃଷ୍ଟି କର୍ନର ଜନସେବା କେନ୍ଦ୍ରକୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସୁଭଦ୍ରା ଯୋଜନା ଫର୍ମ ପଞ୍ଜୀକରଣ ପାଇଁ ଟଙ୍କା ମାଗୁଥିବା ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏଥିସହ ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନା କଓ୍ୱକବଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା ରୁଜୁକରି ଉକ୍ତ କେନ୍ଦ୍ରର ପ୍ରୋପ୍ରାଇଟର ଶିବଶଙ୍କର ପୃଷ୍ଟି(୩୪)ଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ମୁକୁନ୍ଦପ୍ରସାଦ ପିଏନ୍ କଲେଜ ରୋଡ୍‌ରେ ରହିଥିବା ପୃଷ୍ଟି କର୍ନର ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ଫର୍ମ ପଞ୍ଜୀକରଣ ପାଇଁ ଟଙ୍କା ମଗାଯାଉଥିବା ନେଇ ଟୋଲ୍ ଫ୍ରି ନମ୍ବର ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଅଭିଯୋଗ ଉପରେ ତଦନ୍ତ କରାଯାଇ ଗୁରୁବାର ପୌର ନିର୍ବାହୀ ଅଧିକାରୀ କଓ୍ୱକବଙ୍କ ଉପସ୍ଥିତିରେ ପୌର କର୍ମଚାରୀମାନେ ଜଉମୁଦ ଦେଇ ଉକ୍ତ ଜନସେବା କେନ୍ଦ୍ରକୁ ସିଲ୍ କରିଥିଲେ। ଶିଳ୍ପାଞ୍ଚଳ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର, ଏସ୍‌ଆଇ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ସୁଭଦ୍ରା ଯୋଜନା ପାଇଁ କୌଣସି ଜନସେବା କେନ୍ଦ୍ର ଟଙ୍କା ଦାବି କରିପାରିବେ ନାହିଁ। ସରକାର ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ମାଗଣା କରିଛନ୍ତି। କୌଣସି ଜନସେବା କେନ୍ଦ୍ରରେ ଟଙ୍କା ମଗାଯାଉଥିବା ଅଭିଯୋଗ ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖେ ମହୋତ୍ସବ



**ନିରାକାରପୁର, ୧୨।୯ (ମାନସ ଚନ୍ଦ୍ର ପଟ୍ଟନାୟକ)**

**ଜଙ୍କିଆ ପଲ୍ଲୀ ଉତ୍ସବର ୬ଷ୍ଠ ସନ୍ଧ୍ୟା**

ଗଣେଶପୂଜା ଉପଲକ୍ଷେ ଜଙ୍କିଆ ଓଁଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ବାଲିଗୋଡ଼ିଆସ୍ଥିତ ବାସନ୍ତୀ ପଡ଼ିଆଠାରେ ଚାଲିଥିବା ଜଙ୍କିଆ ପଲ୍ଲୀ ଉତ୍ସବର ଗୁରୁବାର ଥିଲା ୬ଷ୍ଠ ସନ୍ଧ୍ୟା। ବଲାଙ୍ଗୀର କଳାକାରମାନଙ୍କ ଡାଲଖାଇ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁରୂପଭାବେ ଭୁବନେଶ୍ୱର ଶିଳ୍ପିକା ଡ୍ୟାନ୍ସ ଗ୍ରୁପ୍, ନିରାକାରପୁର ନୃତ୍ୟଧାରା, ନଟିଆ ଡ୍ୟାନ୍ସ ଗ୍ରୁପ୍ ପରିଚ୍ଛଳ, ଲୋକାଲ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ କିଛି ସମୟ ବାନ୍ଧି ରଖିଥିଲା। ପରେ ଆୟୋଜିତ ସାଂସ୍କୃତିକ ସଭା ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ହୋଇଥିଲା। ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଶିକ୍ଷାବିତ୍ ବସନ୍ତ ସ୍ୱାଇଁ, ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା, ଡା.ଅରବିନ୍ଦ ରାୟ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ମହୋତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। କମଳେଶ ମହାରଣା ଓ ସୁନୀଲ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ ଅତିଥିଙ୍କ ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।

## ସରିଲା ଗଣପତି ମହୋତ୍ସବ

**ବିଭୁ କିଶୋର, ପମିଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ**

**ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ନବୀନାବାଗ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଗଣପତି ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାମାଜିକ କର୍ମୀ ତଥା ପିପୁଲ୍ସ ଫୋରମ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରା.ଲି. ର ମୁଖ୍ୟ ନିର୍ଦ୍ଦେଶକ ଗୋବିନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କ୍ଲବ୍‌ର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ମହୋତ୍ସବ ଏକ ରାଜ୍ୟସ୍ତରୀୟ ମହୋତ୍ସବରେ ପରିଣିତ ହେବ ବୋଲି ମୁଖ୍ୟ ଅତିଥି ପ୍ରଭୁ ଗଣପତିଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶେଷରେ କ୍ଲବ୍‌ର ସଭାପତି ଦେବେନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଓଲିଉଡ୍ ନାଇଟ୍। ବିଭୁ କିଶୋର ଓ ପମି ମିଶ୍ରଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଥିଲା। ସ୍ମିତରଞ୍ଜନ ବଳିୟାରସିଂହ, ଦିଲନ ଜେନା, ଲେଲିନ୍ ପାଇକରାୟ, ବିମଳକାନ୍ତ ସାମନ୍ତରାୟ, କୌଶଲ ପ୍ରହରାଜ, ଦୀନବନ୍ଧୁ ସାହୁ, ନିରାକାର ବଳିୟାରସିଂହ, ସତ୍ୟ ପ୍ରକାଶ ସାହୁ, ଦେବାଶିଷ ସାହୁ, ସମୀର ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ଅରବିନ୍ଦ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଗଣପତି ମହୋତ୍ସବ ଉଦ୍‌ଯାପନୀ ଦିବସରେ ସଙ୍ଗୀତ ପରିବେଷଣ କରାଯାଉଛି।

## ଜଟଣୀର ବିଭିନ୍ନ ଗଣେଶ ପୂଜା ମଣ୍ଡପରେ ନିର୍ମିତ ତୋରଣ


କୁଦିଆରୀ ବଜାର ବ୍ୟବସାୟୀ ସଂଘ।


ଖୁଦୁପୁର ଗଣେଶ ପୂଜା ମଣ୍ଡପ।


ଥାନାଛକ ବ୍ୟବସାୟୀ ସଂଘ।


ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ।

**ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନ ନଗର ଥାନା ଅନ୍ତର୍ଗତ ବାରଦା ପଞ୍ଚାୟତର ବରିମୁଣ୍ଡା ଗ୍ରାମରେ ମା' ମଙ୍ଗଳାଙ୍କ ୩୬ ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ସହ ପଣାହାଣ୍ଡି ଉତ୍ସର୍ଗ କରାଯାଇଥିଲା। ଏଥିସହ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରତାପ ଚନ୍ଦ୍ର ବେହେରା, ଜୟଦେବ ସାହୁ, ପ୍ରଦୀପ୍ତ ସାହୁ, ଅଶୋକ କୁମାର ସାହୁ, ଜ୍ୟୋତିରଞ୍ଜନ ସାହୁ, ଆକାଶ ବେହେରା, ସରୋଜକାନ୍ତ ସାହୁ, ପ୍ରବୀଣ ଦାସଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନଦୀରୁ ଅଚିହ୍ନା ମୃତଦେହ ଜବତ, ହତ୍ୟା ସନ୍ଦେହ

ନିଶ୍ଚିନ୍ତକୋଇଲି,୧୨।୯(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମହମ୍ମଦପୁର ପଞ୍ଚାୟତ ଚୁଡିଆପଦା ଗ୍ରାମ ନିକଟ ଚିତ୍ରୋପ୍ଳା ନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ କିଶନ ନଗର ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ଜିନ୍ସ ପ୍ୟାଣ୍ଟ ଓ ଟି-ଶାର୍ଟ ପିନ୍ଧିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ତେଣୁ ତାଙ୍କୁ କେହି ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ନଦୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ରଘୁନାଥପୁର ଅଗ୍ନିଶମ କେନ୍ଦ୍ର ଓ କିଶନ ନଗର ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ରିପୋର୍ଟ ଲେଖାଯିବାବେଳକୁ ଥାନାରେ ମାମଲା ରୁଜୁ ହୋଇନାହିଁ।

### ରତ୍ନାକର ବିଦ୍ୟାମନ୍ଦିର ପରିସରରେ ଚାରାରୋପଣ

କଟକ ସଦର,୧୨।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବୀରବାଟୀସ୍ଥିତ ରତ୍ନାକର ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ସେନାପତି, ନିମେଇସାପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ରାଉତରାୟ, ସାମାଜିକ କର୍ମୀ ବିକ୍ରମ ରଣଜିତ୍ ପଟ୍ଟନାୟକ, ସୁବୋଧ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାମନ୍ଦିର ପରିସର ସଙ୍କୁଚିତ ହୋଇଯାଇଥିବାରୁ ପୁରାତନ ଛାତ୍ରମାନେ ଶ୍ରମ ଦାନ କରି ପଛପଟରେ ଥିବା ଖାଲ ପୋତିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ସେତୁ ନିର୍ମାଣ ପାଇଁ ସର୍ଭେ

କଟକ ସଦର,୧୨।୯(ସୁଶାନ୍ତ କୁମାର ଜେନା)

ସାଗର ମାଳା ଜାତୀୟ ରାଜପଥ ପ୍ରକଳ୍ପର ମହାନଦୀ ଉପରେ ଆଡୁଡ଼ା-ଆୟଉପୁର ମଧ୍ୟରେ ଏକ ସେତୁ ନିର୍ମାଣ କରାଯିବ। ଏଥିପାଇଁ କଟକ ସଦର ତହସିଲଦାର ସୁଜୟ କୁମାର ପତିଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଆୟଉପୁର ଆସି ଜମିଜମା ଉପରେ ସର୍ଭେ କରିଥିଲେ। ଏଥିରେ ସହଯୋଗ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା। ୨୦୨୫ରେ ପ୍ରଥମେ ସାଲେପୁର ପଟୁ ସେତୁ କାମ ଆରମ୍ଭ ହୋଇ ଆୟଉପୁରର ସିଦ୍ଧଦେବୀ ମନ୍ଦିର ନିକଟରେ ଶେଷ ହେବ ବୋଲି ତହସିଲଦାର ପତି କହିଛନ୍ତି।

### 'ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ,୧୨।୯ (କାର୍ତ୍ତିକ ସାହୁ)

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ୍ ରେଡ୍‌କ୍ରସ ଆନୁକୂଲ୍ୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ସହଯୋଗରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ. ଅକ୍ଷୟ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା ମଣ୍ଡଳୀ ସଭାପତି ଡ. ଦିଲ୍ଲୀପ କୁମାର କର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ବ୍ୟାଙ୍କ ଅଧିକାରୀ ଜଗତ ପ୍ରସାଦ ଦାସ କହିଛନ୍ତି, ଛାତ୍ରୀଛାତ୍ର ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ବେଦ, ସନାତନ ଧର୍ମ, ଚିକାଗୋ ସମ୍ମିଳନୀ, ଗୁରୁଶିଷ୍ୟ ପରମ୍ପରା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଡ. ସରୋଜ କୁମାର ଦାଶ ଛାତ୍ରୀଛାତ୍ରଙ୍କୁ ବିଶ୍ୱରେ ଭ୍ରାତୃତ୍ୱ ଭାବ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ଚନ୍ଦନା ମହାନ୍ତି ଧନ୍ୟବାଦ ଦେଇଥିଲେ। ଭାରତୀୟ ସଂସ୍କୃତି ପ୍ରଚାର ସମିତିର କାର୍ଯ୍ୟକର୍ତ୍ତା ଜୀବନଜ୍ୟୋତି ଦାସ, ଗୁରୁ ପ୍ରସାଦ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଆଶୁତୋଷ ଚୌଧୁରୀ, ମୋନାଲିସା ପାତ୍ର, ସୌମ୍ୟରଞ୍ଜନ ବେହେରା ଏବଂ ରାଜ କୁମାରଙ୍କୁ ପୁରସ୍କୃତ କରାଯାଇଥିଲା।

# ପାର୍ବଣ ପୂର୍ବରୁ ରାସ୍ତା ମରାମତି କର

କଟକ,୧୨।୯ (କାର୍ତ୍ତିକ ସାହୁ)

କଟକ ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ସ୍ଥାନରେ ଏବେ ବି ରାସ୍ତା ଖୋଳାଯାଉଛି। ଯାତାୟାତବେଳେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ପାର୍ବଣ ସମୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟିହେବା ଆଶଙ୍କା ଦେଖାଦେଇଛି। ତେଣୁ ପାର୍ବଣ ପୂର୍ବରୁ ସମସ୍ତ ରାସ୍ତାଘାଟ ମରାମତି କରିବା ଲାଗି ହାଇକୋର୍ଟ କଟକ ମହାନଗର ନିଗମ(ସିଏମ୍‌ସି), ପୂର୍ତ୍ତ ବିଭାଗ ଓ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହ ସହର ସମସ୍ୟା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ



**ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା**

ସହର ସମସ୍ୟା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠରେ ହୋଇଥିଲା। ଆସନ୍ତା ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁଯାୟୀ, ସିଏମ୍‌ସି ଅଧୀନରେ ଥିବା ୧୫ଟି ୱାର୍ଡର ରାସ୍ତା ଓ ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ନେଇ ଆଡ୍‌ଭୋକେଟ୍ କମିଟି ପକ୍ଷରୁ ଗୁରୁବାର ହାଇକୋର୍ଟଙ୍କୁ ଫଟୋ ଓ ଭିଡିଓ ସହ ଦର୍ଶାଯାଇଥିଲା। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ସିଏମ୍‌ସି କମିଶନର ଦାୟିତ୍ୱରେ ଥିବା ଅଧିକାରୀ ହାଜର ହୋଇ ପକ୍ଷ ରଖିଥିଲେ। ତେବେ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଓ ପରିମଳକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପାର୍ବଣ ସମୟରେ ଅଧିକ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେବା ଆଶଙ୍କା ରହିଛି। ଏହାର ପ୍ରଭାବ ପରିବେଶ ଓ ଜନସାଧାରଣଙ୍କ ଉପରେ ପଡିବ। ଏହାକୁ ଦୃଷ୍ଟିରେ ରଖି ପାର୍ବଣ ସମୟରେ ବିଭିନ୍ନ ପୂଜାମଣ୍ଡପରେ ଆବଶ୍ୟକତାଠାରୁ ଅଧିକ ଶବ୍ଦରେ ଗୀତ ନ ବଜାଇବା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପୋଲିସ ପ୍ରଶାସନ ଓ ପୂଜା କମିଟି କାର୍ଯ୍ୟକର୍ତ୍ତା ଗୁରୁତ୍ୱ ଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏଥିସହ ପୂଜା ପୂର୍ବରୁ ରାସ୍ତାଘାଟ ଆଲୋକୀକରଣ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ପରମ୍ପରା ବଜାୟ ରଖିବା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ପରିବେଶର ସୁରକ୍ଷା ଦିଗରେ ଅଧିକ ସଚେତନ ହେବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି। ପାର୍ବଣରେ ଶବ୍ଦ ପ୍ରଦୂଷଣ ନେଇ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ସେ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବା ଲାଗି କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



କଟକ ମାନସିଂପାଟଣା ଅଞ୍ଚଳରେ ତାରକସୀ କାରିଗର ନୂତନ ଚାନ୍ଦିମେଢ କାମ କରୁଛନ୍ତି।




ଉଚ୍ଛେଦ ପୂର୍ବରୁ ଥଇଥାନ ଦାବିରେ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ପୁରୀଘାଟ ନିକଟରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ଚୋରି, ବେଆଇନ ମଦ କାରବାର ମାମଲାରେ ୬ ଗିରଫ

ଚୌଦ୍ୱାର,୧୨।୯(ଆଶୁତୋଷ ଦାସ)

ଚୋରି ଓ ଚୋରା ମଦ କାରବାର ମାମଲାରେ ଚୌଦ୍ୱାର ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଚାରବାଟିଆ ବିରାଟବଜାରସ୍ଥିତ ଶାନ୍ତି ପ୍ଲାଜାର ଏକ ଦୋକାନରୁ ଚୋରି ହୋଇଥିଲା। ଏନେଇ ଦୋକାନ ମାଲିକ ରିତୁ ଭକ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୨/୨୪) ରୁଜୁ କରିଛି। ଏହି ଘଟଣାରେ କଟକ କାଫଲା ବଜାର ଅଞ୍ଚଳର ଲିପନ୍ ସ୍ୱାଇଁ, ଲିଟୁ ସାମଲ, ଶଙ୍କର ପାତ୍ର ଓ ଟୁବୁଲା ସାମଲଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ଚୋରା ମଦ କାରବାର ଅଭିଯୋଗରେ ଓଟିଏମ୍ କଲୋନୀର ରଶ୍ମିରଞ୍ଜନ ମହାନ୍ତି ଓ କୁଶାଲ ମୁଣ୍ଡାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଦୁଇଟି ମାମଲା (ନଂ.୪୭୪,୪୭୫/୨୪) ରୁଜୁ ହୋଇଛି।

## 'ରେଭେନ୍‌ଶାର ବିକାଶ ପାଇଁ ସମୂହ ପ୍ରୟାସ ହେଉ'

କଟକ,୧୨।୯(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିତର୍କ ସମ୍ପୂର୍ଣ୍ଣ ଅନାବଶ୍ୟକ ଓ ଅଭିସନ୍ଧିମୂଳକ। ଏହି ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ସମୂହ ପ୍ରୟାସ ହେଉ ବୋଲି ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ କୁହାଯାଇଛି। ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ବୁଦ୍ଧିଜୀବୀ, ପୁରାତନ ଓ ବର୍ତ୍ତମାନର ଛାତ୍ରଙ୍କୁ ନେଇ ଏକ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରେଭେନ୍‌ଶାରେ ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ କରିବା, ଯୁଦ୍ଧକାଳୀନ ଭିତ୍ତିରେ ଦ୍ୱିତୀୟ କ୍ୟାମ୍ପସର ଆବଶ୍ୟକ ବିକାଶ କରିବା, ଚଳିତ ଶିକ୍ଷାବର୍ଷରୁ ଛାତ୍ର ସଂସଦ ନିର୍ବାଚନ କରାଯିବା, ଉଚ୍ଛେଦ କରାଯାଇଥିବା ସ୍ୱତନ୍ତ୍ର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଇନକୁ ପୁନର୍ବାର ପ୍ରଣୟନ କରିବା ଦାବି ଉପରେ ବକ୍ତାମାନେ ମତ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଚରମ ବିପର୍ଯ୍ୟୟ ଦେଖାଦେଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଶ୍ରେଣୀଗୃହ, ପାଠାଗାର, ଅଧ୍ୟାପକ ଅଭାବ ଭଳି ସମସ୍ୟାରୁ ଦୃଷ୍ଟି ହଟାଇବାକୁ ଯୋଜନାବଦ୍ଧ ଭାବରେ ନାମକରଣ ବିତର୍କ ସୃଷ୍ଟି କରାଯାଇଛି ବୋଲି କୁହାଯାଇଛି। ଅଭିଯାନର ବରିଷ୍ଠ ସଦସ୍ୟ ବିଶ୍ୱାବସୁ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସିଦ୍ଧାର୍ଥ ରଥ ସଭାର ପ୍ରସ୍ତାବ ପାଠ କରିଥିଲେ। ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଅକ୍ଷୟ ଦାସ, ଚିତ୍ତରଞ୍ଜନ ମହାନ୍ତି, ଶଶିଭୂଷଣ ବେହେରା, ଶିଶିର ଦାସ, ମହେନ୍ଦ୍ର କାୟସ୍ତ, କ୍ଷୀରୋଦ ମହାପାତ୍ର, ବଟ କିଶୋର ରାୟ, କୃଷ୍ଣକେଶବ ମିଶ୍ର, କ୍ଷୀରୋଦ ରାଉତ, ଖଗେଶ୍ୱର ସେଠୀଙ୍କ ସମେତ ଅନ୍ୟମାନେ ବକ୍ତବ୍ୟ ଦେଇଥିଲେ।



ବୈଠକରେ ରେଭେନ୍‌ଶା ବିକାଶ ଅଭିଯାନର ସଦସ୍ୟ ଓ ଅନ୍ୟମାନେ।

### ମହାବୀର ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

କଟକ,୧୨।୯ (କାର୍ତ୍ତିକ ସାହୁ)

ଦରଘାବଜାରସ୍ଥିତ ମହାବୀର ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଭାବେ ଶରତ କୁମାର ବେହେରା, ସଭାପତି ରଞ୍ଜନ କୁମାର ସାହୁ, ଉପ ସଭାପତି ନାରାୟଣ ଚନ୍ଦ୍ର ବେହେରା, ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ସହ ସମ୍ପାଦକ ରାଜେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ବେହେରା, ସହ କୋଷାଧ୍ୟକ୍ଷ ପ୍ରତାପରୁଦ୍ର ବେହେରା ମନୋନୀତ ହୋଇଛନ୍ତି। ସେହିପରି ମହାବୀର ଯୁବକ ସଂଘର ସଭାପତି ଭାବେ ଶୁଭମ୍ ମିଶ୍ର ଓ ସମ୍ପାଦକ ଭାବେ ସୁନିଲ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି। ତେବେ ନିର୍ବାଚିତ କମିଟିକୁ ସୁଚାରୁରୂପେ ପରିଚାଳନା ତଥା ମାର୍ଗଦର୍ଶନ କରିବା ପାଇଁ ବୟୋଜ୍ୟେଷ୍ଠ ଓ ଅଭିଜ୍ଞ ବ୍ୟକ୍ତିଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏଥିରେ ପ୍ରଣବ କର, ପର୍ଶୁରାମ ବେହେରା, ଚକ୍ରଧର ଖଟୁଆ, ପ୍ରଭାତ ସେଠୀ ଓ ମନୋଜ ଦାସ ପ୍ରମୁଖ ରହିଛନ୍ତି।

## ସୂଚନା, ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ବାଙ୍କୀ ଗସ୍ତ



ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉପନିର୍ଦ୍ଦେଶକ ହେମନ୍ତ ନାୟକ ସମୀକ୍ଷା କରୁଛନ୍ତି।

ବାଙ୍କୀ,୧୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ସତ୍ୟରଞ୍ଜନ ସାହୁ)

ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଗୁରୁବାର ପୂର୍ବାହ୍ନରେ ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଦୈନନ୍ଦିନ କାର୍ଯ୍ୟ ସହ ରାଜ୍ୟ ଓ ଜାତୀୟ ଦିବସ ପାଳନ ସମ୍ପର୍କରେ ସମୀକ୍ଷା କରିଥିଲେ। ଖବରକାଗଜ ଗୁଡ଼ିକର ବିବରଣୀ ସମ୍ପର୍କରେ ଅବଗତ ହୋଇଥିଲେ। ଏସବୁ କାର୍ଯ୍ୟ ସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ ସୂଚନା ଦେଇଥିଲେ। ଏହାପରେ ନାୟକ ବାଙ୍କୀ ସୂଚନା ଓ ଲୋକସମ୍ପର୍କ ବିଭାଗର ନବ ନିର୍ମିତ ପାଠାଗାର ବୁଲି ଦେଖିଥିଲେ। ନାୟକଙ୍କ ସହ କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀଶଙ୍କର ଭୂୟାଁ ମଧ୍ୟ ଆସିଥିଲେ। ଉପନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ବାଙ୍କୀ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ସାହୁ, ସଞ୍ଜୀବ କୁମାର ନାୟକ, କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ।

## ନ୍ୟାୟ ପାଇଁ ଧାରଣା

**ନିର୍ଯାତନାର ଶିକାର ହେଲେ ରୋନାଲିସା**

ସାଲେପୁର,୧୨।୯(ଅରବିନ୍ଦ ଭୂୟାଁ)

ଶାଶୁଘର ଲୋକଙ୍କ ନିର୍ଯାତନାର ଶିକାର ହୋଇ ନ୍ୟାୟ ନିମନ୍ତେ ଜଣେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯାଇ ନ ଥିଲା। ପ୍ରତିବାଦରେ ସେ, ମା'ଙ୍କ ସହ ସାଲେପୁର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ସମ୍ପୃକ୍ତ ମହିଳା ହେଲେ ସାଲେପୁର ଥାନା ଅନ୍ତର୍ଗତ ଛୋଟିପଡ଼ା ଗ୍ରାମର ରୋନାଲିସା ଦାଶ। ସେ ୨୦୧୮ରେ ବଡ଼ଚଣା ଥାନା ଅନ୍ତର୍ଗତ ସିହା ଗ୍ରାମର ଛବୀନ୍ଦ୍ର ଦାଶଙ୍କ ପୁଅ ଅଶ୍ୱିନୀ ଦାଶଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବି ମୁତାବକ ୧ଲକ୍ଷ ଟଙ୍କା, ସୁନାରୁପା ଅଳଙ୍କାର ଓ ବହୁ ଆସବାବପତ୍ର ଦିଆଯାଇଥିଲା। ବିବାହର କିଛି ଦିନ ପରେ ରୋନାଲିସା ଜାଣିବାକୁ ପାଇଲେ ଯେ ତାଙ୍କ ସ୍ୱାମୀର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଛି। ଏହାକୁ ବିରୋଧ କରିବାରୁ ତାଙ୍କ ସ୍ୱାମୀ ତାଙ୍କୁ ବିଭିନ୍ନ ସମୟରେ ମାରଧର କରିଛନ୍ତି। ଶେଷରେ ନିର୍ଯାତନା ସହି ନ ପାରି ରୋନାଲିସା ବାପଘରକୁ ପଳାଇଆସି ଏ ସମ୍ପର୍କରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ କରି ଆଜି ରୋନାଲିସା ଓ ତାଙ୍କ ମା' ନ୍ୟାୟ ପାଇବା ପାଇଁ ଦାବି କରି ସାଲେପୁର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ସାଲେପୁର ଥାନା ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଥାନା ସମ୍ମୁଖରେ ମା'ଙ୍କ ସହ ରୋନାଲିସା ଦାଶ ଧାରଣାରେ ବସିଛନ୍ତି।

## ହତ୍ୟା ଅଭିଯୋଗ ଆଣି ଥାନା ସମ୍ମୁଖରେ ପ୍ରତିବାଦ

ନିଶ୍ଚିନ୍ତକୋଇଲି/ସାଲେପୁର, ୧୨।୯ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)

ନିଶ୍ଚିନ୍ତକୋଇଲିସ୍ଥିତ ୮ ନଂ. କେନାଲରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ମିଳିଛି। ଖବରପାଇ କଟକ ଜିଲା ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ମୃତଦେହ ପାଣିରୁ ବାହାର କରିଛି। ମୃତକ ହେଲେ କିଶନନଗର ଥାନା ତଥା ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ମୁଗୁରିଆ ଗ୍ରାମର ଗୁରୁଚରଣ ମହାନ୍ତିଙ୍କ ପୁଅ ବିଶ୍ୱଜିତ ମହାନ୍ତି(୨୮)। ନିଶ୍ଚିନ୍ତକୋଇଲି ପୋଲିସ ଘଟଣାସ୍ଥଳରୁ ମୃତଦେହ ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏଥିସହ ତାଙ୍କ ପକେଟରୁ ଏକ ମୋବାଇଲ ଓ କିଛି ଟଙ୍କା ଜବତ କରିଛି। ସେ ସାଲେପୁର ବ୍ଲକରେ ୪ବର୍ଷ ହେବ ରହୁଥିଲେ। ଏନେଇ ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ଅପରପକ୍ଷେ ବିଶ୍ୱଜିତ୍‌ଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ କେନାଲରେ ଫିଙ୍ଗି ଦିଆଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରି ଗ୍ରାମବାସୀଙ୍କ ସହ ମିଶି ଥାନାରେ ପ୍ରତିବାଦ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱଜିତ୍ ସାଲେପୁରସ୍ଥିତ ଏକ ଘରୋଇ କମ୍ପାନୀରେ କ୍ୟାଶିୟରଭାବେ କାର୍ଯ୍ୟ କରୁଥିଲେ। ସେ କମ୍ପାନୀର ମ୍ୟାନେଜର କୃତ୍ତିବାସ ମହାପାତ୍ର ଏବଂ ସୁପରଭାଇଜର ଅମିୟ ସ୍ୱାଇଁଙ୍କ ସହ ଏକାଠି ଶିଶୁଆ କେନାଲ ରୋଡ୍‌ରେ ରହୁଥିଲେ। ୧୦ ତାରିଖ ରାତିରେ ବିଶ୍ୱଜିତ୍ ବାପାଙ୍କୁ କଲ୍ କରି କହିଥିଲେ, କମ୍ପାନୀର ମାଲିକ, ମ୍ୟାନେଜର ଓ ସୁପରଭାଇଜର ମିଶି ତାଙ୍କୁ ବହୁତ ମାଡ଼ ମାରିଛନ୍ତି। ଏପରିକି ତାଙ୍କ ସୁନାଚେନ, ମୁଦି, ଗାଡି, ଏଟିଏମ୍ ଓ ପାନ୍ କାର୍ଡ ସବୁ ଛଡ଼ାଇ ନେଇଛନ୍ତି। ରାତି ସୁଦ୍ଧା ଟଙ୍କା ନ ଦେଲେ ମାରିଦେବେ ବୋଲି ଧମକ ଦେଇଛନ୍ତି। ଏତିକି କହିବା ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ଏହାପରେ ପରିବାର ଲୋକେ ଯେତେ ଚେଷ୍ଟା କଲେ ମଧ୍ୟ ମୋବାଇଲ୍ ଫୋନ ଲାଗି ନ ଥିଲା। ୧୧ ତାରିଖରେ କମ୍ପାନୀ ମାଲିକ ଏବଂ କେତେଜଣ କର୍ମଚାରୀ ବିଶ୍ୱଜିତ୍‌ଙ୍କ ଘରେ ପହଞ୍ଚି ସେ କୁଆଡ଼େ ପଳାଇ ଯାଇଥିବା କହିଥିଲେ। ଏହାପରେ ଗୁରୁଚରଣ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଗୁରୁବାର ସକାଳେ କେନାଲରୁ ବିଶ୍ୱଜିତ୍‌ଙ୍କ ମୃତଦେହ ମିଳିବା ପରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ କହିଛନ୍ତି। ଏହି ଘଟଣା ପ୍ରଚାରିତ ହେବାପରେ ମୁଗୁରିଆ ଗ୍ରାମବାସୀ ସାଲେପୁର ଥାନାରେ ପହଞ୍ଚି ପୋଲିସ ଏହି ଘଟଣାକୁ ହାଲୁକା ଭାବେ ନେବାରୁ ବିଶ୍ୱଜିତ୍‌ଙ୍କୁ ହତ୍ୟା କରାଗଲା ବୋଲି କହି ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ.୩୬୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସାଲେପୁର ପୋଲିସ ଅଭିଯୁକ୍ତ ମ୍ୟାନେଜର ଓ ସୁପରଭାଇଜରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ବୋଲି ଆଇଆଇସି ମନୋଜ କୁମାର ସ୍ୱାଇଁ କହିଛନ୍ତି।




ପରିବାର ସଦସ୍ୟ ଓ ଗ୍ରାମବାସୀ ଥାନା ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

**କେନାଲରୁ ଯୁବକଙ୍କ ମୃତଦେହ ଜବତ**

- ୧୦ ତାରିଖ ରାତିରେ କଲ୍ କରି ମାଡ଼ ଦିଆଯାଇଥିବା କହିଥିଲେ
- ସାଲେପୁର ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା



ବିଶ୍ୱଜିତ୍ ମହାନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୨୪ Bhubaneswar, Friday, September 13/ 2024

# କୋରିଆକୁ ୩-୧ରେ ହରାଇଲା ଭାରତ

**ହୁଲୁନବୁଇର, ୧୨।୯(ପି.ଟି.)**

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ଗୁରୁବାର କୋରିଆକୁ ୩-୧ରେ ପରାସ୍ତ କରିଛି। ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଡବଲ୍ ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ

**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

**ହରମନ୍‌ପ୍ରୀତ୍‌ଙ୍କ ଡବଲ ଗୋଲ୍**

ହରମନ୍‌ପ୍ରୀତ୍‌ଙ୍କ ନେତୃତ୍ୱାଧୀନ ଦଳ ଚାଇନାକୁ ୩-୦, ଜାପାନକୁ ୫-୧ ଓ ବୁଧବାର କୋରିଆକୁ ୮-୧ରେ ପରାସ୍ତ କରିଥିଲା। ୩ ମ୍ୟାଚ୍‌ରେ ଅପରାଜେୟ ରହିଥିବା ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପ୍ରଥମ କ୍ୱାର୍ଟରରେ ହିଁ ୨-୦ରେ ଆଗୁଆ ରହିଥିଲା। ମାଲେସିଆ ବିପକ୍ଷରେ ଡବଲ୍ ଗୋଲ କରିଥିବା ଅରାଇଚିତ ସିଂ ହୁଣ୍ଡାଲ ଅଷ୍ଟମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ମ୍ୟାଚ୍‌ର ନବମ ଓ ୪୩ ତମ ମିନିଟରେ ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ ହରମନ୍‌ପ୍ରୀତ୍। କୋରିଆ ପକ୍ଷରୁ ୩୦ତମ ମିନିଟରେ ଜିହୁନ୍ ୟାଙ୍ଗ ପେନାଲ୍ଟି କର୍ନରରୁ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ଭାରତ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି।

ଚମତ୍କାର ଫର୍ମରେ ଥିବା ଭାରତ ପ୍ରଥମରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ସୁଖଜିତ ସିଂହଙ୍କ ପାଖରୁ ଚମତ୍କାର ଷ୍ଟ୍ରୋକ ଜରିଆରେ ସ୍କୋର ଭାରତକୁ ଆଗୁଆ କରିଥିଲେ ଅରାଇଜିତ। ଏହାର ଗୋଟିଏ ମିନିଟ ପରେ ଭାରତ ପକ୍ଷରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଅଧିନାୟକ ହରମନ୍‌ପ୍ରୀତ୍। ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲେ ମଧ୍ୟ କୋରିଆ ପ୍ରାଧାନ୍ୟ ବିସ୍ତାର କରି ଭାରତୀୟ ଖେଳାଳିଙ୍କୁ ଚାପରେ ରଖିଥିଲା। ଭାରତର ରିଜର୍ଭ ଗୋଲକିପର ସୂରଜ କାରକେରାଙ୍କୁ ସୁଯୋଗ ମିଳିଥିବା ବେଳେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରୁ ଜିହୁନ୍ ୟାଙ୍ଗ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିବା ବେଳେ ୩୫ତମ ମିନିଟ୍‌ରେ କ୍ରମାଗତ ଦୁଇଟି ପେନାଲ୍ଟି ମିଳିଥିଲା। ତେବେ ଭାରତୀୟ ଗୋଲକିପର ଏହାକୁ ରୋକିବାରେ ସକ୍ଷମ ହୋଇଥିଲେ। ୪୩ତମ ମିନିଟ୍‌ରେ ହରମନ୍‌ପ୍ରୀତ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପାକିସ୍ତାନ ବିପକ୍ଷରେ ଶନିବାର ଭାରତ ଏହାର ଶେଷ ଲିଗ୍ ମ୍ୟାଚ୍ ଖେଳିବ।



ଭାରତ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପଦକ ବିଜେତାଙ୍କୁ ଭେଟିଲେ ମୋଦି

**ନୂଆଦିଲ୍ଲୀ, ୧୨।୯(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ର ପଦକ ବିଜେତା ଆଥଲେଟ୍ ମାନଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଖେଳାଳିମାନେ ମୋଦିଙ୍କୁ ଭେଟିଥିଲେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏକ ୪୩ ସେକେଣ୍ଡର ଭିଡିଓ ଜାରି କରାଯାଇଛି, ଯେଉଁଥିରେ ମୋଦି ଖେଳାଳିମାନଙ୍କ ସହ ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ପ୍ୟାରିସ୍‌ରେ ୨୯ ପଦକ ଜିତି ଭାରତ ଏହାର ପାରାଲିମ୍ପିକ୍ସ ଇତିହାସର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ୭ ସ୍ୱର୍ଣ୍ଣ ସହ ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ଜିତି ଇତିହାସ ରଚିଥିଲେ ଭାରତୀୟ ଆଥଲେଟ୍। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ପାରାଲିମ୍ପିକ୍ସ କମିଟି ଅଫ ଇଣ୍ଡିଆ ମୁଖ୍ୟ ଦେବେନ୍ଦ୍ର ଝାଝରିଆ ଉପସ୍ଥିତ ଥିଲେ। ହୁଇଲ ଚେୟାରରେ ଥିବା ଶୁଟର ଅଭନି ଲେଖରା, ଜୁଡୋରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା କପିଲ ପରମାର ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏପରି କି କପିଲ ନିଜ ପଦକରେ ପ୍ରଧାନମନ୍ତ୍ରୀଙ୍କ ଅଟୋଗ୍ରାଫ୍ ମଧ୍ୟ ନେଇଥିଲେ। ଭାରତ ଚଳିତ ସଂସ୍କରଣରେ ୮୪ ଜଣିଆ ଦଳ ପଠାଇଥିବା ବେଳେ ଟୋକିଓର ପଦକ ସଂଖ୍ୟା ୧୯କୁ ଅତିକ୍ରମ କରିଥିଲା। ଏପରି କି ଆଥ୍‌ଲେଟିକ୍ସର ଟ୍ରାକ୍ ଇଭେଣ୍ଟ ଓ ଜୁଡୋରେ ଭାରତ ପ୍ରଥମ ପଦକ ହାସଲ କରିଥିବା ବେଳେ ଆର୍ଚେରୀରେ ହରବିନ୍ଦର ସିଂ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତ୍ୟାବର୍ତ୍ତନ ପରେ ସ୍ୱର୍ଣ୍ଣ ବିଜେତା ଖେଳାଳିଙ୍କୁ ୭୫ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୫୦ ଲକ୍ଷ ଓ ବ୍ରୋଞ୍ଜ ବିଜେତାଙ୍କୁ ୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ। ଆର୍ଚେରୀର ମିକ୍ସଡ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ରାକେଶ କୁମାର ଓ ଶୀତଲ ଦେବୀଙ୍କୁ ୨୨.୫ ଲକ୍ଷ ଟଙ୍କାର ଅର୍ଥରାଶି ମିଳିବ।


ପାରାଲିମ୍ପିକ୍ସ ଆଥ୍‌ଲେଟ୍‌ଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ଚୋପ୍ରା, ସାବ୍‌ଲେ

**ବ୍ରସେଲ୍ସ, ୧୨।୯ (ପି.ଟି.):** ବିଶ୍ୱର ଷ୍ଟାର ଆଥ୍‌ଲେଟମାନଙ୍କୁ ନେଇ ଡାଇମଣ୍ଡ ଲିଗ୍ ସିଜନ ଫିନାଲେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ଭାରତୀୟ ଦଳର ନେତୃତ୍ୱ ନେବେ ଜାଭେଲିନ୍ ଥ୍ରୋ ଷ୍ଟାର ନୀରଜ ଚୋପ୍ରା ଓ ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ। ସ୍ଥାନୀୟ କିଙ୍ଗ ବାଉଡିନ୍ ଷ୍ଟାଡିୟମରେ ୩୨ଟି କ୍ରୀଡ଼ାକୁ ନେଇ ଏହି ଇଭେଣ୍ଟ ଦୁଇ ଦିନ ଧରି ଚାଲିବ। ଏଥିରେ ଭାଗ ନେଉଥିବା ପ୍ରମୁଖ ଆଥ୍‌ଲେଟମାନଙ୍କ ମଧ୍ୟରେ ରହିଛନ୍ତି, ପୋଲ୍‌ଭଲ୍ଟ ବିଶ୍ୱ ରେକର୍ଡଧାରୀ ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍, ଆମେରିକାନ ସ୍ପ୍ରିଣ୍ଟ କୁଇନ୍ ଶା'କାରୀ ରିଚାର୍ଡସନ ଏବଂ ସୁପରଷ୍ଟାର ହର୍ଡଲର ସିଡ୍‌ନୀ ମ୍ୟାକ୍‌ଲାଫିନ୍। ଅଲିମ୍ପିକରେ ୧୧ଶ ସ୍ଥାନ ଅଧିକାର କରିଥିବା ଜାତୀୟ ରେକର୍ଡଧାରୀ ୩୦୦୦ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ପ୍ରଥମ ଥର ଫାଇନାଲରେ ଭାଗ ନେବାକୁ ଯାଉଛନ୍ତି।

# ବିଜୟ ସହ ଭାରତର ଅଭିଯାନ


ଭାରତୀୟ ମହିଳା ଚେସ୍ ଦଳ।

**ବୁଦାପେଷ୍ଟ, ୧୨।୯**

**୪୫ତମ ଚେସ୍ ଅଲିମ୍ପିଆଡ୍**

ଚେସ୍ ଅଲିମ୍ପିଆଡ୍‌ର ୪୫ତମ ସଂସ୍କରଣ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡରେ ପ୍ରଭାବୀ ପ୍ରଦର୍ଶନ କରି ଭାରତର ଉଭୟ ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭାରତୀୟ ମହିଳା ଦଳ ଜାମାଇକାକୁ ୩.୫-୦.୫ ପଏଣ୍ଟରେ ପରାସ୍ତ କରିଛି। ଭାରତ ପକ୍ଷରୁ ଆର. ବୈଶାଳୀ, ଦିବ୍ୟା ଦେଶମୁଖ ଓ ତାନିଆ ସଚ୍ଚଦେବ ବିଜୟୀ ହୋଇଥିବାବେଳେ ଭାନ୍ତିକା ଅଗ୍ରୱାଲ ନିଜ ମ୍ୟାଚ ଡ୍ର ରଖିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଭାରତ ପ୍ରତିପକ୍ଷ ଚେକ୍ ରିପବ୍ଲିକ୍‌କୁ ଭେଟୁଛି। ଏଥିରେ ଭାରତର ଦ୍ରୋଣାଭାଲି ହାରିକା, ଦିବ୍ୟା ଦେଶମୁଖ, ଭାନ୍ତିକା ଅଗ୍ରୱାଲ ଓ ତାନିଆ ସଚ୍ଚଦେବ ଖେଳୁଛନ୍ତି। ଓଡ଼ିଶା ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭୁ ମିଶ୍ର ଭାରତୀୟ ମହିଳା ଦଳର ସପୋର୍ଟ ଷ୍ଟାଫ୍ ଅଛନ୍ତି। ଚେକ୍ ରିପବ୍ଲିକ୍ ପ୍ରଥମ ରାଉଣ୍ଡରେ ୪-୦ରେ ଗୁଆମକୁ ପରାସ୍ତ କରିଥିଲା।

ଓପନ ବିଭାଗରେ ଭାରତ ପ୍ରଥମ ରାଉଣ୍ଡରେ ୪-୦ରେ ମରକ୍କୋକୁ ପରାସ୍ତ କରିଛି। ଧଳା ଦାନରେ ଆର. ପ୍ରଜ୍ଞାନନ୍ଦ ଓ ଭିଦିତ ସନ୍ତୋଷ ଗୁଜରାଠି ଏବଂ କଳା ଦାନରେ ଅର୍ଜୁନ ଇରିଗାସି ଓ ପେଣ୍ଟାଲା ହରିକ୍ରିଷ୍ଣା ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଇସଲାଣ୍ଡକୁ ଭେଟୁଛି ଭାରତ। ଏଥିରେ ଡି. ଗୁକେଶ, ଅର୍ଜୁନ ଇରିଗାସି, ଭିଦିତ ସନ୍ତୋଷ ଗୁଜରାଠି ଓ ପେଣ୍ଟାଲା ହରିକ୍ରିଷ୍ଣା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

ପ୍ରକାଶଯୋଗ୍ୟ ଯେ, ଭାରତୀୟ ମହିଳା ଦଳ ପ୍ରତିଯୋଗିତାରେ ଟପ୍ ସିଡ୍‌ର ମାନ୍ୟତା ପାଇଛି। ପଛକୁ ଜର୍ଜିଆ ଦ୍ୱିତୀୟ ଓ ପୋଲାଣ୍ଡ ତୃତୀୟ ସିଡ୍‌ର ମାନ୍ୟତା ପାଇଛି। ଚାଇନା ଓ ୟୁକ୍ରେନ ଏହା ପଛରେ ରହିଛନ୍ତି। ଅନ୍ୟପକ୍ଷରେ ଭିଦିତ ଗୁଜରାଠି, ଆର. ପ୍ରଜ୍ଞାନନ୍ଦ, ଡି. ଗୁକେଶ, ଅର୍ଜୁନ ଇରିଗାସି ଓ ପି. ହରିକ୍ରିଷ୍ଣାଙ୍କୁ ନେଇ ଗଠିତ ଭାରତୀୟ ଯୁବ ପୁରୁଷ ଦଳ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। ପ୍ରତିଯୋଗିତାର ଓପନ ବିଭାଗରେ ରେକର୍ଡ ସଂଖ୍ୟକ ୧୯୩ ଏବଂ ମହିଳାରେ ୧୮୩ ଦଳ ଅଂଶଗ୍ରହଣ କରୁଛନ୍ତି। ହଙ୍ଗେରି ରାଜଧାନୀରେ ଏହି ପ୍ରତିଯୋଗିତା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ୟୁପି, ଉତ୍ତରାଖଣ୍ଡ, ମହାରାଷ୍ଟ୍ର ବିଜୟୀ

**ଜଲନ୍ଧର, ୧୨।୯ (ପି.ଟି.):** ଏଠାରେ ଚାଲିଥିବା ୧୪ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ପୁରୁଷ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଏହାଛଡ଼ା ଗୁରୁବାର ମଣିପୁର, ଝାଡ଼ଖଣ୍ଡ ଓ ବିହାର ମଧ୍ୟ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଦିନର ଓପନିଂ ଗେମ୍ ହାଇସ୍କୋରିଂ ଥିଲା। ଏଥିରେ ଛତିଶଗଡ଼ ବିପକ୍ଷରେ ଉତ୍ତରାଖଣ୍ଡ ୭-୫ ଗୋଲ୍‌ରେ ବିଜୟ ଲାଭ କରିଥିଲା। ପରେ ଉତ୍ତରପ୍ରଦେଶ ୬-୧ ଗୋଲ୍‌ରେ ପୁଦୁଚେରୀକୁ ପରାସ୍ତ କରିଥିଲା। ଏକ ଏକତରଫା ମ୍ୟାଚରେ ମହାରାଷ୍ଟ୍ର ୧୭-୧ଗୋଲ୍‌ରେ ଗୋଆକୁ ହରାଇ ଦେଇଛି। ସେହିପରି ହିମାଚଳ ବିପକ୍ଷରେ ମଣିପୁର ୨-୦ ଏବଂ ବେଙ୍ଗଲ ବିପକ୍ଷରେ ଝାଡ଼ଖଣ୍ଡ ୫-୧ ଗୋଲ୍‌ରେ ବିଜୟ ଲାଭ କରିଛି।

# ମୁମ୍ବାଇ-ମୋହନବାଗାନ ଖେଳିବେ ଉଦ୍‌ଘାଟନୀ

**କୋଲକାତା, ୧୨।୯(ପି.ଟି.)**

**ଆଜିଠୁ ଇଣ୍ଡିଆନ୍ ସୁପର୍ ଲିଗ୍**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ୧୧ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି। ବିଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ ମୁମ୍ବାଇ ସିଟି ଏଫ୍‌ସି ଓ ମୋହନବାଗାନ ସୁପର ଜାଏଣ୍ଟ ମଧ୍ୟରେ ପ୍ରଥମ ମ୍ୟାଚ୍ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯିବ। କୋଲକାତାର ୩ ପୁରାତନ କ୍ଲବ ଚଳିତବର୍ଷ ଅଂଶଗ୍ରହଣ କରୁଥିବା ବେଳେ ମୁକାବିଲା ଅଧିକ ରୋଚକ ହୋଇଛ। ପୂର୍ବରୁ ମୋହନ ବାଗାନ ଓ ଇଷ୍ଟବେଙ୍ଗଲ ଯୋଗ୍ୟତା ହାସଲ କରି ସାରିଥିବା ବେଳେ ଆଇ ଲିଗ୍ ଚାମ୍ପିୟନ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ଏହା ସହ ଅନଓ୍ୱର ଅଲୀଙ୍କୁ ନେଇ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଚାଲିଥିବା ବିବାଦ ସ୍ଥିତିକୁ ଅଧିକ ରୋଚକ କରିଛି।

ଗତ ସିଜନରେ ଲିଗ୍ ସିଲ୍ଡ ହାସଲ କରିଥିବା ମୋହନ ବାଗାନ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ପରାଜିତ ହୋଇଥିଲା। ଚଳିତ ସିଜନ ପାଇଁ ଅଷ୍ଟ୍ରେଲିଆନ ଏ ଲିଗ୍ ଖେଳାଳି ଜେମି ମ୍ୟାକ୍‌ଲରେନ୍‌ଙ୍କୁ ମୋହନ ବାଗାନ ସାଇନ୍ କରିଛି। ତେବେ ଜେମି ବର୍ତ୍ତମାନ ଆହତ ଅଛନ୍ତି। ତେବେ ଚଳିତ ସିଜନରେ ଦଳର ଡିଫେନ୍ସ ବେଶ୍ ଦୁର୍ବଳ ମନେ ହେଉଛି। ଅନଓ୍ୱର ଅଲୀ ଇଷ୍ଟ ବେଙ୍ଗଲରେ ଯୋଗଦେଇଥିବା ବେଳେ ବ୍ରେଣ୍ଡନ ହାମିଲ ଓ ହେକ୍ଟର ୟୁଷ୍ଟେ ମଧ୍ୟ କ୍ଲବ୍ ଛାଡି ସାରିଛନ୍ତି।

ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ଅଧିନାୟକ ରାହୁଲ ଭେକେ, ଆପୁଇଆ, ଆଲବର୍ଟୋ ନୋଗୁଏରା ଓ ଜର୍ଜ ପେରେରା ଡିଆଜ ଦଳ ଛାଡିଥିବା ବେଳେ ବ୍ରାଣ୍ଡନ ଫର୍ନାଣ୍ଡେସ୍, ଜେରେମି ମାଞ୍ଜୋରୋ, ଜନ୍ ଟୋରାଲ, ଟି.ପି. ରେହେନେଶ, ହିତେଶ ଶର୍ମା ଓ ସାହିଲ ପନଓ୍ୱର ଦଳରେ ଯୋଗ ଦେଇଛନ୍ତି। ନୂଆ ଖେଳାଳିଙ୍କୁ ଦଳରେ ସାମିଲ କରିବା କୋଚ୍ ଜୋସ୍ ମୋଲିନାଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିପାରେ।

## ଡେଭିସ୍ କପ୍ ଫାଇନାଲ୍ସରେ ଜର୍ମାନୀ

**ଝୁହାଇ, ୧୨।୯ (ଏପି):** ଗୁରୁବାର ଚିଲି ବିପକ୍ଷରେ ୨-୦ରେ ଅଗ୍ରଣୀ ପରେ ଜର୍ମାନୀ ଡେଭିସ୍‌କପ୍ ଟେନିସ ପ୍ରତିଯୋଗିତାର ଫାଇନାଲ୍ସରେ ପ୍ରବେଶ କରିଛି। ଚାଇନାର ଝୁହାଇସ୍ଥିତ ଇନ୍‌ଡୋର ହାର୍ଡକୋର୍ଟରେ ଗ୍ରୁପ୍ 'ସି'ର ଡବଲ୍ସ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଏକ ସିଙ୍ଗଲ୍ସ ମ୍ୟାଚରେ ଜର୍ମାନୀର ମାକ୍ସିମିଲାନ ମାର୍ଟରେର ୬-୧, ୬-୩ ସେଟ୍‌ରେ ଟୋମାସ ବାରିଅସ୍ ଭେରାଙ୍କୁ ହରାଇ ଦେଇଛନ୍ତି। ପରେ ୟାନିକ୍ ହାମ୍ପମାନ ୭-୫, ୬-୪ରେ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଫାଇନାଲ୍ସ ପାଇଁ ଆଗୁଆ ସ୍ଥାନ ପକ୍କା କରିସାରିଛି।

# ମହିଳା ୪x୧୦୦ମି. ମିଡ୍‌ଲେ: ଓଡ଼ିଶାକୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣପଦକ ବିଜେତା ୪x୧୦୦ ମିଟର ମିଡ୍‌ଲେ ରିଲେ ଦଳ।

**ଭୁବନେଶ୍ୱର, ୧୨।୯ (ତପନ ସ୍ୱାଇଁ)**

**ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍**

ଜାତୀୟ ସିନିୟର ସନ୍ତରଣ ଓଡ଼ିଶା ପ୍ରତିଯୋଗୀଙ୍କ ଚମକ ଜାରି ରହିଛି। କର୍ଣ୍ଣାଟକର ମାଙ୍ଗାଲୋରଠାରେ ଚାଲିଥିବା ୭୭ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପର ମହିଳା ୪x୧୦୦ ମିଟର ମିଡ୍‌ଲେ ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୨୭.୯୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ପ୍ରତ୍ୟାଶା ବ୍ୟାକ୍‌ଷ୍ଟ୍ରୋକ୍, ମନ୍ନତା ବ୍ରେଷ୍ଟ ଷ୍ଟ୍ରୋକ୍, ସୃଷ୍ଟି ବଟରଫ୍ଲାଏ ଓ ସୋନିଆ ଫ୍ରିଷ୍ଟାଇଲ ସୁଇମିଂ କରିଥିଲେ। ମହାରାଷ୍ଟ୍ର ଟିମ୍ ୪:୨୮.୧୮ ସେକେଣ୍ଡ ସହ ରୌପ୍ୟ ଓ ଆରଏସପିବି ଦଳ ୪:୩୧.୧୬ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ପୂର୍ବରୁ ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରଥମ ସୁଇମରଭାବେ ପ୍ରତ୍ୟାଶା ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ।

ସେହିପରି ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସୋନିଆ ପଟେଲ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୯:୦୩.୫୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ